- Vol.- 46, Issue No. 145
- Tuesday, 25 August 2026
- ମଙ୍ଗଳବାର, ୨୫ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ସମାଧାନ ଉପରେ ସର୍ବୋଚ୍ଚ ପ୍ରାଥମିକତା



- ★ ମୂଳନୀତି ହେଉଛି- ସହାନୁଭୂତି, ସମବେଦନା ଓ ସହୃଦୟତା
- ★ ସରକାର ଲୋକଙ୍କ ସୁଖଦୁଃଖରେ ଅଛି ଓ ରହିବ
- ★ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୨୦ତମ ପାଳି
- ★ ୧୯ ପାଳି ସୁଦ୍ଧା ୯୫ ପ୍ରତିଶତ ସମାଧାନ
- ★ ଜିଲ୍ଲାସ୍ତରରେ ୮୭ ପ୍ରତିଶତ ଅଭିଯୋଗର ସମାଧାନ
- ★ ୧୬ ଦୁରାରୋଗ୍ୟ ପୀଡ଼ିତଙ୍କ ପାଇଁ ୧୪.୫୦ ଲକ୍ଷ ଟଙ୍କା ତୁରନ୍ତ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୮(ନିପ୍ର): ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି- ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ସୋମବାର ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି ଏପରି କହିଛନ୍ତି। ମୁଖ୍ୟମନ୍ତ୍ରୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀମଣ୍ଡଳର ୧୦ଜଣ ବରିଷ୍ଠ ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଶୁଣି ତା'ର ସମାଧାନ କରିବାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯେଉଁଠି ଲୋକଙ୍କ ସମସ୍ୟା ଅଛି, ଆମ ସରକାର ସେଠାରେ ନିଶ୍ଚୟ ପହଞ୍ଚିଥାନ୍ତି। ବନ୍ୟା, ବାତ୍ୟା, ମରୁଡି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ଲୋକଙ୍କ ପାଖରେ ଆମେ ପହଞ୍ଚୁଛୁ ଓ ସେମାନଙ୍କୁ ସହାୟତା ପ୍ରଦାନ କରୁଛୁ। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ଆମ ସରକାର ଲୋକଙ୍କ ସୁଖଦୁଃଖରେ ଅଛି ଓ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ୍ ୯୫ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି।ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପିମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁଲାଇ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗ ଶୁଣାଣି ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି।

ପୁରୀ କୁମ୍ଭାରପଡ଼ା ଅଞ୍ଚଳରେ ଚାଞ୍ଚଲ୍ୟ !

## ମା'କୁ ମାରି ଘରେ ପ୍ଲାଷ୍ଟର କରିଦେଲା ପୁଅ



ପୁରୀ, ୨୪।୮: ମା'କୁ ମାରି ଭଡ଼ାଘରେ ପ୍ଲାଷ୍ଟର କରିଦେଲା ପୁଅ । ପୁରୀ କୁମ୍ଭାରପଡ଼ାରେ ଏହି ଅଘଟଣ ସାଧାରଣରେ ହଇଚଇ ସୃଷ୍ଟି କରିଛି। ଭଡ଼ାଘରର ରୋଷେଇ ଘରର ସ୍ଲାବ ତଳେ ପୁଅ ମା'ର ଶବ ପୋତି ଦେଇଥିବା କୁହାଯାଇଛି। ଘର ମାଲିକ ମନୋରମା ସାହୁଙ୍କ ସୂଚନା ଅନୁଯାୟୀ ଦୁଇ ମାସ ତଳେ ଜଣେ ମାଆ ଏବଂ ପୁଅ ଆସି ତାଙ୍କ ଘରେ ଆସି ଭଡ଼ା ରହିଥିଲେ । ଗତକାଲି ଠାରୁ ପୁଅ ଜଣଙ୍କ ଫେରାର ମାରିଥିବା ବେଳେ ମାଆ ଜଣଙ୍କର ପତ୍ତା ନାହିଁ । ତେବେ ସେ ଭଡ଼ା ରହୁଥିବା ରୋଷେଇ ଘରୁ ସୋମବାର ପ୍ରବଳ ଗନ୍ଧ ଆସିବାରୁ ସନ୍ଦେହ ହୋଇଥିଲା। ରୋଷେଇ ଘର ସ୍ଲାବ ତଳେ ପୁଅ ମା'କୁ ପ୍ଲାଷ୍ଟର କରିଦେଇଥିବା ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ । ଚଟାଣରେ ଆସି ପାଣି ବର୍ଜ୍ୟ ଭାସୁଥିବା ବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଥିବାରୁ ମୃତ ଶରୀରଟି ଶଢ଼ି ଯାଇଥିବା ସନ୍ଦେହ କରାଯାଉଛି। ସୂଚନା ପାଇବା ପରେ କୁମ୍ଭାରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରୋଷେଇ ଘର ସ୍ଲାବ୍ ତଳୁ ମୃତଦେହକୁ ଉଦ୍ଧାର କରାଯାଇଛି ।

## ବିଦ୍ୟୁତ୍ ନେଲା ୨ ଚାଷୀଙ୍କ ଜୀବନ

ଜଗତସିଂହପୁର, ୨୪।୮: ଜଗତସିଂହପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ବେନୁଖଣ୍ଡା ଗ୍ରାମରେ ସୋମବାର ଘଟିଛି ହୃଦୟବିଦାରକ ଅଘଟଣ। ବିଲରେ ଚାଷ କାମ ସାରି ଟ୍ରାକ୍ଟରରେ ଫେରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ୨ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ହେଲେ ସାଗର ଭୋଇ ଓ ଅଜୟ କୁମାର ସାହୁ। ସୂଚନା ଅନୁଯାୟୀ, ଉଭୟେ ବିଲରେ ଟ୍ରାକ୍ଟର ସାହାଯ୍ୟରେ ହଳ କାମ କରି ଘରକୁ ଫେରୁଥିଲେ। ସେହି ସମୟରେ ଟ୍ରାକ୍ଟରର ରୋଟର ମାଟି ତଳେ ଥିବା ଲିଫ୍ଟ ଇରିଗେଶନ ପମ୍ପର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଉଭୟ ଯୁବକ ଘଟଣାସ୍ଥଳରେ ଗୁରୁତର ବିଦ୍ୟୁତ୍ ଆଘାତ ପାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କାଟି ସେମାନଙ୍କୁ ଉଦ୍ଧାର କରି ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ।

## ଜଷ୍ଟିସ୍ ଗୋପାଳ ବଲ୍ଲଭ ପଟ୍ଟନାୟକଙ୍କୁ ନୂଆ ଦାୟିତ୍ୱ




ଭୁବନେଶ୍ୱର, ୨୪।୮: ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଗୋପାଳ ବଲ୍ଲଭ ପଟ୍ଟନାୟକଙ୍କୁ ଓଡ଼ିଶା ଲୋକାୟୁକ୍ତ ଚୟନ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ସେକ୍ସନ-୪(୧)(ଇ) ଅଧୀନରେ ଏହି ନିଯୁକ୍ତି ତାଙ୍କୁ ମିଳିଛି । ଏହା ରାଜ୍ୟର ସାଧାରଣ ପ୍ରଶାସନ ତଥା ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି ।

## ସେପ୍ଟେମ୍ବର ୫ରେ ସିଜେପିର ଆନ୍ଦୋଳନ ଡାକରା

ନୂଆଦିଲ୍ଲୀ, ୨୪।୮: ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ କରି ଦେଶରେ ନୂଆ ସମ୍ଭାବନା ସୃଷ୍ଟି କରିଥିବା କକ୍ରୋଚ ଜନତା ପାର୍ଟି (ସିଜେପି) ସୋମବାର ବଡ଼ ଘୋଷଣା କରିଛି। ଦେଶର ଜେନ୍ ଜିଙ୍କୁ କେନ୍ଦ୍ର ସରକାର ଧୋକା ଦେଇଥିବା ଅଭିଯୋଗ କରିଛି ସିଜେପି।ଏଥିପାଇଁ ଦେଶର ଯୁବଗୋଷ୍ଠୀ ସିଜେପି ନେତୃତ୍ୱରେ ପୁଣି ବିକ୍ଷୋଭ ଶୋଭାଯାତ୍ରା କରିବେ। ଆସନ୍ତା ସେପ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଶତାଧିକ ଯୁବକ ଶୋଭାଯାତ୍ରା କରି ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଅଭିମୁଖେ ଯିବେ ବୋଲି ସିଜେପି ଘୋଷଣା କରିଛି। ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ ସରକାର ସିଜେପିର ଦାବି ଗୁଡ଼ିକ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। କିନ୍ତୁ ସରକାର ନିଜ ପ୍ରତିଶ୍ରୁତି ପୂରଣ କରି ନଥିବା ସିଜେପି ଅଭିଯୋଗ କରି ପୁଣି ଆନ୍ଦୋଳନର ଡାକରା ଦେଇଛି।

## ୩୦ରେ ହେବ ନିଟ୍ ପିଜି ପରୀକ୍ଷା

### ସକାଳ ୯ରୁ ୧୨ଟା ୩୦ ଯାଏଁ ଗୋଟିଏ ସିଫ୍ଟ




ନୂଆଦିଲ୍ଲୀ, ୨୪।୮: ଆସନ୍ତା ଅଗଷ୍ଟ ୩୦ରେ ଅନୁଷ୍ଠିତ ହେବ ନିଟ୍ ପିଜି ପରୀକ୍ଷା। ଅଗଷ୍ଟ ୨୪ ତାରିଖରେ ଜାରି ନୂଆ ସୂଚନା ଅନୁଯାୟୀ, ଏବେ ପରୀକ୍ଷାର୍ଥୀମାନେ ଅଗଷ୍ଟ ୨୫ରୁ ଆଡମିଟ୍ କାର୍ଡ ହାସଲ କରିପାରିବେ। ଦେଶର ୩୪୦ ସହରର ପ୍ରାୟ ୧୩ଶହ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ହେବ। ସ୍ନାତକୋତ୍ତର ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବା ପ୍ରାର୍ଥୀମାନେ ଏନବିଇଏମଏସ୍ ପୋର୍ଟାଲ ମାଧ୍ୟମରେ ନିଜର ହଲ୍ ସମ୍ପର୍କରେ ତଥ୍ୟ ଆଡମିଡ୍ କାର୍ଡ ଡାଉନଲୋଡ୍ ଜାଣିପାରିବେ ବୋଲି ଏଥିରେ କୁହାଯାଇଛି। ନିଟ୍-ପିଜି ପରୀକ୍ଷା ଗୋଟିଏ ଶିଫ୍ଟରେ ଅନୁଷ୍ଠିତ ହେବ। ପିଲାମାନେ ସକାଳ ୯ରୁ ୧୨ଟା ୩୦ ଯାଏ ପରୀକ୍ଷା ଦେବେ। କମ୍ପ୍ୟୁଟର ଆଧାରିତ ମୋଡ୍‌ରେ ଏହି ପରୀକ୍ଷା ହେବ ବୋଲି ନୋଟିସରେ ପୁଣି ସ୍ପଷ୍ଟ କରାଯାଇଛି।

## ସେବା ଖିଲାପ କଲେ ବାବୁ ଗଣିବେ ଦଣ୍ଡ

- ➔ ଉଚିତ କାରଣ ନ ଦର୍ଶାଇଲେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା
- ➔ କାର୍ଯ୍ୟକାରୀ ହେବ ସ୍ୱୟଂ-ଅପିଲ୍ ସିଷ୍ଟମ୍




ଭୁବନେଶ୍ୱର୨୪।୮: ଏଣିକି ଜନସାଧାରଣଙ୍କୁ ସେବା ଦେବାରେ ଅବହେଳା କଲେ ନିଜେ ଦଣ୍ଡ ଗଣିବେ ସମ୍ପୃକ୍ତ ଅଧିକାରୀ । ଜନତାଙ୍କ ଆବେଦନକୁ ବିନା କାରଣରେ ପକାଇ ରଖିବା କିମ୍ବା ସମାଧାନ ନ କରିବା ବଦଳରେ ନିଜ ଦରମାରୁ ଅଧିକାରୀମାନେ ଫାଇନ୍ ଦେବେ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଓଡ଼ିଶା ସାଧାରଣ ସେବା ଅଧିକାର ଆଇନ ୨୦୧୨ ଅଧୀନରେ ଜନସାଧାରଣଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେବା ପ୍ରଦାନ କରିବା ସୁନିଶ୍ଚିତ କରେ । ଏହି ସେବାକୁ ଆହୁରି ସୁଦୃଢ଼ ଓ ସୁନିଶ୍ଚିତ କରିବାକୁ ଏକ ସ୍ୱତଃ ଆବେଦନ ବା ଅଟୋ-ଅପିଲ୍ ବ୍ୟବସ୍ଥା ଲାଗୁ କରାଯାଇଛି। ଏହାର ଏସଓପି ଅନୁସାରେ ଯେକୌଣସି ବିଭାଗର ଅଧିକାରୀଙ୍କୁ ଆସୁଥିବା ଅଭିଯୋଗକୁ ସମ୍ପୃକ୍ତ ଅଧିକାରୀଙ୍କୁ ମନେ ପକାଇଦେବ। ଯଦି ଏହା ପରେ ମଧ୍ୟ ସମ୍ପୃକ୍ତ ଅଧିକାରୀ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା ନଜର ଆସିବେ ତେବେ ତାଙ୍କ ଦରମାରୁ ସେ ନିଜର ଦଣ୍ଡ ଗଣିବେ। ସ୍ୱୟଂ-ଅପିଲ୍ ସିଷ୍ଟମ୍ ସାଧାରଣ ସେବା ପାଇଁ ଆବେଦନ କରୁଥିବା ଆବେଦନକୁ ସ୍ୱୟଂଚାଳିତ ଭାବରେ ଆପେଲେଟ୍ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବା ପାଇଁ ଡିଜାଇନ୍ କରାଯାଇଛି । ଯେତେବେଳେ ନିଯୁକ୍ତ ଅଧିକାରୀ ଆଇନ ଅନୁଯାୟୀ ସୂଚିତ ସମୟ ସୀମା ମଧ୍ୟରେ ଆବେଦନରେ ସେବା ପ୍ରଦାନ କରିବାରେ ବିଫଳ ହେବେ ତେବେ ଏହା ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବ । ସେଠାରେ ଆପିଲେଟ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ୩୦ ଦିନ ମଧ୍ୟରେ ସମାଧାନ ନ ହୁଏ ତେବେ ସେହି ବ୍ୟବସ୍ଥା ସ୍ୱୟଂଚାଳିତ ଭାବରେ ଆବେଦନଟି ରିଭିଜିନାଲ୍ କର୍ତ୍ତୃପକ୍ଷଙ୍କ ନିକଟରୁ ଯିବ । ତେବେ ମାମଲା ସମାଧାନରେ ବିଳମ୍ବକୁ ନେଇ ସମ୍ପୃକ୍ତ ଅଧିକାରୀଙ୍କୁ ଫାଇନ୍ ଦେବାକୁ ପଡ଼ିବ। ପ୍ରତ୍ୟେକ ଦିନ ହିସାବରେ ୨୫୦ ଟଙ୍କା ଲେଖାଏଁ ଏବଂ ଉଚିତ କାରଣ ନ ଦର୍ଶାଇଲେ ଅତିବେଶିରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଦଣ୍ଡ ଗଣିବେ।

## ମହାରାଷ୍ଟ୍ର ହସ୍ପିଟାଲରେ ୩ ଶିଶୁ ଜୀବନ୍ତଦଗ୍ଧ

### ୫ ଲକ୍ଷ ଟଙ୍କା ସହାୟତା ଘୋଷଣା
### ତଦନ୍ତ ପାଇଁ କମିଟି ଗଠନ

ଅମରାବତୀ, ୨୪।୮: ସୋମବାର ସକାଳେ ମହାରାଷ୍ଟ୍ରର ଅମରାବତୀ ଜିଲ୍ଲା ମହିଳା ଡାକ୍ତରଖାନାର ନିଓନାଟାଲ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ଏନଆଇସିୟୁ) ରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୩ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ସମୟରେ ପ୍ରାୟ ୩୯ ଜଣ ନବଜାତ ଶିଶୁ ଏନଆଇସିୟୁରେ ଚିକିତ୍ସିତ ହେଉଥିଲେ। ଛଅ ଜଣ ପିଲାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଏକ ସୁପର ସ୍ପେଶାଲିଟି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।ସୂଚନା ଅନୁଯାୟୀ, ଡାକ୍ତରଖାନାର ତୃତୀୟ ମହଲାରେ ଭୋର ପ୍ରାୟ ୩ଟା ୩୦ ମିନିଟରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇବା ମାତ୍ରେ କର୍ତ୍ତବ୍ୟରତ ଡାକ୍ତର, ନର୍ସ ଏବଂ ଡାକ୍ତରଖାନାର ଅନ୍ୟ କର୍ମଚାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ କହିଛନ୍ତି ଯେ ଅମରାବତୀର ଜିଲ୍ଲା ମହିଳା ହସ୍ପିଟାଲରେ ଲାଗିଥିବା ନିଆଁ ଘଟଣାର ତଦନ୍ତ ପାଇଁ ସାତ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି। ଏହି କମିଟିକୁ ତଦନ୍ତ ପାଇଁ ଏକ ସପ୍ତାହ ଦିନର ସମୟ ଦିଆଯାଇଛି। ତଦନ୍ତ କମିଟିର ରିପୋର୍ଟ ଆସିବା ପରେ ଦୋଷୀ ପାଇଯାଇଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ମୁଖ୍ୟମନ୍ତ୍ରୀ ପୀଡିତ ପରିବାରଗୁଡ଼ିକୁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

## କୋଟପାଡ଼ ବନ୍ୟା: ୧୫ରୁ ଅଧିକ ଗାଁ ପ୍ରଭାବିତ

- ● କଳାହାଣ୍ଡିରେ ୨ ଦିନରେ ୧୩୦୦ ମିମି ବର୍ଷା: ରାଜସ୍ୱ ମନ୍ତ୍ରୀ
- ● ୫୦ ବର୍ଷ ପରେ ପ୍ରାୟ ସମସ୍ତ ନଦୀରେ ଏକସଙ୍ଗେ ବନ୍ୟା ପରିସ୍ଥିତି
- ● ଲଘୁଚାପ ପ୍ରଭାବ : ୯ ସ୍ଥାନରେ ୧୦୦ ମି.ମିରୁ ଅଧିକ ବର୍ଷା ରେକର୍ଡ
- ● ୩୧ ପର୍ଯ୍ୟନ୍ତ ବର୍ଷିପାରେ



ଜୟପୁର/ଭବାନୀପାଟଣା/ଭୁବନେଶ୍ୱର ୨୪।୮: ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ଗୁମୁଡା, ସଡ଼ରଙ୍ଗା, ଚାନ୍ଦଲି , ଗୀର୍ଲ୍ଲା, ଧାମନହଣ୍ଡି ପଞ୍ଚାୟତର ୧୫ରୁ ଅଧିକ ଗାଁ ପାଣି ଘେରରେ ରହିଛି। ଜଳମଗ୍ନ, ଇନ୍ଦ୍ରାବତୀ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ନଦୀରେ ଜଳ ପତ୍ତନ ବୃଦ୍ଧି ପାଇ ପ୍ରଭାବିତ, ଜଳ ନିଷ୍କାସନ ପାଇଁ ଗୋଟିଏ ଗେଟ ଖୋଲା ଯିବାରୁ କୋଟପାଡ଼ର ୫ଟି ପଞ୍ଚାୟତର ୧୫ରୁ ଅଧିକ ଗାଁ ର ବର୍ତ୍ତମାନ ପର୍ଯ୍ୟନ୍ତ ୨୫୦ ପରିବାରର ପ୍ରଭାବିତ ଲୋକଙ୍କୁ ପ୍ରଶାସନ ତରଫରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ହଠାତ୍ ପାଣି ମାଡ଼ି ଆସିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ । ପ୍ରଶାସନ ତରଫରୁ ଓଡ୍ରାଫ ଓ କୋଟପାଡ଼ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ପ୍ରଶାସନ ତରଫରୁ ବସ୍ ଯୋଗେ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ନିଆଯାଇଛି । ଜୟପୁର ଉପଜିଲାପାଳ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି । କଳାହାଣ୍ଡିରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ଦୁଇ ଦିନରେ ପ୍ରାୟ ୧୩୦୦ ମିମି ବର୍ଷା ହୋଇଥିବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଲଘୁଚାପ ପ୍ରଭାବରେ ରାଜ୍ୟର ୯ଟି ସ୍ଥାନରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି ।ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ସୋମବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ସାଳନ୍ଦୀ ନଦୀରେ ଜଳ ସ୍ତର ବଢ଼ିଛି। ହୀରାକୁଦରେ ୧୬ ଟି ଗେଟ୍ ଖୋଲାଯାଇଛି। ସେପଟେ ମହାନଦୀରେ ବନ୍ୟା ଆଶଙ୍କା ନାହିଁ। ସୁବର୍ଣ୍ଣରେଖାରେ ଜଳସ୍ତର ସତର୍କ ସଙ୍କେତ ତଳେ ପ୍ରବାହିତ ହେଉଛି। ବର୍ଷା ଦୁଇ ତିନି ଦିନ ଛାଡିଲେ ତଳ ମୁଣ୍ଡରେ ଜଳ ଖସିବ। ଆଗାମୀ ୭ ଦିନ ଅର୍ଥାତ୍ ୨୪ ତାରିଖ ସକାଳ ଠାରୁ ଆସନ୍ତା ୩୧ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି ।

## ୬ ଜିଲ୍ଲାର ବହୁ ବ୍ଲକ ପ୍ରଭାବିତ

- ■ ୧୮.୬ ପ୍ରତିଶତ ଅଧିକ ବର୍ଷା
- ■ ବିପଦ ସଂକେତ ଉପରେ ବୈତରଣୀ

ଭୁବନେଶ୍ୱର, ୨୪।୮ : ଉତ୍ତର ଉପକୂଳ ଓଡ଼ିଶା ଏବଂ ସଂଲଗ୍ନ ଅଞ୍ଚଳ ଉପରେ ସୃଷ୍ଟି ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ସଂଲଗ୍ନ ଅଞ୍ଚଳ ଉପରେ ଅବସ୍ଥିତ ରହିଛି। ଏହା ଆଗାମୀ ୨୪ ଘଣ୍ଟାରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି ।ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସୂତ୍ରରୁ ଏହି ସୂଚନା ମିଳିଛି ।ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ୨ଟି ବ୍ଲକ(ଭୋଗରାଇ ଓ ବାଲିଆପାଳ), ଭଦ୍ରକର ୨ଟି(ତିହିଡ଼ି, ଚାନ୍ଦବାଲି), ଯାଜପୁରର ୫ଟି(ଦଶରଥପୁର, ବରୀ, ରସୁଲପୁର, ବିଞ୍ଝାରପୁର, ଯାଜପୁର), କେନ୍ଦ୍ରାପଡ଼ାର ୫ଟି(ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା), କଳାହାଣ୍ଡିର ୫ଟି (ଥୁଆମୂଳ ରାମପୁର, ଜୟପାଟଣା, କଲମପୁର, କୋକସରା, ଜୁନାଗଡ଼) ଏବଂ କୋରାପୁଟର ଗୋଟିଏ ବ୍ଲକ୍ (କୋଟପାଡ଼) ପ୍ରଭାବିତ ହୋଇଛି। ବିଭିନ୍ନ ଜିଲ୍ଲାରେ ରିଲିଫ୍ କ୍ୟାମ୍ପ ମାଧ୍ୟମରେ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ବନ୍ୟା ଓ ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ୍ରାଫ, ଏନଡିଆରଏଫ ଏବଂ ଅଗ୍ନିଶମବାହିନୀ ମୁତୟନ ହୋଇଛନ୍ତି। ଏକ ସୂଚନା ଅନୁଯାୟୀ ବୈତରଣୀର ଆଖୁଆପଦା ଠାରେ ବିପଦ ସଂକେତ ୧୮.୩୩ ମିଟର ଥିବା ବେଳେ ସୋମବାର ୧୮.୫୦ ମିଟର ପହଞ୍ଚିଛି।

## ମହାବାହୁଙ୍କ ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି, ରକ୍ଷା ବନ୍ଧନରେ ପିନ୍ଧିବେ...

# ନାଲି,ନେଳି, ହଳଦିଆ ଓ ବାଇଗଣି ରଙ୍ଗର ରାକ୍ଷୀ









**ଶ୍ରା**ବଣ ମାସର ପୂର୍ଣ୍ଣିମାରେ ପବିତ୍ର ରକ୍ଷା ବନ୍ଧନ । ମହାପ୍ରଭୁଙ୍କ ମାନବୀୟଲୀଳା ମଧ୍ୟରେ ରକ୍ଷା ବନ୍ଧନ ଅନନ୍ୟ ପର୍ବ। ଶ୍ରୀମନ୍ଦିର ରୀତିନୀତି ଅନୁଯାଇ ବଡଠାକୁର ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଦେବୀ ସୁଭଦ୍ରାଙ୍କ ଠାରୁ ରାଖୀ ପିନ୍ଧିବେ । ଏଥିପାଇଁ ଦୋଳମଣ୍ଡପ ସାହି ସ୍ଥିତ ନିଜ ବାସଭବନରେ ପାଟରା ବିଷୋୟୀ ସେବକ ମାନେ ରାଖୀ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ନାଲି, ନେଳୀ, ହଳଦିଆ ଓ ବାଇଗଣୀ ରଙ୍ଗର ରାକ୍ଷୀ ପିନ୍ଧିବେ ଚତୁର୍ଦ୍ଧାମୂର୍ତ୍ତି । ପବିତ୍ର ଗହ୍ମା ପୁନେଁଇରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କୁ ରାକ୍ଷୀ ପିନ୍ଧାଇବେ ଭଉଣୀ ସୁଭଦ୍ରା। ଦୁଇ ଭାଇ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧି ନିଜ ସୁରକ୍ଷା ଲୋଡିବେ ଦେବୀ ମା ସୁଭଦ୍ରା । ଭାଇ ଭଉଣୀଙ୍କ ଥିବା ଏହି ସମ୍ପର୍କ ଡୋରିର ନିଦର୍ଶନକୁ ଗହ୍ମା ପୁନେଁଇରେ ଦର୍ଶନ କରି ନିଜକୁ ଧନ୍ୟ ମଣିବେ ଭକ୍ତ। ଗତ ଚିତାଲାଗି ଅମାବାସ୍ୟା ଠାରୁ ମହାପ୍ରଭୁଙ୍କ ପାଇଁ ରାକ୍ଷୀ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ମହାପ୍ରଭୁଙ୍କ ରାକ୍ଷୀ ତିଆରି କରୁଥିବା ସ୍ୱତନ୍ତ୍ର ସେବକ ପାଟରା ବିଷୋୟୀ ସେବକ ନିଜ ବାସଗୃହରେ ରାକ୍ଷୀ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ବିଧି ମୁତାବକ ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଟି ଓ ଶ୍ରୀ ବଳଭଦ୍ର ଦୁଇଟି ଲେଖାଏଁ ରାକ୍ଷୀ ପରିଧାନ କରିଥାନ୍ତି। ଏଥିସହ ହାତରେ ଦୁଇଟି ଲେଖାଏଁ ଗୁଆ ମାଳ ପରିଧାନ କରି ରାକ୍ଷୀ ପୂର୍ଣ୍ଣିମାରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଜିଉ। ସେହିପରି ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ମଧ୍ୟ ପାଳନ ହେବ ।ରାକ୍ଷୀ ତିଆରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଟରା ବିଷୋୟୀ ସେବକଙ୍କୁ ଆବଶ୍ୟକ ପରିମାଣର ବାସୁଙ୍ଗା ପାଟ ଯୋଗାଇ ଦିଆଯାଏ। ଏହାକୁ ପ୍ରାକୃତିକ ରଙ୍ଗରେ ବୁଡ଼ାଇ ଖରାରେ ସୁଖାଯାଇଥାଏ। ହଳଦିଆ, ନାଲି, ନେଳି ଓ ବାଇଗଣୀ ରଙ୍ଗରେ ବାସୁଙ୍ଗା ପାଟକୁ ରଙ୍ଗୀନ କରାଯିବା ପରେ ତାକୁ ନିର୍ଦ୍ଦିଷ୍ଟ ମାପରେ କଟାଯାଇ ଗୋଲେଇ ଆକାରରେ ପ୍ରସ୍ତୁତ କରାଯାଇଥାଏ। କାଠ ପାନିଆରେ ଏହାକୁ ସାଇଜ କରାଯାଇ ୫ ଥାକିଆ ରାକ୍ଷୀ ପ୍ରସ୍ତୁତ କରାଯାଏ। ବାସୁଙ୍ଗା ପାଟରେ ଡୋରି ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ଏଥି ସହିତ ୫୪ ଟି ଲେଖାଏଁ ଗୁଆରେ ୪ ଟି ଗୁଆମାଳ ପ୍ରସ୍ତୁତ କରାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ପ୍ରଭୁ ଶ୍ରୀ ବଳଭଦ୍ର ନେଳି ଓ ବାଇଗଣୀ ରଙ୍ଗର ଗୁଅମାଳ ପରିଧାନ କରିଥାନ୍ତି। ଏହା ବ୍ୟତୀତ ବାସୁଙ୍ଗା ପାଟରେ ୧୫ ଟି ଛୋଟ ରାକ୍ଷୀ ପ୍ରସ୍ତୁତ ହୋଇଥାଏ। ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବାଦେବୀ ମଧ୍ୟ ଏହି ଛୋଟ ରାକ୍ଷୀ ପରିଧାନ କରିଥାନ୍ତି। ରାକ୍ଷୀ ନିର୍ମାଣ ପାଇଁ ୧୦ରୁ ୧୨ ଦିନ ସମୟ ଲାଗେ। ଶୁଦ୍ଧପୂତ ଭାବେ ରହି ନିଷ୍ଠାର ସହ ରାଖୀ ତିଆରି କରିବାକୁ ପଡ଼େ। ରାଖୀ ପୂର୍ଣ୍ଣିମା ପୂର୍ବ ଦିନ ରାଖୀ ତିଆରି ସରିଥାଏ। ଗହ୍ମା ପୂର୍ଣ୍ଣିମା ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥାନ୍ତି। ଏହାପରେ ଦୁଇଟି ତାଡ଼ରେ ରାଖୀ ଓ ଗୁଆମାଳ ଶ୍ରୀମନ୍ଦିରକୁ ଯାଇଥାଏ। ମହାପ୍ରଭୁଙ୍କ ସେବାରେ ନିମଗ୍ନ ହୋଇ ଧନ୍ୟମନେ କରିଛନ୍ତି ପାଟରା ବିଷୋୟୀ ସେବକ ସନ୍ତୋଷ କୁମାର ପାତ୍ର ଓ ତାଙ୍କ ପୁତ୍ର ।

## ‘ବିବେକ ଦୃଷ୍ଟି’ ହିଁ ସର୍ବଶ୍ରେଷ୍ଠ

**ସଂ**କୀର୍ଣ୍ଣ ଦୃଷ୍ଟିରେ ଦେଖିବାବାଲା ବ୍ୟକ୍ତି ଗାଁର ସୀମାରୁ ଆଗକୁ ଦେଖିପାରେ ନାହିଁ । ଆଉ ବ୍ୟାପକ ଦୃଷ୍ଟିବାଲାଙ୍କ ପାଇଁ ସମଗ୍ର ସଂସାର ଖୋଲା ହୋଇଥାଏ । ସଂକୀର୍ଣ୍ଣ ଭାବନା କେବଳ ତାତ୍‌କାଳିକ ଲାଭ କିମ୍ବା ସୀମିତ ପରିସ୍ଥିତିକୁ ଦେଖିଥାଏ, ଆଉ ବିରାଟ ଦୃଷ୍ଟି ଭୂତ, ବର୍ତ୍ତମାନ ଆଉ ଭବିଷ୍ୟ ସବୁକୁ ଗୋଟିଏ ସାଙ୍ଗରେ ଦେଖି ପାରିଥାଏ । ବିରାଟ ଦୃଷ୍ଟିରେ ଦେଖିବାବାଲା ବ୍ୟକ୍ତି ଘଟଣାକୁ ଗଭୀର ଅର୍ଥ, ତାହାର ଅଦୃଶ୍ୟ କାରଣ ଆଉ ଦୂରଗାମୀ ପରିଣାମକୁ ବୁଝି ପାରିଥାଏ । ଏହି କାରଣ ଯେ ଋଷିମାନେ ‘ବିବେକ ଦୃଷ୍ଟି’କୁ ସର୍ବଶ୍ରେଷ୍ଠ କହିଛନ୍ତି । ଦୃଷ୍ଟି କେବଳ ଦେଖିବାର ନାମ ନୁହେଁ,ଏହା ସୃଜନର ପ୍ରେରଣା ମଧ୍ୟ ଅଟେ’ । ଯେମିତି ଦୃଷ୍ଟିକୋଣ ହେବ ସେମିତି ଜୀବନର ନିର୍ମାଣ ହେବ । ସଂକୀର୍ଣ୍ଣ ଦୃଷ୍ଟି ସୀମିତ ସଂସାର ରଚିଥାଏ ଆଉ ବ୍ୟାପକ ଦୃଷ୍ଟି ଅନନ୍ତ ସମ୍ଭାବନାଙ୍କର ଦ୍ୱାର ଖୋଲି ଦେଇଥାଏ । ପ୍ରଖ୍ୟାତ ଦାର୍ଶନିକ ବ୍ଲେକ ନିଜର ପୁସ୍ତକ ‘କ୍ରିଏଟିଭ ଭିଜନ’ରେ ଲେଖିଛନ୍ତି ‘ଦୃଷ୍ଟିର ରଚନା ଦିଶା,ସୃଜନର ଦିଶା ନିର୍ଦ୍ଧାରିତ କରିଥାଏ’ । ସୃଜନ କେବଳ ସାଧନାରୁ ନୁହେଁ,ଏହା ବିଚାର ଆଉ ଦୃଷ୍ଟିକୋଣରୁ ଜନ୍ମ ନେଇଥାଏ । ସୃଜନ କରିବା ବାଲା ବ୍ୟକ୍ତି ପ୍ରଥମେ ନିଜର ଦୃଷ୍ଟିକୁ ନିର୍ମଳ,ନିଷ୍କଳଙ୍କ ଆଉ ମହାନ ବନେଇଥାଏ । କାହିଁକିନା ସେଥିରୁ ଉତ୍ପନ୍ନ କାର୍ଯ୍ୟ ମଧ୍ୟ ମହାନ ହେଉ । ବେଦରେ ଈଶ୍ୱରଙ୍କ ଦୃଷ୍ଟିକୁ ତ୍ରିବିଧ କୁହାଯାଇଛି,ସର୍ବବ୍ୟାପକ ଦୃଷ୍ଟି ଯାହା ପ୍ରତ୍ୟେକ ଜାଗାରେ ବ୍ୟାପ୍ତ ଅଟେ,ସର୍ବଦର୍ଶୀ ଦୃଷ୍ଟି ଯାହା ସବୁକିଛି ଦେଇଥାଏ,ସର୍ବଜ୍ଞାନ ଦୃଷ୍ଟି ଯାହା ସବୁ କିଛି ଜାଣିଥାଏ । ଈଶ୍ୱରଙ୍କ ଏହି ଅନନ୍ତ ଦୃଷ୍ଟି,ଅନନ୍ତ ଜ୍ଞାନ ଆଉ ଅନନ୍ତ ଶକ୍ତିର ସ୍ରୋତ ଅଟେ । ଯେତେବେଳେ ମନୁଷ୍ୟ ନିଜର ଦୃଷ୍ଟିକୁ ନିର୍ମଳ କରିଥାଏ ଆଉ ତାହାର ଭାବନା ଆଉ କାର୍ଯ୍ୟ ଦୁହିଁଙ୍କଠାରେ ଦିବ୍ୟତା ଆସିଥାଏ । ଏମିତି ଦୃଷ୍ଟି ନା’ କେବଳ ଜୀବକୁ ସଠିକ୍ ଦିଶା ଦେଇଥାଏ,ତାହା ଆତ୍ମିକ ଆଉ ଭୌତିକ ଦୁହିଁଙ୍କ କ୍ଷେତ୍ରରେ ସଫଳତାର ମାର୍ଗ ଖୋଲିଥାଏ । ପରମାତ୍ମାଙ୍କ ସାନ୍ନିଧ୍ୟ ଆମକୁ ତିନୋଟି ବରଦାନ ଦେଇଥାଏ । ଜୀବନରେ ସମ୍ପୂର୍ଣ୍ଣତା ଆଉ ଆତ୍ମବଳ,ମନ ଆଉ ହୃଦୟର ନିର୍ମଳତା ଏବଂ ସ୍ଥିରତା,ଭକ୍ତି,ଜ୍ଞାନ ଆଉ କର୍ମର ସନ୍ତୁଳନ । ଯେଉଁପରି ବଣରେ ରହିବାବାଲା ସାଧକ ପ୍ରକୃତିର ସାନ୍ନିଧ୍ୟରେ ଆଧ୍ୟାତ୍ମିକ ବଳ ପ୍ରାପ୍ତ କରିଥାଏ,ସେମିତି ହିଁ ଦୃଷ୍ଟିର ନିର୍ମଳତା ଆମକୁ ଜୀବନରେ ଗଭୀର ରହସ୍ୟସମୂହର ଅନୁଭବ କରେଇ ଥାଏ । ଏମିତି ଅନୁଭବରେ ଜୀବନ ନା’ କେବଳ ପୂର୍ଣ୍ଣ ହୋଇଥାଏ,ଆଉ ସେଥିରେ ଆନନ୍ଦ ଶକ୍ତି ଆଉ ଆନନ୍ଦର ପ୍ରବାହ ମଧ୍ୟ ହୋଇଥାଏ । ମନୁଷ୍ୟ ଜୀବନରେ ସର୍ବୋତ୍ତମ ବିକାଶ ଆଉ ସମଗ୍ର ଜୀବନର ଅବଧାରଣା ଭାରତୀୟ ସଂସ୍କୃତିକୁ ବିଶ୍ୱ ସମାଜରେ ଉଚ୍ଚ ସ୍ଥାନ ପ୍ରଦାନ କରିଥାଏ । ଏହା ଏକମାତ୍ର ଏମିତି ସଂସ୍କୃତି ଅଟେ,ଯେଉଁଥିରେ ବିଶ୍ୱ ମାନବତାର କଲ୍ୟାଣର ପାଇଁ ଗୋଟିଏ ଉତ୍‌କୃଷ୍ଟ ଏବଂ ମହାନ ଜୀବନ ଦର୍ଶନ ପ୍ରସ୍ତୁତ କରେଇ ଥାଏ । ବିଶ୍ୱ କୌଣସି ବି ସଂସ୍କୃତିକୁ ମହାନ ବନେଇବା ପାଇଁ ଦୁଇଟା ମହତ୍ତ୍ୱପୂର୍ଣ୍ଣ ପାର୍ଶ୍ୱ ହୋଇଥାଏ । ଜୀବନ ଦୃଷ୍ଟିରେ ଆଉ ଜୀବନ ପଦ୍ଧତି । ଭାରତୀୟ ସଂସ୍କୃତିରେ ଜୀବନ ଦୃଷ୍ଟି ପୂର୍ଣ୍ଣତଃ ଆଧ୍ୟାତ୍ମିକ ଅଟେ । ଆଧ୍ୟାତ୍ମବାଦୀ ଜୀବନ ଦୃଷ୍ଟି ହେବାର କାରଣ ଏହି ସଂସ୍କୃତି ସମସ୍ତଙ୍କଠାରେ ଏକତା,ସମତା ଆଉ ଆପଣାତ୍ୱ ଦେଖିଥାଏ । ଏମିତି ବ୍ୟାପକ ଜୀବନ ଦୃଷ୍ଟିର ଆଧାର ଉପରେ ବିନିର୍ମିତ ଜୀବନ ପଦ୍ଧତି ମଧ୍ୟ ପୂର୍ଣ୍ଣତଃ ଅଧ୍ୟାତ୍ମବାଦୀ ଆଦର୍ଶରେ ସଂଚାଳିତ ହୋଇଥାଏ ।

*-ମନୋଜ କୁମାର ବେହେରା*
*ମୋ-୭୯୭୮୮୩୦୬୧୧*

# କିଏ ପ୍ରଥମେ କାହାକୁ ବାନ୍ଧିଥିଲେ ରାକ୍ଷୀ





**ଭା**ଇ-ଭଉଣୀର ଅତୁଟ ସ୍ନେହ ଓ ଭଲପାଇବାର ପର୍ବ ରକ୍ଷାବନ୍ଧନ । ଭାଇ ହାତରେ ରାକ୍ଷୀ ବାନ୍ଧି ତା’ର ଦୀର୍ଘାୟୁ କାମନା କରେ ଭଉଣୀ, ଆଉ ଭଉଣୀର ମାନ-ସମ୍ମାନ ଓ ସୁରକ୍ଷାର ପ୍ରତିଶ୍ରୁତି ଦିଏ ଭାଇ । ତେବେ ଆପଣ ଜାଣିଛନ୍ତି କି ? କେବେଠୁ ଆରମ୍ଭ ହେଲା ଏହି ପରମ୍ପରା ? କିଏ ପ୍ରଥମେ କାହାକୁ ବାନ୍ଧିଥିଲେ ରାକ୍ଷୀ ? ପୁରାଣରୁ ଇତିହାସ ଯାଏଁ ରହିଛି ଏହାକୁ ନେଇ ଅନେକ ରୋଚକ କାହାଣୀ । ରକ୍ଷାବନ୍ଧନର ଇତିହାସ କେତେ ପୁରୁଣା, ତା’ର ନିର୍ଦ୍ଦିଷ୍ଟ ପ୍ରମାଣ ନଥିଲେ ମଧ୍ୟ ପୁରାଣ ଓ ଲୋକକଥାରେ ଏହି ପର୍ବକୁ ନେଇ ରହିଛି ଅନେକ କାହାଣୀ । ସେଥିମଧ୍ୟରୁ ମାତା ଲକ୍ଷ୍ମୀ ଓ ଅସୁରରାଜ ବଳୀଙ୍କ କାହାଣୀ ବେଶ୍ ଲୋକପ୍ରିୟ । କୁହାଯାଏ, ବଳୀଙ୍କ ଦାନଶୀଳତାରେ ପ୍ରସନ୍ନ ହୋଇ ଭଗବାନ ବିଷ୍ଣୁ ତାଙ୍କୁ ବର ଦେଇଥିଲେ । ବଳୀଙ୍କ ଅନୁରୋଧରେ ବିଷ୍ଣୁ ପାତାଳରେ ରହିଥିଲେ । ଦୀର୍ଘଦିନ ପର୍ଯ୍ୟନ୍ତ ବିଷ୍ଣୁ ବୈକୁଣ୍ଠ ନ ଫେରିବାରୁ ମାତା ଲକ୍ଷ୍ମୀ ଜଣେ ସାଧାରଣ ନାରୀ ବେଶରେ ବଳୀଙ୍କ ପାଖକୁ ଯାଇ ତାଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ବଳୀ ଉପହାର ମାଗିବାରୁ ଲକ୍ଷ୍ମୀ ନିଜର ପ୍ରକୃତ ପରିଚୟ ଦେଇ ବିଷ୍ଣୁଙ୍କୁ ବୈକୁଣ୍ଠ ଫେରାଇ ନେବାକୁ ଅନୁମତି ମାଗିଥିଲେ । ରାକ୍ଷୀର ସମ୍ପର୍କକୁ ସମ୍ମାନ ଦେଇ ବଳୀ ଏଥିପାଇଁ ରାଜି ହୋଇଥିଲେ । ସେହିପରି ଯମରାଜ ଓ ଯମୁନାଙ୍କୁ ନେଇ ମଧ୍ୟ ଏକ କାହାଣୀ ରହିଛି। ଶ୍ରାବଣ ପୂର୍ଣ୍ଣିମାରେ ଯମୁନା ତାଙ୍କ ଭାଇ ଯମରାଜଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ଭଉଣୀର ସ୍ନେହରେ ପ୍ରସନ୍ନ ହୋଇ ଯମରାଜ ତାଙ୍କୁ ଅମର ବର ଦେଇଥିଲେ । ଏହି କାହାଣୀକୁ ଆଧାର କରି ରାକ୍ଷୀ ବାନ୍ଧିବାର ପରମ୍ପରା ସହ ଭାଇର ଦୀର୍ଘାୟୁ ଓ ସୁରକ୍ଷାର କାମନା ଯୋଡ଼ି ହୋଇଥିବା ବିଶ୍ୱାସ ରହିଛି । ସେହିପରି ମହାଭାରତରେ ମଧ୍ୟ କୃଷ୍ଣ ଓ ଦ୍ରୌପଦୀଙ୍କ ସମ୍ପର୍କକୁ ନେଇ ରକ୍ଷାସୂତ୍ରର ଏକ ରୋଚକ କାହାଣୀ ରହିଛି । ଶିଶୁପାଳଙ୍କୁ ବଧ କଲାବେଳେ କୃଷ୍ଣଙ୍କ ଆଙ୍ଗୁଠିରେ କ୍ଷତ ହୋଇଥିଲା। ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପଣତ ଚିରି ତାଙ୍କ ଆଙ୍ଗୁଠିରେ ବାନ୍ଧିଥିଲେ । ଦ୍ରୌପଦୀଙ୍କ ଏହି ସ୍ନେହକୁ କୃଷ୍ଣ ମନେ ରଖିଥିଲେ ଏବଂ ସଙ୍କଟ ସମୟରେ ସହସ୍ର ବସ୍ତ୍ର ଦେଇ ତାଙ୍କ ସମ୍ମାନ ରକ୍ଷା କରିଥିଲେ । ଗଣେଶ ପୁରାଣରେ ମଧ୍ୟ ରାକ୍ଷୀକୁ ନେଇ ଏକ କାହାଣୀ ରହିଛି । ଗଣେଶଙ୍କ ପୁଅ ଶୁଭ ଓ ଲାଭ ଭଉଣୀ ପାଇଁ ଇଚ୍ଛା ପ୍ରକାଶ କରିବା ପରେ ଯଜ୍ଞର ଅଗ୍ନିରୁ ଦେବୀ ସନ୍ତୋଷୀଙ୍କ ଆବିର୍ଭାବ ହୋଇଥିଲେ। କେବଳ ପୁରାଣ ନୁହେଁ, ରାକ୍ଷୀକୁ ନେଇ ଇତିହାସରେ ମଧ୍ୟ ଲୋକପ୍ରଚଳିତ କାହାଣୀ ରହିଛି। ସିକନ୍ଦର ଓ ରାଜା ପୁରୁଙ୍କ ଯୁଦ୍ଧ ସମୟରେ ସିକନ୍ଦରଙ୍କ ପତ୍ନୀ ପୁରୁଙ୍କୁ ରାକ୍ଷୀ ପଠାଇ ସ୍ୱାମୀଙ୍କ ଜୀବନ ଭିକ୍ଷା କରିଥିଲେ। ରାକ୍ଷୀର ମର୍ଯ୍ୟାଦା ରଖି ରାଜା ପୁରୁ ଯୁଦ୍ଧଭୂମିରେ ସିକନ୍ଦରଙ୍କୁ ଜୀବନଦାନ ଦେଇଥିଲେ । ପୁରାଣ ହେଉ କି ଲୋକକଥା, କିମ୍ବା ଇତିହାସ। ରାକ୍ଷୀ ହେଉଛି ସ୍ନେହ, ବିଶ୍ୱାସ ଓ ସୁରକ୍ଷାର ପ୍ରତୀକ । ସମୟ ବଦଳିଛି, ପରମ୍ପରା ବଦଳିଛି, କିନ୍ତୁ ଭାଇ-ଭଉଣୀର ସମ୍ପର୍କକୁ ଆହୁରି ମଜଭୁତ କରୁଥିବା ଏହି ପବିତ୍ର ସୂତ୍ରର ମହତ୍ତ୍ୱ ଆଜି ବି ସମାନ।





# ପୈଗମ୍ବର ମହମ୍ମଦ: ଏକ ଦୃଷ୍ଟିପାତ



**ଈ**ଶ୍ୱର ମଣିଷକୁ ଧରାପୃଷ୍ଠରେ ସର୍ବୋତ୍କୃଷ୍ଟ ପ୍ରାଣୀରୂପେ ଗଢିଛନ୍ତି । ମଣିଷ ଓ ପଶୁ ମଧ୍ୟରେ କେବଳ ଜ୍ଞାନର ମାତ୍ର ଫରକ ରହିଛି । ସମଗ୍ର ବିଶ୍ୱ ମହାମାନବ ପୈଗମ୍ବର ମହମ୍ମଦଙ୍କର ଏବେ ୧୫୦୧ତମ ଜୟନ୍ତୀ ପାଳନ କରୁଛି । ସେ ଇସଲାମିକ କ୍ୟାଲେଣ୍ଡର ଅନୁଯାୟୀ ୧୨ ରବିଉଲ୍ ଅୱଲ, ଇଂରାଜୀ ବର୍ଷ ୨୦ ଅପ୍ରେଲ ୫୭୦ ମସିହାରେ ଆରବ ଦେଶର ମକ୍କା ସହରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପଙ୍କ ନାମ ଅବ୍ଦୁଲ୍ଲାଃ ଏବଂ ମା’ଙ୍କ ନାମ ଆମିନା ଥିଲା । ସେ ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ଏକାଧାରରେ ଜଣେ ଧର୍ମପ୍ରାଣ ମହର୍ଷି, ଧର୍ମ ପ୍ରବର୍ତ୍ତକ, ସୁଦକ୍ଷ ଶାସକ, ବିଜ୍ଞ ବିଚାରପତି, ପ୍ରବୀଣ ରାଜନୀତିଜ୍ଞ, ଦକ୍ଷ ସେନାପତି ଏବଂ ଜଣେ ମହାନ ସମାଜ ସଂସ୍କାରକ । ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ, ଲେଖକ ତଥା ଶ୍ୱେତ ଜାତୀୟତାବାଦୀ ମାଇକେଲ ଏଚ. ହାର୍ଟ ତାଙ୍କ ବିଶ୍ୱ ପ୍ରସିଦ୍ଧ ପୁସ୍ତକ “ଦି ୧୦୦ ଏ ରାଙ୍କିଂ ଅଫ୍ ଦି ମୋଷ୍ଟ ଇନଫ୍ଲୁଏନ୍ସିଆଲ୍ ପର୍ସନ ଇନ୍ ହିଷ୍ଟ୍ରି’ରେ ସେ ଇତିହାସରେ ସବୁଠାରୁ ପ୍ରଭାବଶାଳୀ ୧୦୦ ବ୍ୟକ୍ତି ବିଶେଷଙ୍କ ତାଲିକାରେ ମହାମାନବ ଜଗତଗୁରୁ ପୈଗମ୍ବର ମହମ୍ମଦଙ୍କୁ ଦର୍ଶାଇଛନ୍ତି । ମାଇକେଲ ଏଚ. ହାର୍ଟଙ୍କ ମତରେ ମହମ୍ମଦଙ୍କ ନେତୃତ୍ୱ ଆଧ୍ୟାତ୍ମିକ ଏବଂ ଅଲୌକିକକୁ ମିଶ୍ରଣ କରିଥିଲା । ଯାହା ତାଲିକାଭୁକ୍ତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏକ ଅନନ୍ୟ ମିଶ୍ରଣ ଥିଲା । ଏବଂ ଏହା ତାଙ୍କୁ ସର୍ବୋଚ୍ଚ ସଫଳତା ପ୍ରଦାନ କରିଥିଲା । ଭାରତୀୟ ବିଦ୍ୱାନ ପ୍ରଫେସର କେ.ଏସ୍.ରାମକ୍ରିଷ୍ଣ ରାଓଙ୍କ ମତରେ ‘ ମହମ୍ମଦଙ୍କ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ସତ୍ୟତାକୁ ଜାଣିପାରିବା ଅତ୍ୟନ୍ତ କଷ୍ଟକର । ମୁଁ କେବଳ ତାର ଗୋଟିଏ ଝଲକ ପାଇପାରୁଛି । ମହମ୍ମଦ ହେଉଛନ୍ତି ଧର୍ମପ୍ରବର୍ତ୍ତକ, ମହମ୍ମଦ ହେଉଛନ୍ତି ବୀରପୁରୁଷ, ମହମ୍ମଦ ବ୍ୟବସାୟୀ, ମହମ୍ମଦ ରାଜନୀତିଜ୍ଞ, ମହମ୍ମଦ ହିଁ ବକ୍ତା, ମହମ୍ମଦ କ୍ରୀତଦାସଙ୍କର ସଂରକ୍ଷକ, ମହମ୍ମଦ ନାରୀଜାତିର ମୁକ୍ତିଦାତା, ମହମ୍ମଦ ନ୍ୟାୟାଧୀଶ, ମହମ୍ମଦ ହିଁ ସନ୍ଥ ।’ ରାଷ୍ଟ୍ର ପିତା ମହାତ୍ମା ଗାନ୍ଧୀ କୁହନ୍ତି; “ ମୁଁ ସେହି ବ୍ୟକ୍ତିଙ୍କ ଜୀବନଚରିତ୍ର ଜାଣିବା ପାଇଁ ଉତ୍ସୁକ ହେଲି ଯିଏ ଆଜି କୋଟି କୋଟି ଲୋକଙ୍କ ହୃଦୟରେ ନିଜର ଅଖଣ୍ଡ ପ୍ରଭାବ ବିସ୍ତାର କରିଛନ୍ତି... ପୂର୍ବାପେକ୍ଷା ମୋର ଅଧିକ ହୃଦ୍‌ବୋଧ ହେଲା ଯେ ଏହା ତରବାରୀ ନ ଥିଲା ଯାହା ତତ୍କାଳୀନ ଜୀବନଧାରାରେ ଇସଲାମ ପାଇଁ ସ୍ଥାନ ନିରୂପଣ କରିଥିଲା । ଏହା ଥିଲା ଈଶ୍ୱରଦୂତଙ୍କର ସରଳତା, ନିଜ ପ୍ରତି ନଗଣ୍ୟ ଭାବ, ବଚନ ପ୍ରତି ନିଷ୍ଠାପରତା, ମିତ୍ର ଓ ଅନୁଗତମାନଙ୍କ ପ୍ରତି ଗଭୀର ଅନୁରାଗ, ତାଙ୍କ ସାହସ ଓ ନିର୍ଭୀକତା ଏବଂ ଈଶ୍ୱରଙ୍କ ପ୍ରତି ଓ ନିଜ ମିଶନ ପ୍ରତି ତାଙ୍କର ପୂର୍ବ ବିଶ୍ୱାସ ।” ଦେଶର ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ ଇସଲାମ ବିଷୟରେ ତଥା ମହମ୍ମଦଙ୍କ ପ୍ରଭାବଶାଳୀ ଆଦର୍ଶ ବିଷୟରେ କୁହନ୍ତି ; ‘ ଏହା ପ୍ରଥମ ଧର୍ମ ଥିଲା ଯାହା ଗଣତନ୍ତ୍ରର ପ୍ରଚାର ଏବଂ ଅଭ୍ୟାସ କରିଥିଲା । କାରଣ ମସଜିଦରେ ଯେତେବେଳେ ପ୍ରାର୍ଥନା କରାଯାଇଥାଏ । ଏବଂ ଉପାସକମାନେ ଏକାଠି ହୁଅନ୍ତି, ସେତେବେଳେ ଦିନକୁ ପାଞ୍ଚ ବେଳା ପ୍ରଜା ଓ ରାଜା ଆଣ୍ଠୁମାଡ଼ି ଉଚ୍ଚସ୍ୱରରେ ଏକେଶ୍ୱରବାଦର ମହାନତା ଗାନ କରନ୍ତି । ମୁଁ ବାରମ୍ବାର ଇସଲାମର ଏହି ଅବିଭାଜ୍ୟ ଏକତା ଦ୍ୱାରା ଆନ୍ଦୋଳିତ ହୋଇଛି । ଯାହା ମଣିଷକୁ ସହଜାତ ଭାବରେ ଭାଇ-ଭାଇ କରିଥାଏ ।” ଭାରତୀୟ ଐତିହାସିକ ଏମ.ଏନ.ରାୟ କୁହନ୍ତି; ପ୍ରତ୍ୟେକ ଈଶ୍ୱରଦୂତ ନିଜର ଯଥାର୍ଥ ଦାବୀକୁ ସିଦ୍ଧ କରିବା ପାଇଁ ଚମତ୍କାରିତା ପ୍ରଦର୍ଶନ କରନ୍ତି । ସେ ଦୃଷ୍ଟିରୁ ମହମ୍ମଦ ଯେତେଦୂର ସମ୍ଭବ ତାଙ୍କ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଈଶ୍ୱରଦୂତମାନଙ୍କ ମଧ୍ୟରେ ସବୁଠାରୁ ମହାନ ରୂପେ ମାନ୍ୟତା ପାଇବା ଉଚିତ । ଇସଲାମର ପ୍ରସାର ହିଁ ସବୁ ଚମତ୍କାରଗୁଡ଼ିକ ଅପେକ୍ଷା ବଡ଼ ଚମତ୍କାର । ବିଦେଶୀ ଐତିହାସିକ ସର ଉଇଲିୟମ ମୁର କୁହନ୍ତି; ତାଙ୍କର ସମସ୍ତ ଆଚରଣଗୁଡ଼ିକ ଯଥାର୍ଥ ଓ ନ୍ୟାୟସଙ୍ଗତ ଥିଲା ଏବଂ ବୟସ ବଢିବା ସହିତ ତାଙ୍କର ସମ୍ମାନିତ ବ୍ୟକ୍ତିତ୍ୱ ତାଙ୍କ ପାଇଁ ‘ଅଲ୍-ଅମିନ୍’ ଅର୍ଥାତ୍, ‘ବିଶ୍ୱସନୀୟ’ଉପାଧି ଅର୍ଜନ କରିଥିଲେ । ବିଦେଶୀ ସମାଜବାଦୀ, ଥିଓସୋଫିଷ୍ଟ, ମହିଳା ଅଧିକାର ଓ ଗୃହ ନିୟମ କର୍ମୀ, ଶିକ୍ଷାବିତ ତଥା ଭାରତୀୟ ଜାତୀୟତାବାଦର ପ୍ରଚାରକ ଆନି ବେସାନ୍ତ ମହମ୍ମଦଙ୍କ ବିଷୟରେ କୁହନ୍ତି; “ ଯିଏ ସେହି ମହାନ ଆରବୀୟ ଈଶ୍ୱରଦୂତଙ୍କ ଜୀବନୀ ଓ ଚରିତ୍ରର ଅଧ୍ୟୟନ କରିଛି, ଯିଏ ଏହା ଜାଣିଛି ଯେ ସେ କିଭଳି ଶିକ୍ଷା ଦେଇଛନ୍ତି ଏବଂ କିଭଳି ଜୀବନଯାପନ କରିଛନ୍ତି ତା’ ମନରେ ସେହି ସର୍ବଶକ୍ତିମାନ ସର୍ବୋଚ୍ଚ କର୍ତ୍ତାଙ୍କର ଜଣେ ମହାନ ଈଶ୍ୱରଦୂତଙ୍କ ପ୍ରତି ଭକ୍ତିଭାବ ବ୍ୟତୀତ ଅନ୍ୟ କୌଣସି ଭାବନା ସୃଷ୍ଟି ହେବା ଅସମ୍ଭବ ।” ସେହି ମହାମାନବ ପୈଗମ୍ବର ମହମ୍ମଦଙ୍କ ପବିତ୍ର ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବକୁ ତାର ଉଚିତ ଅଧିକାର ଦେବା । ଅଖଣ୍ଡ ଭାରତର ମହାନତାକୁ ବଜାୟ ରଖିବା । ବିଶ୍ୱଶାନ୍ତି ଓ ବିଶ୍ୱଭାଇଚାରା ପ୍ରତିଷ୍ଠା କରିବାରେ ମିଳିତ ପ୍ରୟାସ କରିବା । ଏହା ହିଁ ଆମର କାମନା ।



*-ଅମତୁସ ଶାଫି*
*କେରଙ୍ଗ-ଖୋର୍ଦ୍ଧା*
*ମୋ:୯୪୩୭୬୪୫୬୬୭*

## ପାଉଁଶ ପରିବହନ ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବଣାଇଁ ରାସ୍ତା ଦେଇ ପରିବହନ ହେଉଥିବା ଆଶ୍(କାରଖାନାରୁ ନିର୍ଗତ ପାଉଁଶ)କୁ ବନ୍ଦ କରି ଏଦିଗରେ ଆଇନଗତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ ଏବଂ ସମ୍ବଲପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୁଚିଣ୍ଡାରୁ ବଣାଇଁ ରାସ୍ତାରେ ପ୍ରତ୍ୟେହ ବହୁସଂଖ୍ୟକ ଗାଡ଼ିରେ ଆଶ୍ ପରିବହନ ହେଉଛି। ପରିବହନ ଗାଡ଼ି ମାନଙ୍କରେ ଆଦୌ ଢାଙ୍କୁଣି ଦିଆଯାଉନାହିଁ । ଫଳରେ ରାସ୍ତା ଏବଂ ଆଖପାଖ ଅଞ୍ଚଳ କେବଳ ଧୂଆଁମୟ ହେଉଛି। ଏହାରି ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତା ଉପରେ ଆଶ୍ ପଡୁଥିବାରୁ ଅନ୍ୟ ଗାଡ଼ି ଯିବା ଆସିବା ସମୟରେ ତାହା ଉଡ଼ି ପରିବେଶ ପ୍ରଦୂଷିତ କରୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାଛଡା କେତେକ ଗାଡିରେ କେବଳ ଉପରଦେଖାଣିଆ ଭାବେ ଢାଙ୍କୁଣି ଦିଆଯାଉଥିବାରୁ ସେସବୁ ପବନରେ ଉଡ଼ି ରାସ୍ତାଘାଟ ଧୂଆଁମୟ ହେଉଛି ଏବଂ ଏହା ଦୁଇଚକିଆ ଯାନର ଆରୋହୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏହାରି ଯୋଗୁଁ ପରିବେଶ ପ୍ରଦୂଷଣ ସହ ଜନସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଚିନ୍ତାର କାରଣ ହୋଇଛି। ଏଭଳି ଯଦି ରୀତିମତ ଆଶ୍ ପରିବହନ ହେଲେ ପ୍ରଦୂଷଣ ବଢ଼ିବା ସହ ଲୋକଙ୍କ ଆଖି ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି।ତେଣୁ ଏହାର ଯାଞ୍ଚ ପୂର୍ବକ ଆଶ୍ ପରିବହନ ତୁରନ୍ତ ବନ୍ଦ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ, ଟାଇଁସର ସମିତିସଭ୍ୟ ଖଗେଶ୍ୱର କିସାନ,ପ୍ରଦୀପ କିସାନ,ପପୁ ସିଂ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସାହାଯ୍ୟର ହାତ ବଢ଼ାଇଲା ଅର୍ଣ୍ଣବ ଫାଉଣ୍ଡେସନ



କାକଟପୁର,(ନିପ୍ର): ଅସହାୟ ଓ ଆବଶ୍ୟକତାରେ ଥିବା ପରିବାରଙ୍କ ପାଖରେ ଠିଆ ହୋଇ ସାହାଯ୍ୟର ହାତ ବଢ଼ାଇଛି କାକଟପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍ଣ୍ଣବ ଫାଉଣ୍ଡେସନ। ସଂଗଠନ ପକ୍ଷରୁ ବିଭିନ୍ନ ଆବଶ୍ୟକତା ଥିବା ପରିବାର ଓ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମାନବିକତା ଓ ସାମାଜିକ ଦାୟିତ୍ୱବୋଧକୁ ଆଧାର କରି ଅର୍ଣ୍ଣବ ଫାଉଣ୍ଡେସନ ପକ୍ଷରୁ ଏହି ସହାୟତା ପ୍ରଦାନ କରାଯାଇଥିବା ବେଳେ, ଅସହାୟଙ୍କ ଦୁଃଖ ଦୂର କରିବା ସହ ସେମାନଙ୍କ ଜୀବନରେ ଆଶାର ଆଲୋକ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି । ସମାଜର ଦୁର୍ବଳ ବର୍ଗଙ୍କୁ ସହଯୋଗ କରିବା, ଆବଶ୍ୟକ ସମୟରେ ପରିବାରଗୁଡ଼ିକର ପାଖରେ ଛିଡ଼ା ହେବା ଏବଂ ମାନବିକତାର ବାର୍ତ୍ତା ପହଞ୍ଚାଇବା ଦିଗରେ ଫାଉଣ୍ଡେସନର ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ଏହି ଅବସରରେ ଅର୍ଣ୍ଣବ ଫାଉଣ୍ଡେସନ ଟିମ ପକ୍ଷରୁ ଦହିଖିଆ ଗ୍ରାମର ନାରାୟଣ ଦାସ ଲିଭର ଜଣ୍ଡିସ ରେ ଆକ୍ରାନ୍ତ ଥିବା ଜାଣି ତାଙ୍କ ପାଖରେ ପହଞ୍ଚି ୨ ହଜାର ନଗଦ ରାଶି ସହିତ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ଆଠଗଡ଼(ନିପ୍ର): ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ଆଠଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ପ୍ରତ୍ୟେକ୍ଷ ଉପସ୍ଥିତିରେ ଆୟୋଜିତ ଏହି ଶିବିରରେ ଦୂରଦୂରାନ୍ତରୁ ଆସିଥିବା ନାଗରିକମାନଙ୍କ ସୁବିଧା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ସମାବେଶରେ ସର୍ବମୋଟ ୧୩୨ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୧୨୬ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ଆସିଥିଲା। ଏଥିସହ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୩ଟି ଆବେଦନ ଏବଂ ୧୨ଟି ଅନ୍ୟାନ୍ୟ ଭତ୍ତା ସମ୍ବନ୍ଧୀୟ ଆବେଦନ ଗ୍ରହଣ କରାଯାଇଥିଲା। ଏହି ଜନ ଶୁଣାଣିରେ ଜନସାଧାରଣ କୃଷି, ସ୍ୱାସ୍ଥ୍ୟ, ଜମିଜମା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ ସୁରକ୍ଷା ଭତ୍ତା ତଥା ବିଭିନ୍ନ ଆଞ୍ଚଳିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଉପସ୍ଥାପନ କରିଥିଲେ।

## ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭବନରେ ରକ୍ତଦାନ ଶିବିର

ଧାମନଗର,(ନିପ୍ର): ଧାମନଗର ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆତ୍ମଜ୍ୟୋତି ଭବନ ଯୋଗ କେନ୍ଦ୍ର ଠାରେ ସୋମବାର ଦିନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୋଗକେନ୍ଦ୍ରର ମୁଖ୍ୟ ପରିଚାଳିକା ବି. କେ. ଅନୁପମା କାର୍ଯ୍ୟକ୍ରମ ସଂମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକ ଜିଲ୍ଲା ରକ୍ତ ସଂଗ୍ରହ କେନ୍ଦ୍ରରୁ ଟେକ୍ନିସିଆନ ନୀଳିମା ସ୍ୱାଇଁ, ସହଯୋଗୀ ରବୀନ୍ଦ୍ର ଜେନା, ରତିକାନ୍ତ ବଳ, ବଳରାମ ପୁହାଣ, ଅରୁଣ ପରିଡା, ରକ୍ତ ସଂଗ୍ରହ କରିଥିଲେ। ସ୍ୱେଚ୍ଛାକୃତ ଭାବେ ୨୭ ଜଣ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ବି. କେ. ରତ୍ନାକର, ମହେଶ୍ୱର ସ୍ୱାଇଁ, ସଚିକାନ୍ତ ପଣ୍ଡା,ସୁଦର୍ଶନ, ଅନାମ, ପର୍ଶୁରାମ, ପୂର୍ଣ୍ଣଚନ୍ଦ୍ର ସମେତ ଅନ୍ତେବାସୀ ଭାଇ, ଭଉଣୀ ମାନେ ପରିଚାଳନା କରିଥିଲେ।

# ଅସ୍ତିତ୍ୱ ହରାଉଛି କୁସୁମୀ ସାପ୍ତାହିକ ହାଟ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର କୁସୁମୀ ଗ୍ରାମରେ ବହୁ ପୂର୍ବରୁ ସୋମବାର ଦିନ କୁସୁମୀ ସାପ୍ତାହିକ ହାଟ ବସିଆସୁଛି। ଏହି ହାଟ କେବଳ ଏକ ବାଣିଜ୍ୟିକ କେନ୍ଦ୍ର ନୁହେଁ ବରଂ ଆଖପାଖ ଅଞ୍ଚଳର ଲୋକଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ହେଲେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁଁ ଏହା ଧିରେଧିରେ ସଙ୍କୁଚିତ ହେବାରେ ଲାଗିଛି। ଏଥିପାଇଁ କୁସୁମୀ-ଗୁଦୁଗୁଦା ରାସ୍ତା ଫୁଟବଲ ପଡ଼ିଆ ନିକଟରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ ହାଟ ପାଇଁ ପିଣ୍ଡି ଓ ଆବଶ୍ୟକୀୟ ସେଡ୍ ତିଆରି ହୋଇଥିଲେ ହେଁ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ସ୍ଥାନାନ୍ତର ହୋଇପାରୁନଥିବା କୁହାଯାଉଛି। ଫଳରେ ସ୍ଥାନ ଅଭାବ ଓ ଟ୍ରାଫିକ ସମସ୍ୟା ଯୋଗୁଁ ପୂରୁଣା ସ୍ଥାନରେ ବସୁଥିବା ହାଟ ପ୍ରତି ବ୍ୟବସାୟୀ ମୁହଁ ଫେରାଇ ନେବା ସହ କୁସୁମୀ ହାଟ ତାର ଅସ୍ତିତ୍ୱ କରାଇବାରେ ଲାଗିଛି। ଅତୀତରେ କୁସୁମୀର ପୂର୍ବ ଦିଗରେ ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ,କୁଣ୍ଡେଇଡିହା, କଂସର, ଜର୍ଡ଼ା,ପଶ୍ଚିମରେ କୁଚିଣ୍ଡା, ତେଲିତିଲେଇମାଲ, ଟାଇଁସର, ଗୋଛରା, ବାଙ୍କେ ଏବଂ ଉତ୍ତରରେ କୁନ୍ତରା, କେଲୋ, କୁଞ୍ଜର, ତୁରେଇ, ତୁରେଇନିକ୍ତିମାଲ, ମୟୁରଡିମା, ଜାଲେ, ଜଣ୍ଡା, ବଡବାହାଲ, ସାଲେଭାଡି, ବଡ଼ମୁଣ୍ଡଲୋଇ, ସାନମୁଣ୍ଡଲୋଇ ଭଳି ଦୂରଦୂରାନ୍ତରୁ ଲୋକେ ନିଜର ନିତ୍ୟବ୍ୟବହାର୍ଯ୍ୟ ଜିନିଷ କିଣିବା ପାଇଁ ଏହି ହାଟକୁ ଆସୁଥିଲେ। ଏହି ହାଟର ମୁଖ୍ୟ ଆକର୍ଷଣ ଥିଲା କୁସୁମୀ ଆଖପାଖରେ ରହୁଥିବା ଥୋଡ଼ିଆ ମହାଜନଙ୍କ ଭଳିକି ଭଳି ଲୁଗା ଦୋକାନ, ଟାଇଁସର ଗ୍ରାମର କୁମ୍ଭାରଙ୍କ ହାଣ୍ଡି ମାଠିଆ, କୌଳିକ ଗୋଛରା ଓ ପାଣ୍ଡିଅଢିପା ଗ୍ରାମର ଡମ ସମ୍ପ୍ରଦାୟ ଲୋକଙ୍କ ବାଉଁଶ ତିଆରି ସାମଗ୍ରୀ, ମହାରଣା କଂସାରୀ ଖଡୁରା ସମ୍ପ୍ରଦାୟ ବେପାରୀଙ୍କ କଂସା ବାସନ କୁସନ, ବେନିଆପୋଷି ଚାଷୀଙ୍କ ପନିପରିବା ସହ ତା'ଭିତରେ ଲୁଣ,କିରୋସିନି ଓ ଖାଇବା ଭାଙ୍ଗ(ଧୂଆଁପତ୍ର)ଥିଲା ମୁଖ୍ୟ । ଏଥିସହ କୁଚିଣ୍ଡାରୁ ଯୋଗାଣ ବିଭାଗ ତରଫରୁ ଏକ ଗାଡ଼ି ଯୋଗେ ଆସୁଥିବା କଣ୍ଟ୍ରୋଲ ଚାଉଳ ପାଇଁ ଲୋକଙ୍କ ଭିଡ ଜମୁଥିଲା। ସେତେବେଳେ କୁସୁମୀର ବ୍ୟବସାୟୀମାନେ ମଧ୍ୟ ସକ୍ରିୟ ଥିଲେ। ସେମାନେ ଲୁଣ ଓ ଲୁଗା ବଦଳରେ ଟୋଲ, ମହୁଲ, ସର୍ଗୀ, ଚାରମଞ୍ଜି, କରଞ୍ଜ, ଲାଖ, ଝୁଣା ଆଦି ଅଣ-କାଷ୍ଠ ଲଘୁ ଜଙ୍ଗଲଜାତ ଦ୍ରବ୍ୟ କିଣୁଥିଲେ। ଲୋକେ ଏହି ଜଙ୍ଗଲଜାତ ଦ୍ରବ୍ୟ ବିନିମୟରେ ବର୍ଷକର ଲୁଣ ସଂଗ୍ରହ କରୁଥିଲେ। ହାଟଦିନରେ ଶ୍ରମିକମାନଙ୍କ ପାଇଁ ଛୁଟି କିମ୍ବା ଅଧାଦିନ କାର୍ଯ୍ୟଦିବସ ରହୁଥିଲା। ଏହି ହାଟ ସକାଳ ୧୦ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲୁଥିଲା। ଝାରସୁଗୁଡ଼ା ପଟୁ ବଣେଇ ଯାଉଥିବା ବସ ଯୋଗେ ବେପାରୀମାନେ ଆସି ଦୋକାନ ଲଗାଉଥିଲେ। ପରବର୍ତ୍ତୀ ସମୟରେ ଲାଇଡାଗୁଣାରେ ହାଟ ଆରମ୍ଭ ହେବା ପରେ,କୁନ୍ତରା, କୁକମ, ଆଠଗାଁ ଛକ,କାପୁଟିକିରା, ତୁରେଇନିକ୍ତିମାଲ, ମୟୂରଡିମା ଆଦି ସ୍ଥାନରେ ସାପ୍ତାହିକ ହାଟ ହେବା ସତ୍ତ୍ୱେବି କୁସୁମୀ ହାଟରେ ଗୁରୁତ୍ୱ କମିନାହିଁ। ମାତ୍ର ୨୦୨୦/୨୧ରେ ସରକାରୀ ଅନୁଦାନରେ ଫୁଟବଲ ପଡ଼ିଆ ନିକଟରେ ଅତ୍ୟାଧୁନିକ ସିମେଣ୍ଟ ପିଣ୍ଡି ସହ ଟିଣ ଛପର ଛାତ(ସେଡ୍) ନିର୍ମାଣ ସତ୍ତ୍ୱେ ହାଟ ସ୍ଥାନାନ୍ତର ନହେବାରୁ ଅତ୍ୟାଧୁନିକ ଘର ଓ ସ୍ଥାନ ଅଭାବରୁ କୁସୁମୀରୁ ବେପାରୀମାନେ ମୁହଁ ଫେରାଇ ନେଉଛନ୍ତି। ଫଳରେ ବଜାର ସଂକୀର୍ଣ୍ଣ ହେବା, ଗହଳି କିମ୍ବା ସହ ବେପାର ମଧ୍ୟ କମିବାରେ ଲାଗିଛି। ଏବେ ଏହି କୁସୁମୀ ହାଟ ଅପରାହ୍ନ ୪ଟାରେ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ସରିଯାଉଛି। ଏକଦା କରୋନା ସମୟରେ ଏହି ନୂତନ ସ୍ଥାନକୁ ହାଟଟି ସ୍ଥାନାନ୍ତର ହୋଇଥିଲା। ମାତ୍ର ଗ୍ରାମବାସୀ ପୁଣି ତାକୁ ବନ୍ଦ କରିଦେଇ ସେହି ପୂରୁଣା ସ୍ଥାନରେ ହାଟ ବସାଉଛନ୍ତି। ଏକଦା ଏହି ହାଟ ରାଜସ୍ୱରେ କୁସୁମୀ ପଞ୍ଚାୟତର ବିଭିନ୍ନ ଜନହିତକର କାର୍ଯ୍ୟ ହୋଇପାରୁଥିଲା। ଧିରେଧିରେ ହାଟଟି ସଙ୍କୁଚିତ ହେବାରୁ ପଞ୍ଚାୟତର ରାଜସ୍ୱ ମଧ୍ୟ କମିବାରେ ଲାଗିଲା। ହାଟ ସ୍ଥାନାନ୍ତର ପାଇଁ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଲିଖିତ ଆବେଦନ କରିଥିବା ବେଳେ ପ୍ରଶାସନିକ ଆଦେଶକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ହାଟ ସ୍ଥାନାନ୍ତର ସମ୍ପର୍କରେ କୁସୁମୀ ସରପଞ୍ଚ ସଂକୀର୍ତ୍ତନ କିସାନଙ୍କୁ ପଚାରିବାରେ ସେ କହିଛନ୍ତି,ହାଟ ସ୍ଥାନାନ୍ତର ପାଇଁ ପଞ୍ଚାୟତ ତରଫରୁ ପ୍ରୟାସ କରାଯାଇଥିଲା। ହେଲେ ଗ୍ରାମବାସୀ ବିରୋଧ କରିବାରୁ ପୂରୁଣା ସ୍ଥାନରେ ହିଁ ହାଟ ବସୁଛି। ତେଣୁ ପ୍ରଶାସନ ଏଦିଗରେ ପଦକ୍ଷେପ କରି ତୁରନ୍ତ ସ୍ଥାନାନ୍ତର କଲେ କୁସୁମୀ ହାଟର ପୂର୍ବ ଗୌରବ ଫେରି ଆସିବ ବୋଲି ସାଧାରଣରେ ଦାବି ହେଉଛି।

## କେଲିଆ ଶୈବପୀଠରେ ବୋଲବମ ଭକ୍ତଙ୍କ ଭିଡ



ଡାବୁଗାଁ,(ନିପ୍ର): ଶ୍ରାବଣ ଶେଷ ସୋମବାର ଅବସରରେ ଅଧିକରୁ ଅଧିକ ବଲବୋମ ଭକ୍ତ ଙ୍କ ସମାଗମ ପବିତ୍ର କେଲିଆ ଶିବାଳୟରେ ଦେଖିବାକୁ ମିଳିଛି। ଆଜି ୧୦ହଜାରରୁ ଉର୍ଦ୍ଧ ବୋଲବମ ଭକ୍ତ ଜଳାଭିଷେକ କରିଥିଲେ କେଲିଆ ବାବା ଝଡ଼େଶ୍ୱର ମହାଦେବଙ୍କ ନିକଟରେ । ସୁଦୂର ଛତିଶଗଡ଼ ଅଞ୍ଚଳ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଭକ୍ତ ଆସି ଜଳାଭିଷେକ କରିଛନ୍ତି। ଭକ୍ତ ମାନଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି କେଲିଆ ମନ୍ଦିର କମିଟି ତରଫରୁ ସମସ୍ତ ବ୍ୟବସ୍ଥା ସୁରୁଖୁରୁରେ କରାଯାଇଥିଲା। ଆଜି ସ୍ଥାନୀୟ ବିଧାୟକ ମନୋହର ରନ୍ଧାରୀ , ଆଇ.ଆଇ.ସି ଲକ୍ଷ୍ମୀ ପରଜା, ଜି ସାଇ ରାଜୁ, ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ନାୟକ, ଆଇନଜୀବି ଜୟନ୍ତ କୁମାର ପାତ୍ର, ସୁରେନ୍ଦ୍ର ମିଶ୍ର , କାର୍ତ୍ତିକ ଦାସ, ସୂର୍ଯ୍ୟ ସୁବୁଦ୍ଧି, ଭାଗୀରଥି ମାଝୀ, ପଦମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଡାବୁଗାଁ ଭଳି ବିରିସୋଲା , ବାଘ ବେଢ଼ା, ଡଙ୍ଗରିଗୁଡା ଇତ୍ୟାଦି ଶୈବପୀଠ ଗୁଡିକ ରେ ମଧ୍ୟ ଅନେକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି।

## ବନ୍ୟା କ୍ଷୟକ୍ଷତିର ଅନୁଧ୍ୟାନ କଲେ ପଞ୍ଚାୟତିରାଜ ମନ୍ତ୍ରୀ



ଜଳେଶ୍ୱର,(ନିପ୍ର): ସୁବର୍ଣ୍ଣରେଖା ନଦୀରେ ପ୍ରଳୟଙ୍କରୀ ବନ୍ୟାରେ ଜଳେଶ୍ୱର ବ୍ଲକର ୧୦ ଟି ପଞ୍ଚାୟତରେ କ୍ଷତି ହୋଇ ଥିବା ବେଳେ ପଶ୍ଚିମବାଡ଼, ବାଇଗଣବାଡିଆ ଓ ଝାଡପିମ୍ପଳ ପଞ୍ଚାୟତରେ ବନ୍ୟା ଯୋଗୁଁ ଅଧିକରୁ ଅଧିକ କ୍ଷୟକ୍ଷତି ହୋଇଥିବାରୁ ପ୍ରତ୍ୟେକ୍ଷ ସ୍ଥିତି ଅନୁଧ୍ୟାନ କରିଛନ୍ତି ଓଡ଼ିଶା ସରକାରଙ୍କ ପଞ୍ଚାୟତି ରାଜ,ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ। ଆଜି ମଧ୍ୟାହ୍ନ ୧୨.୩୦ ମିନିଟ ସମୟରେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ,ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ,ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଦାସ,ଜିଲ୍ଲା ସଭାପତି ଡ.ପ୍ରଦୀପ କୁମାର ପଣ୍ଡା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ଶିବ ମଲ୍ୟଭ, ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ସହ ସମସ୍ତ ବିଭାଗର ବିଭାଗୀୟ ମୂଖ୍ୟ ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି,ଲୋକଙ୍କ ସମସ୍ୟା ଏବଂ ଭଙ୍ଗାରୁଜା ରାସ୍ତା ଓ ଚାଷ ଜମିର କ୍ଷୟକ୍ଷତି,ଘରଦ୍ୱାରର କ୍ଷୟକ୍ଷତି ସମ୍ପର୍କରେ ତଦାରଖ କରିବା ସହ ବନ୍ୟା ବିପନ୍ନଙ୍କୁ ଆବଶ୍ୟକୀୟ ରିଲିଫ୍ ଓ ସହାୟତା ଯୋଗାଇଦେବା ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ମୁସଲମାନ ମହିଳାମାନେ ପ୍ରସ୍ତୁତ କରୁଛନ୍ତି ହିନ୍ଦୁ ଦେବାଦେବୀଙ୍କ ଅଙ୍ଗ ବସ୍ତ୍ର



ସାଲେପୁର(ନିପ୍ର):ମୁସଲିମ ମହିଳାମାନେ ତିଆରି କରୁଛନ୍ତି ହିନ୍ଦୁ ଦେବାଦେବୀଙ୍କ ବସ୍ତ୍ର ଆଉ ଆଭୂଷଣ। ତାହା ପୁଣି ଆଜି କାଲି ନୁହେଁ ଦୀର୍ଘ ବର୍ଷ ଧରି ନିଷ୍ଠାପର ସହ ଏ କାମ କରିବା ସହିତ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ଉଭୟ ହିନ୍ଦୁ ଓ ମୁସଲିମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏଭଳି କରି ଭାଇଚାରା ସୃଷ୍ଟି କରିବା ସହ ପରସ୍ପର ପରସ୍ପରର ଧର୍ମୀୟ ଭାବନା ପ୍ରତି ଥିବା ସମ୍ମାନକୁ ବଜାୟ ରଖିବା ସହିତ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଆଉ ତାହା ସହିତ ସମସ୍ତେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲ୍ଲାର ସାଲେପୁର ବ୍ଲକର ମିର୍ଜାପୁର ଠାରେ ଉଭୟ ହିନ୍ଦୁ ଓ ମୁସଲମାନ ମହିଳା ଓ ଯୁବତୀମାନ ମିଳିମିଶି କରୁଛନ୍ତି କାମ। ସେମାନେ ହିନ୍ଦୁ ଦେବାଦେବୀଙ୍କ ପାଇଁ ଘାଗରା, ଅଣ୍ଟା ଫିତା, ଡୋରୀ, ଆସନ,ମାଣଘେରି, ଘେରି ଓ ପତାକା ଭଳି ସବୁ ବସ୍ତ୍ର ଆଭୂଷଣ ପ୍ରସ୍ତୁତ କରନ୍ତି। ଏଠାରେ ମୁସଲିମ ଓ ହିନ୍ଦୁ ମହିଳା ଓ ଯୁବତୀମାନେ ମିଳିମିଶି କାମ କରନ୍ତି। କପଡା କଟା ଠାରୁ ତିଆରି ଓ ପ୍ୟାକିଂ ପର୍ଯ୍ୟନ୍ତ ସବୁ କାମ ମିଳିମିଶି କରନ୍ତି ଏହି ମହିଳାମାନେ। ଏମାନଙ୍କର ହାତ ତିଆରି ଏହି ବସ୍ତ୍ର ଆଭୂଷଣ ସବୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସେମାନଙ୍କ ନିଜସ୍ୱ ଉଦ୍ୟମରେ ବିକ୍ରି କରିଥାନ୍ତି। ସରକାରଙ୍କ ପକ୍ଷରୁ ସେମାନେ ପ୍ରସ୍ତୁତ କରୁଥିବା ସାମଗ୍ରୀ ବିକ୍ରି କରିବା ପାଇଁ ସୁବ୍ୟବସ୍ଥା କରାଗଲେ। ସେମାନେ ଆହୁରି ଅଧିକରୁ ଅଧିକ ଜିନିଷ ପ୍ରସ୍ତୁତ କରି ତାକୁ ବିକ୍ରି କରି ଅଧିକ ଲାଭବାନ ହୋଇ ପାରିବେ ବୋଲି କହିଛନ୍ତି।

## ପଥଚାରୀଙ୍କ ପାଇଁ କର୍ତିସାହି ମରଣ ଯନ୍ତା ପାଲଟିଛି

ପୁରୀ (ନିପ୍ର): ମୋଚିସାହିରୁ ଦୋଳମଣ୍ଡପ ସାହିକୁ ଏକମୁଖି ରାସ୍ତା ଘୋଷଣା କରାଯିବା ଯୋଗୁ କୌଣସି ଭାରି ଯାନ କାର ଓ ଅଟୋ ଚଳାଚଳ ନିଷେଧ କରାଯାଇଛି। ତେଣୁ ଅଟୋ ଓ ଅନ୍ୟାନ୍ୟ ଯାନ ମୋଚିସାହିରୁ ଚର୍ଚ୍ଚ ରାସ୍ତା ଦେଇ ଚିତ୍ରକାର ସାହି, ଜେନରିଗଛ ଛକ କରତି ସାହି ଦେଇ ଦୋଳମଣ୍ଡପ ସାହିକୁ ଯାଉଥିବା ଯୋଗୁଁ ପଥଚାରୀଙ୍କ ପାଇଁ ଏହି ସବୁ ଅଞ୍ଚଳ ମରଣ ଯନ୍ତା ପାଲଟି ଥିବା ଅଭିଯୋଗ ହେଉଛି। କର୍ତି ସାହିରେ ଲମ୍ବା ଧାଡ଼ିରେ ସବୁବେଳେ ଅଟୋ ଚଳାଚଳ ହେଉଥିବା ଯୋଗୁଁ ବୟସ୍କ ଲୋକ ମହିଳା ଶିଶୁ ଘରୁ ବାହାରିବା ସହ ରାସ୍ତାରେ ଯିବା ପାଇଁ କୁଣ୍ଠା ବୋଧ କରୁଛନ୍ତି। ପୋଲିସ୍ ପ୍ରଶାସନ ଏ ଦିଗରେ ସଚେତନ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରୁନଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ୍ ପ୍ରଶାସନ ପକ୍ଷରୁ ଚର୍ଚ୍ଚ ଛକ ଓ ଜେନାରି ଗଛ ଛକରେ ଅଟୋ ଚଳାଚଳ ନିୟନ୍ତ୍ରଣ କରିବା ପାଇଁ ପୋଲିସ୍ ମୁତୟନ କରିବା ପାଇଁ ସବୁ ମହଲାରୁ ଦାବି ହେଉଛି।

## ପିପୁଲସ କଲେଜରେ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ




ବୁଗୁଡ଼ା,(ନିପ୍ର): ସ୍ଥାନୀୟ ପିପୁଲସ କଲେଜରେ 'ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ' କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ପ୍ରକୋଷ୍ଠ ସଂଯୋଜିକା ଅଧ୍ୟାପିକା ଡକ୍ଟର ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୋଷଣ, ମାସିକ ଋତୁସ୍ରାବ ଓ ରକ୍ତହୀନତା ବିଷୟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ପ୍ରିନ୍ସିପାଲ ଭଗବାନ ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ସିଡ଼ିପିଓ ବବିତା କୁମାରୀ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ମନୋଜ କୁମାର ଦାଶ ଓ ପ୍ରାଣୀବିଜ୍ଞାନ ସହାୟକ ରାମକୃଷ୍ଣ ନାୟକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ପଣ୍ଡା ପୋଷଣ, ମାସିକ ଋତୁସ୍ରାବ ଓ ରକ୍ତହୀନତା ବିଷୟରେ ପୁଷ୍ଟିସାର ଯୁକ୍ତ ଘରୋଇ ଖାଦ୍ୟ, ମାସିକ ଋତସ୍ରାବ ସମୟ ଅସମତା ହେଲେ ଡାକ୍ତରଙ୍କ ସହ ପରାମର୍ଶ ଓ ରକ୍ତହୀନତା ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ସହ ଲୌହଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲା। ଏହି ତିନୋଟି ସମସ୍ୟା ପ୍ରତି ଯୁବ ଛାତ୍ରୀମାନେ ସର୍ବଦା ସଚେତନତା ରହିଲେ ସୁସ୍ଥ ସ୍ୱାସ୍ଥ୍ୟ ବାତାବରଣ ସୃଷ୍ଟି ହୋଇପାରିବ।

## ବନ୍ୟାଞ୍ଚଳବାସୀଙ୍କ ପାଇଁ ମେଗା ସ୍ୱାସ୍ଥ୍ୟ ଶିବିର

ଧାମନଗର, (ନିପ୍ର): ଧାମନଗର ବ୍ଲକ କରଦା ସ୍ଥିତ ପ୍ରଫୁଲ୍ଲ ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବନ୍ୟା ପ୍ରଭାବିତ ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ମେଗା ସ୍ୱାସ୍ଥ୍ୟ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।ଏହି ଶିବିରରେ ମୋଟ ୧୮ ଟି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ବନ୍ୟାଞ୍ଚଳର ରୋଗୀ ସେବାରେ ନିୟୋଜିତ ଥିଲେ। ଶିବିରର ସୁପରିଚାଳନା ପାଇଁ ପ୍ରାୟ ୪୦ ଜଣ ପାରାମେଡିକାଲ ଷ୍ଟାଫ୍ ଉପସ୍ଥିତ ରହି ସହାୟତା କରିଥିଲେ। ଏହି ଶିବିରରୁ କରଦା ଓ ଆଖପାଖ ବନ୍ୟାପୀଡ଼ିତ ଅଞ୍ଚଳର ମୋଟ ୬୩୨ ଜଣ ରୋଗୀ ପ୍ରତ୍ୟକ୍ଷ ଭାବେ ଚିକିତ୍ସା ସୁବିଧା ପାଇପାରିଛନ୍ତୀ ।

## ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ-୨୦୨୬ କୁ ରଦ୍ଦ କରିବା ଦାବିରେ ପଥପ୍ରାନ୍ତ ସଭା

ଭଦ୍ରକ(ନିପ୍ର): ଓଡିଶା ବିରୋଧୀ ଖଣି ଓ ଖଣିଜ ପଦାର୍ଥ ବିକାଶ ନିୟମ ଆଇନ- ୨୦୨୬ କୁ ରଦ୍ଦ କରିବା ଦାବିରେ ଇଣ୍ଡିଆ ମେଣ୍ଟର ଅନ୍ତର୍ଭୁକ୍ତ ଜାତୀୟ କଂଗ୍ରେସ, ସିପିଆଇଏମ, ସିପିଆଇ, ସିପିଆଇଏମଏଲ ଲିବରେସନ ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତ ଛକ, ଚରଂପା ଓ ପୁରୁଣାବଜାର ଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାଗୁଡିକରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, କଂଗ୍ରେସ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇଏମଏଲ ଲିବରେସନ ଜିଲ୍ଲା ସଂପାଦକ ସମର ବଳ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ମହିଳା କଂଗ୍ରେସ ନେତ୍ରୀ ଶର୍ମିଷ୍ଠା ପଣ୍ଡା, ବରିଷ୍ଠ ସିପିଆଇ(ଏମ) ନେତା ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢୀ, ଗିରିଧାରୀ ନାଥ, କଂଗ୍ରେସ ନେତା ରାଜେନ୍ଦ୍ର ଜେନା, କଂଗ୍ରେସ ନେତା ପିତବାସ ଧଳ , ଯୁବ କଂଗ୍ରେସ ଜିଲ୍ଲା ସଭାପତି ବଳରାମ ରାଉତ , ଯୁବନେତା ବିଜୟ ବାରିକ୍, ଯୁବନେତା ରାଜୁପ୍ରସାଦ ରାୟ, ମହିଳା କଂଗ୍ରେସ ନେତ୍ରୀ ସେକ୍ ହାସିନା, ସିପିଆଇ(ଏମ) ନେତା କାଳନ୍ଦୀ ପାତ୍ର , ଭଦ୍ରକ ପୌରପାଳିକାର କାଉନସିଲର ଏନାମୁଲ ହକ, ଇଲିଆସ ଅଲ୍ଲୀ ଖାନ୍, ଗୁଲାମ ମଇରୁଦ୍ଦିନ,ବରିଷ୍ଠ କଂଗ୍ରେସ ନେତା ଅବଦୁଲ ମୁକିତ୍ ଖାନ୍ ପ୍ରମୁଖ ଯୋଗଦେଇ ଓଡିଶା ର ରାଜସ୍ୱ ସ୍ଥିର କରିବାର ସାମ୍ବିଧାନିକ ଅଧିକାର କୁ ମୋଦି ସରକାର ଛଡାଇ ନେବା ପାଇଁ ଯେଉଁ ପଥ ବାଛିଛନ୍ତି ତାକୁ ନିନ୍ଦା କରିବା ସହ ଏମ ଏମ୍ ଡି ଆର ସଂଶୋଧନ ଆଇନ ବାତିଲ କରିବାକୁ ଦାବି କରିଥିଲେ ।

# ଲଗାତାର ବର୍ଷାରେ ଭାଙ୍ଗିପଡ଼ିଛି କାକଟପୁର-ଅସ୍ତରଙ୍ଗର ପରିବା ଚାଷୀଙ୍କ ମେରୁଦଣ୍ଡ



କାକଟପୁର, (ନିପ୍ର): ଲଗାତାର ଅବିଶ୍ରାନ୍ତ ବର୍ଷା ଓ ଜଳ ନିଷ୍କାସନର ଅଭାବ ଯୋଗୁଁ ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ପରିବା ଚାଷ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବ୍ୟାପକ ଚାଷଜମି ଜଳମଗ୍ନ ହୋଇଥିବାରୁ କାକୁଡ଼ି, ବାଇଗଣ, ଭେଣ୍ଡି, ଶାଗ, ଟମାଟୋ ଓ ଅନ୍ୟାନ୍ୟ ପରିବା ଫସଲ ନଷ୍ଟ ହେବାକୁ ବସିଛି। ଫଳରେ ଚାଷୀଙ୍କ ମୁଣ୍ଡରେ ଚଢ଼ିଛି ଋଣର ବୋଝ, ଭାଙ୍ଗିପଡ଼ିଛି ଆଗାମୀ ଦିନର ଆଶା। ଏହି ଅଞ୍ଚଳର ଅନେକ ଚାଷୀ ପରିବା ଚାଷକୁ ନିଜର ମୁଖ୍ୟ ଜୀବିକା ଭାବେ ଗ୍ରହଣ କରିଛନ୍ତି। ବିହନ, ସାର, କୀଟନାଶକ, ଶ୍ରମିକ ଓ ଜଳସେଚନ ପାଇଁ ଧାରକରଜ କରି ଚାଷ କରିଥିଲେ। ଫସଲ ଅମଳ ହେବା ସମୟରେ ଲଗାତାର ବର୍ଷା ସେମାନଙ୍କ ସବୁ ପରିଶ୍ରମକୁ ଧୋଇନେଇଛି। ଅନେକ କ୍ଷେତରେ ପାଣି ଜମି ରହିବାରୁ ଗଛର ଚେର ପଚିଯାଉଥିବା ବେଳେ ଅମଳଯୋଗ୍ୟ ପରିବା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କେବଳ ଚାଷୀ ନୁହେଁ, ଏହାର ପ୍ରଭାବ ପରିବା ବଜାର ଉପରେ ମଧ୍ୟ ପଡ଼ିବାର ଆଶଙ୍କା ଦେଖାଦେଇଛି। କ୍ଷେତରୁ ପର୍ଯ୍ୟାପ୍ତ ପରିମାଣର ପରିବା ବଜାରକୁ ନଆସିଲେ ଆଗାମୀ ଦିନରେ ଦର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାର ଅତିରିକ୍ତ ବୋଝ ସାଧାରଣ ଖାଉଟିଙ୍କ ଉପରେ ପଡ଼ିବ। ବର୍ତ୍ତମାନ ସମୟରେ ଚାଷୀଙ୍କ ଦୁଃଖ ଦୂର କରିବାକୁ କେବଳ ଆଶ୍ୱାସନ ନୁହେଁ, ତୁରନ୍ତ ପ୍ରଶାସନିକ ପଦକ୍ଷେପ ଆବଶ୍ୟକ। କ୍ଷତିଗ୍ରସ୍ତ ଅଞ୍ଚଳରେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ କ୍ଷୟକ୍ଷତିର ଆକଳନ କରାଯିବା ସହ ଯୋଗ୍ୟ ଚାଷୀଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବା ଦରକାର। ଏଥିସହିତ ଋଣ ପରିଶୋଧ ପାଇଁ ରିହାତି, ନୂଆ ଫସଲ ପାଇଁ ସହଜ ସର୍ତ୍ତରେ ଋଣ, ଉନ୍ନତ ବିହନ ଓ ଆବଶ୍ୟକ କୃଷି ସାମଗ୍ରୀ ଯୋଗାଇ ଦେବା ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ଜଳ ନିଷ୍କାସନ ସମସ୍ୟାର ଦୀର୍ଘମିଆଦୀ ସମାଧାନ ପାଇଁ ଡ୍ରେନେଜ ବ୍ୟବସ୍ଥାର ସ୍ଥାୟୀ ସୁଧାର ମଧ୍ୟ ଜରୁରୀ। ପ୍ରତିବର୍ଷ ବର୍ଷା ଋତୁରେ ଚାଷୀ ଯେପରି ଏଭଳି କ୍ଷତିର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ଯୋଜନାବଦ୍ଧ ପଦକ୍ଷେପ ନେବା ଆବଶ୍ୟକ। ପ୍ରକୃତିର ପ୍ରତିକୂଳତା ସହ ଲଢ଼ି ଦେଶର ଖାଦ୍ୟ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରୁଥିବା ଚାଷୀଙ୍କ ଦୁର୍ଦ୍ଦଶା ପ୍ରତି ସରକାର ଓ ପ୍ରଶାସନ ସମ୍ବେଦନଶୀଳ ହେବା ଆବଶ୍ୟକ। କାକଟପୁର-ଅସ୍ତରଙ୍ଗର ପରିବା ଚାଷୀଙ୍କ କ୍ଷେତରେ ପୁଣି ସବୁଜିମା ଫେରାଇବା ସହ ସେମାନଙ୍କ ମୁହଁରେ ହସ ଫେରାଇବା ହିଁ ଏବେ ସମୟର ବଡ଼ ଆହ୍ୱାନ।

ତିଥି :(ଦ୍ୱାଦଶୀ ମଳ): (ପୂର୍ବାଷାଢା ମକର)
ଅମୃତ ବେଳା: ଦିବା ଘ ୭।୫୫ ଗତେ ଘ୧୦।୧୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେ ସମସ୍ତ ନାଶବାନ୍ ପ୍ରାଣୀଙ୍କ ମଧ୍ୟରେ ପରମାତ୍ମାଙ୍କୁ ନାଶରହିତ ଓ ସମରୂପେ ସ୍ଥିତ ଦେଖେ, ସେ ବାସ୍ତବରେ ଠିକ୍ ଦେଖେ।।
- ଶ୍ରୀମଦ୍ ଭଗବଦ୍ ଗୀତା

## ପ୍ରସଙ୍ଗ : ଉତ୍ତରଦାୟିତ୍ୱ

ନିକଟରେ ରାଜ୍ୟସ୍ତରୀୟ ଉଦ୍ୟାନ କୃଷି ବିଭାଗ ସମ୍ମିଳନୀରେ ଉପସ୍ଥିତ ଅଧିକାରୀମାନଙ୍କୁ ବିଭାଗୀୟ ମନ୍ତ୍ରୀ ତାଗିଦା କରିଥିଲେ। ଗଣମାଧ୍ୟମରେ ପ୍ରକାଶିତ ସେହି ତାଗିଦାକୁ ସ୍ମରଣ କରାଯାଇପାରେ। ତାହା ହେଉଛି – 'ଗତ ଦୁଇ ବର୍ଷ ଭିତରେ କୃଷି ବଜେଟ ଦୁଇଗୁଣା ବୃଦ୍ଧି କରାଯାଇଛି। କିନ୍ତୁ ସେହି ଅନୁସାରେ କାମ ହେଉନାହିଁ। ମୁଁ ଜିଲ୍ଲା ଗସ୍ତ କରିବା ସମୟରେ ଜଣେ ବି ଅଧିକାରୀ ନିଜ କାମ ସଂପର୍କରେ କିଛି ସୂଚନା ଦେଇପାରୁନାହାନ୍ତି। ନିଜ କାମ ପାଇଁ ଉତ୍ତରଦାୟିତ୍ୱ ନାହିଁ। ବିଭାଗର ନିର୍ଦ୍ଦେଶକ ସରକାର ନୁହନ୍ତି। ମନ୍ତ୍ରୀ ହେଉଛନ୍ତି ସରକାର। କେହି ବି ନିର୍ଦ୍ଦେଶର ଅବମାନନା କରୁଥିବା ଜଣାପଡ଼ିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ।' ଏଭଳି ଅନ୍ୟାନ୍ୟ କଥା ତାଗିଦାରେ କୁହାଯାଇଛି। ଏବଂ ଏହାର ସାରାଂଶ ସମୀକ୍ଷା କଲେ ଜଣାପଡ଼େ ଯେ କେଉଁଠି ନା କେଉଁଠି ଆଲୋଚ୍ୟ ସରକାରୀ କାର୍ଯ୍ୟରେ ତ୍ରୁଟି ଘଟୁଥିବା ହେତୁ କାମରେ ଅଗ୍ରଗତି ଘଟିପାରୁନାହିଁ। ଅନ୍ୟ କଥାଟି ହେଉଛି ଅବମାନନା କିଏ ଓ କାହିଁକି କରୁଛି ତାହା ଉପର ଅଧିକାରୀଙ୍କ ଯାଞ୍ଚ ଦ୍ୱାରା ଜଣାପଡ଼ିବ। ଉପର ଅଧିକାରୀ ଯଦି ତ୍ରୁଟି କିମ୍ବା ଅବହେଳା କରୁଥାଆନ୍ତି ତାହା, ତାହା ଉପରପଦସ୍ଥ ଅଧିକାରୀଙ୍କ ଯାଞ୍ଚ ଦ୍ୱାରା ଜଣାପଡ଼ିବ।ସୁତରାଂ ଉତ୍ତର ଦାୟିତ୍ୱ ତାହାର କ'ଣ କିଭଳି ଏ ସଂପର୍କରେ ସଂପୃକ୍ତ ବିଭାଗୀୟ ପଦାଧିକାରୀଙ୍କ ଠାରୁ ତଳସ୍ତରରେ ଥିବା କର୍ମଚାରୀଙ୍କ ପର୍ଯ୍ୟନ୍ତ ପ୍ରଲମ୍ବିତ।

ସେମିତି ନିକଟରେ ଅତୀତରେ ସଚିବସ୍ତରୀୟ ବୈଠକରେ ହୋଇଥିବା ଆଲୋଚନାର ସାରାଂଶ – କ୍ୟାବିନେଟ ନିଷ୍ପତ୍ତି କାର୍ଯ୍ୟକାରୀ ସୁନିଶ୍ଚିତ କରାନ୍ତୁ।

ସାଧାରଣ ଭାବରେ ଲକ୍ଷ୍ୟ କରାଯାଇଛି ଯେ ଅତି ଜରୁରୀ ସେବା, ପୁଂଜିନିବେଶ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଭିତ୍ତିଭୂମି, ରାଜସ୍ୱ, ନିଯୁକ୍ତି, ସଂସ୍କାରମୂଳକ ପଦକ୍ଷେପ ପାଇଁ ବିଭାଗଗୁଡ଼ିକ ପକ୍ଷରୁ ଆଗତ ପ୍ରସ୍ତାବ ବିଚାରାଲୋଚନା ପୂର୍ବକ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଥାନ୍ତି। କିନ୍ତୁ ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ଠିକ୍ ଭାବରେ ହୋଇପାରୁଛି କି ନାହିଁ , କି କି ପ୍ରତିବନ୍ଧକ ଉପୁଜୁଛି ସେ ସଂପର୍କରେ ଆପାତତଃ ନିୟମିତ ସମୀକ୍ଷା ତଥା ଆବଶ୍ୟକ ତତ୍ପରତା ଜରୁରୀ।

ନିକଟରେ ଜଳସଂପଦ ଅଧିକାରୀ ଓ ଯନ୍ତ୍ରୀଙ୍କୁ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସେହି ପରାମର୍ଶର ସାରସତ୍ତା ହେଉଛି–କେବଳ ବଜେଟ ବ୍ୟୟ ଲକ୍ଷ୍ୟ ପୂରଣରେ ସୀମିତ ନ ହୋଇ ଫଳାଫଳମୁଖୀ ହୁଅନ୍ତୁ। ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକ କିପରି ଠିକ୍ ସମୟରେ ଶେଷ ହୋଇ ଚାଷଜମିରେ ପାଣି ପହଞ୍ଚିବ, ସେଥିଲାଗି ଯତ୍ନବାନ ହେବା ପାଇଁ ଜଳସଂପଦର ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦିଆଯିବା ବେଳେ ସମନ୍ୱିତ ପ୍ରୟାସ ଜରିଆରେ ସଫଳତା ହାସଲ କରିବା ଲାଗି କୁହାଯାଇଛି।

ସୁତରାଂ ଏସବୁ ବିଶ୍ଲେଷଣ କଲେ ଜଣାପଡ଼େ ଯେ ସରକାରୀ କାର୍ଯ୍ୟରେ କିଛି ଠିକଣା ଢଙ୍ଗରେ କାର୍ଯ୍ୟକାରୀ ହୋଇପାରୁନଥିବାର ପରଣତି ଫଳାଫଳ ଅଭିମୁଖୀ ହେବା ଦୁରୁହ ହୋଇପଡ଼ିଛି। ଏ ପରିସ୍ଥିତିରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସେମାନଙ୍କ ନିଜ ନିଜ ଉତ୍ତରଦାୟିତ୍ୱ ଠିକ୍ ଭାବରେ ତୁଲାଇବା ଉଚିତ। ମନ୍ତ୍ରୀ କହିଲେ ସରକାର ବୋଲି ବୁଝିବା ଗୋଟିଏ ଦିଗ, ମାତ୍ର ଅସଲରେ ସରକାର ହେଉଛନ୍ତି ସାଧାରଣ ଜନତା। ସେମାନେ ଲକ୍ଷ୍ୟ ରଖୁଛନ୍ତି,ଏ କଥା ମନେ ରଖିବାକୁ ହେବ। ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ସର୍ବପ୍ରଥମ। ସ୍ମରଣ କରାଯାଇପାରେ ଯେ ଏକଦା ମୁଖ୍ୟମନ୍ତ୍ରୀ ଏକ ନିଯୁକ୍ତି ମେଳା ଅବସରରେ ନୂତନ ନିଯୁକ୍ତିପ୍ରାପ୍ତଙ୍କ ଉଦ୍ଦେଶ୍ୟରେ କହିଥିଲେ– ସରକାରୀ ଚାକିରି ହେଉଛି ଜନସେବା।

ଏଣୁ ସରକାରୀ ଚାକିରିଆ ଯେଉଁମାନେ କି ସେମାନଙ୍କ ଉପରେ ନ୍ୟସ୍ତ ଜନସେବା ଠାରୁ ଦୂରେଇ ରହୁଛନ୍ତି ଉପଯୁକ୍ତ ଯାଞ୍ଚ ପୂର୍ବକ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ସ୍ଥିତି ଯଥା ପୂର୍ବଂ ତଥା ପରଂ ହିଁ ରହିଯିବ।

# ଡିଜିଟାଲ୍ ଏକନାୟକତ୍ୱ ଏବଂ ଗଣତନ୍ତ୍ରର ସଂକଟ !

**ଅସିତ ମହାନ୍ତି**

"ଡିଜିଟାଲ୍ ନଜର ଏବଂ ନାଗରିକତାର ସଙ୍କଟ – ସେନ୍ସରସିପ୍ କେବଳ ପୋଷ୍ଟ ଡିଲିଟ୍ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ। ସରକାର ନାଗରିକଙ୍କ ଡିଜିଟାଲ୍ କାର୍ଯ୍ୟକଳାପ ଉପରେ ମଧ ନଜର ବୃଦ୍ଧି କରୁଛନ୍ତି। ପ୍ରତ୍ୟେକ ମନ୍ତବ୍ୟ, ପ୍ରତ୍ୟେକ ଭିଡିଓ ଏବଂ ପ୍ରତ୍ୟେକ ଲେଖାକୁ ତଥ୍ୟ ଭାବରେ ଦେଖାଯାଏ। ଏହି ତଥ୍ୟ ପ୍ରକାଶ କରେ ଯେ ଜନସାଧାରଣ କେଉଁ ପ୍ରସଙ୍ଗ ଉପରେ କ୍ରୋଧିତ ଏବଂ କେଉଁ ପ୍ରସଙ୍ଗ ଉପରେ ଖୁସି। ସରକାର ଏହି ତଥ୍ୟକୁ ତା' ଅନୁଯାୟୀ ନୀତିଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରନ୍ତି। କିନ୍ତୁ ଏହି ପ୍ରକ୍ରିୟା ବିପଦପୂର୍ଣ୍ଣ। ଯେତେବେଳେ ନାଗରିକମାନେ ଅନୁଭବ କରନ୍ତି ଯେ ସେମାନଙ୍କର ମତାମତ ନିରନ୍ତର ନଜରରେ ରହିଛି, ସେମାନେ ମୁକ୍ତ ଭାବରେ କହିବା ବନ୍ଦ କରିଦିଅନ୍ତି।

ମାର୍ଚ୍ଚ ଏବଂ ଜୁଲାଇ ୨୦୨୬ ମଧ୍ୟରେ, ଭାରତୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ – ଇନଷ୍ଟାଗ୍ରାମ, ଫେସବୁକ୍ ଏବଂ ୟୁଟ୍ୟୁବ୍ -କୁ ବିଷୟବସ୍ତୁ ହଟାଇବାକୁ ପ୍ରାୟ ୧୯୫,୦୦୦ ନିର୍ଦ୍ଦେଶ ପଠାଯାଇଥିଲା। ଏହି ପରିସଂଖ୍ୟାନ କେବଳ ଏକ ସଂଖ୍ୟା ନୁହେଁ, ବରଂ ଭାରତୀୟ ଗଣତନ୍ତ୍ରର ଇତିହାସରେ ସବୁଠାରୁ ବଡ଼ ସେନ୍ସରସିପ୍ ଅଭିଯାନକୁ ପ୍ରତିନିଧିତ୍ୱ କରେ। ଏହି ଘଟଣା ଆମକୁ ଆଶ୍ଚର୍ଯ୍ୟ କରିବାକୁ ବାଧ କରେ ଯେ ଭାରତ ଧୀରେ ଧୀରେ ଏକ ଡିଜିଟାଲ୍ ଏକାଧିକାର ଆଡକୁ ଗତି କରୁଛି କି, ଯେଉଁଠାରେ ସରକାର ଜନସାଧାରଣଙ୍କ ସ୍ୱରକୁ ଦମନ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରନ୍ତି।

ସେନ୍ସରସିପ୍ ଏବଂ ଏକ୍ସ ଆକାଉଣ୍ଟଗୁଡ଼ିକର ମନିଟରିଂର ଆଇନଗତ ଆଧାର – ଭାରତରେ ସାମାଜିକ ଗଣମାଧମରେ ବିଷୟବସ୍ତୁ ହଟାଇବାକୁ, ସରକାର ପ୍ରାୟତଃ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ, ୨୦୦୦ ଏବଂ ଏହା ଅଧୀନରେ ନିର୍ମିତ ନିୟମ ଉପରେ ନିର୍ଭର କରନ୍ତି। ବିଶେଷକରି, ଆଇଟି ନିୟମ ୨୦୨୧ ସରକାରଙ୍କୁ ସାମାଜିକ ଗଣମାଧମ କମ୍ପାନୀଗୁଡ଼ିକୁ 'ଆପତ୍ତିଜନକ' କିମ୍ବା 'ଅବୈଧ' ବିଷୟବସ୍ତୁ ହଟାଇବାକୁ ନିର୍ଦ୍ଦେଶ ଦେବାକୁ କ୍ଷମତା ଦିଏ। ଏହି ନିୟମ ଅନୁଯାୟୀ, ସରକାର ଜାତୀୟ ସୁରକ୍ଷା, ସାର୍ବଜନୀନ ଶୃଙ୍ଖଳା କିମ୍ବା ଶାଳୀନତା ନାମରେ ଯେକୌଣସି ପୋଷ୍ଟ, ଭିଡିଓ କିମ୍ବା ଆର୍ଟିକିଲ୍ ହଟାଇବାକୁ ନିର୍ଦ୍ଦେଶ ଦେଇପାରିବେ।

ଏହି ଅଭିଯାନ କେବଳ Instagram, Facebook ଏବଂ YouTube ନୁହେଁ, ବରଂ ଏକ୍ସ (ପୂର୍ବରୁ Twitter) ଭଳି ପ୍ଲାଟଫର୍ମଗୁଡ଼ିକୁ ମଧ ଅନ୍ତର୍ଭୁକ୍ତ କରେ। ସରକାର ଏହି ଆକାଉଣ୍ଟଗୁଡ଼ିକର କାର୍ଯ୍ୟକଳାପ ଉପରେ ନଜର ରଖେ, ଏବଂ ଯଦି କୌଣସି ପୋଷ୍ଟ ଏହାର ନିର୍ଦ୍ଦେଶାବଳୀ ବିରୋଧରେ ଯାଏ, ତେବେ ଏହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଏ। ଏହି ପ୍ରକ୍ରିୟା ସ୍ୱଚ୍ଛ ନୁହେଁ – ସାଧାରଣ ଲୋକଙ୍କୁ ଜଣାଯାଏ ନାହିଁ ଯେ କିଛି ବିଷୟବସ୍ତୁ କାହିଁକି ହଟାଗଲା। ଏହି ପରିସ୍ଥିତି ହଠାତ୍ ସୃଷ୍ଟି ହୋଇନଥିଲା, ବରଂ ଅନେକ ସାମାଜିକ ରାଜନୈତିକ ଏବଂ ବୈଷୟିକ କାରଣର ସଙ୍ଗମରୁ ସୃଷ୍ଟି ହୋଇଥିଲା। ଯେତେବେଳେ ଆମେ ମାର୍ଚ୍ଚରୁ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସମୟକୁ ଦେଖୁ, ସେତେବେଳେ ସ୍ପଷ୍ଟ ହୋଇଯାଏ ଯେ ସରକାର ଏତେ ପରିମାଣର ବିଷୟବସ୍ତୁ ହଟାଇବା ପାଇଁ କାହିଁକି ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ, ରାଜନୈତିକ ଅସୁରକ୍ଷା ଏବଂ କ୍ଷମତାର ଭୟ। ଏକ ଗଣତନ୍ତ୍ରରେ, ସାମାଜିକ ଗଣମାଧମ ଜନମତ ପାଇଁ ସର୍ବବୃହତ୍ ମଞ୍ଚ ପାଲଟିଛି। ଏହିଠାରୁ, ଭିନ୍ନମତ ସ୍ୱର ଦ୍ରୁତ ଗତିରେ ବ୍ୟାପିଥାଏ ଏବଂ ସରକାରଙ୍କୁ ଚ୍ୟାଲେଞ୍ଜ କରେ। ଡିଜିଟାଲ୍ ବିତର୍କ ରାସ୍ତା ପ୍ରତିବାଦରେ ପରିଣତ ହୋଇପାରେ ବୋଲି ଭୟରେ ସରକାର ପ୍ରାୟତଃ ସେନ୍ସରସିପ୍ ବ୍ୟବହାର କରନ୍ତି।ଦ୍ୱିତୀୟ କାରଣ ହେଉଛି ସୂଚନାର ବିସ୍ଫୋରଣ ଏବଂ ଭୁଲ ସୂଚନାର ଭୟ। ପ୍ରତିଦିନ ଲକ୍ଷ ଲକ୍ଷ ପୋଷ୍ଟ ସୋସିଆଲ ମିଡିଆରେ ଦେଖାଯାଏ। ଏଥିମଧ୍ୟରୁ ଅନେକ ଗୁଜବ, ମିଥ୍ୟା ଖବର କିମ୍ବା ଉତ୍ତେଜକ ବିଷୟବସ୍ତୁ। ସରକାର ଏହାକୁ ଜାତୀୟ ସୁରକ୍ଷା ଏବଂ ସାମାଜିକ ଶାନ୍ତି ପାଇଁ ବିପଦ ବୋଲି ବିବେଚନା କରନ୍ତି। କିନ୍ତୁ ସମସ୍ୟା ହେଉଛି ଯେ ସରକାର ଠିକ୍ ଏବଂ ଭୁଲକୁ ପରିଭାଷିତ କରିବାର କ୍ଷମତା ବଜାୟ ରଖନ୍ତି। ଏହିଠାରେ ଗଣତନ୍ତ୍ର ଦୁର୍ବଳ ହୁଏ। ତୃତୀୟ, ଆଇନଗତ ଢାଞ୍ଚାର ବିସ୍ତାର। ସୂଚନା ପ୍ରଯୁକ୍ତି ଆଇନ ୨୦୦୦ ଏବଂ ଆଇଟି ନିୟମ ୨୦୨୧ ସରକାରଙ୍କୁ ଯେକୌଣସି ବିଷୟବସ୍ତୁ ଅପସାରଣ ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା ଦେଇଥିଲା। ଏହି ଆଇନଗୁଡ଼ିକ ମୂଳତଃ ସାଇବର ଅପରାଧ ଏବଂ ଅଶ୍ଳୀଳତାକୁ ରୋକିବା ପାଇଁ ଉଦ୍ଦିଷ୍ଟ ଥିଲା, କିନ୍ତୁ ଧୀରେ ଧୀରେ ସେଗୁଡ଼ିକୁ ରାଜନୈତିକ ସମାଲୋଚନା ଏବଂ ଭିନ୍ନମତକୁ ଦମନ କରିବା ପାଇଁ ବ୍ୟବହାର କରାଯାଇଛି। ଚତୁର୍ଥ, ଏକ ବିଶ୍ୱ ଧାରା। ବିଶ୍ୱର ଅନେକ ଦେଶରେ ଡିଜିଟାଲ ସେନସରସିପ୍ ବଢୁଛି। ଚୀନ୍ ଏବଂ ରୁଷ ଭଳି ଦେଶ ପୂର୍ବରୁ ଇଣ୍ଟରନେଟ୍ ନିୟନ୍ତ୍ରଣ କରିସାରିଛନ୍ତି। ଭାରତରେ, କର୍ତ୍ତୃପକ୍ଷମାନେ ଏହା ମଧ ଦେଖିଛନ୍ତି ଯେ ଡିଜିଟାଲ ନିରୀକ୍ଷଣ ଜନମତକୁ ନିୟନ୍ତ୍ରଣ କରିବା ସହଜ କରିଥାଏ। ଏହି ବିଶ୍ୱ ଧାରା ଭାରତୀୟ କର୍ତ୍ତୃପକ୍ଷଙ୍କୁ ଏହା ଅନୁସରଣ କରିବାକୁ ପ୍ରେରଣା ଦେଇଛି।

ପଞ୍ଚମ, ନିର୍ବାଚନୀ ରାଜନୀତି ଏବଂ ଜନମତ ପରିଚାଳନା। ୨୦୨୯ ନିର୍ବାଚନ ପାଖେଇ ଆସୁଥିବାରୁ, ସରକାର ନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ କେବଳ ତାଙ୍କ ଅନୁକୂଳ କାହାଣୀ ସୋସିଆଲ ମିଡିଆରେ ପ୍ରସାରିତ ହେବ। ବିରୋଧୀ ଦଳ ଏବଂ ଆନ୍ଦୋଳନର ସ୍ୱରକୁ ଦମନ କରି, ସରକାର ନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ କେବଳ ତାଙ୍କର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚିବ। ଏହି ପରିସ୍ଥିତି – ରାଜନୈତିକ ଭୟ, ଭୁଲ ସୂଚନାର ଭୟ, ବିସ୍ତାରିତ ଆଇନଗତ କ୍ଷମତା, ବିଶ୍ୱସ୍ତରୀୟ ଧାରା ଏବଂ ନିର୍ବାଚନ ରଣନୀତି – ଭାରତରେ ଡିଜିଟାଲ୍ ଏକଚ୍ଛତ୍ରବାଦର ମୂଳଦୁଆ ସ୍ଥାପନ କରିଛି। ଫଳରେ ଗଣତନ୍ତ୍ରର ସବୁଠାରୁ ମୌଳିକ ଭିତ୍ତିଭୂମି – ବାକ୍ ସ୍ୱାଧୀନତା – ଦୁର୍ବଳ ହେଉଛି। ଯେତେବେଳେ ଲୋକମାନେ ଅନୁଭବ କରନ୍ତି ଯେ ସେମାନଙ୍କର ସ୍ୱର ନିରନ୍ତର ନଜରରେ ରହିଛି । ଯେକୌଣସି ସମୟରେ ଅପସାରିତ କରାଯାଇପାରିବ, ସେମାନେ କହିବା ବନ୍ଦ କରିଦିଅନ୍ତି। ଏହା ହେଉଛି ସେହି ସ୍ଥାନ ଯେଉଁଠାରେ ଗଣତନ୍ତ୍ର କେବଳ ନାମମାତ୍ର ହୋଇଯାଏ, ଏବଂ ସରକାର, ପ୍ରକୃତରେ, ଡିଜିଟାଲ୍ ନିୟନ୍ତ୍ରଣ ମାଧ୍ୟମରେ ଜନସାଧାରଣଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରେ। ଗଣତନ୍ତ୍ର ଉପରେ ପ୍ରଭାବ – ବାକ୍ ସ୍ୱାଧୀନତା ହେଉଛି ଗଣତନ୍ତ୍ରର ମୂଳଦୁଆ। ଯେତେବେଳେ ନାଗରିକମାନଙ୍କୁ ସେମାନଙ୍କର ମତ ପ୍ରକାଶ କରିବାର ସ୍ୱାଧୀନତାରୁ ବଞ୍ଚିତ କରାଯାଏ, ସେତେବେଳେ ଗଣତନ୍ତ୍ର କେବଳ ଏକ ପ୍ରହସନ ହୋଇଯାଏ। ଏହି ପ୍ରକାରର ସେନସରସିପ୍ ତିନୋଟି ପ୍ରମୁଖ ବିପଦ ସୃଷ୍ଟି କରେ:

ପ୍ରଥମ, ଜନସାଧାରଣଙ୍କ ସ୍ୱରର ଦମନ। ଯେତେବେଳେ ଲକ୍ଷ ଲକ୍ଷ ପୋଷ୍ଟ ହଟାଯାଏ, ଏହା ଏକ ସ୍ପଷ୍ଟ ବାର୍ତ୍ତା ପଠାଏ ଯେ ସରକାର ସମାଲୋଚନାକୁ ସହ୍ୟ କରିବ ନାହିଁ। ଏହା ଲୋକଙ୍କୁ ଭୟଭୀତ କରାଇଥାଏ ଏବଂ ଆଇନଗତ କିମ୍ବା ସାମାଜିକ ସମସ୍ୟାରୁ ରକ୍ଷା ପାଇବା ପାଇଁ ସେମାନଙ୍କ ମତକୁ ଦମନ କରି ଆତ୍ମ-ସେନସରସିପ୍ କରିବାକୁ ବାଧ କରିଥାଏ। ଦ୍ୱିତୀୟ, ସୂଚନାର ନିୟନ୍ତ୍ରଣ। ଏକ ଗଣତନ୍ତ୍ରରେ, ଜନସାଧାରଣଙ୍କ ପାଇଁ ସଠିକ୍ ସୂଚନା ପାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଯେତେବେଳେ ସରକାର ନିଷ୍ପତ୍ତି ନିଅନ୍ତି ଯେ କେଉଁ ସୂଚନା ଜନସାଧାରଣଙ୍କ ପାଖରେ ପହଞ୍ଚିବ ଏବଂ କେଉଁଟି ପହଞ୍ଚିବ ନାହିଁ, ଗଣତନ୍ତ୍ରର ଆତ୍ମା ମରିଯାଏ। ଏହି ପରିସ୍ଥିତି ଏକଚ୍ଛତ୍ରବାଦୀ ଦେଶମାନଙ୍କ ପରି, ଯେଉଁଠାରେ ଗଣମାଧମ କେବଳ ସରକାରଙ୍କ ପ୍ରଚାର କରେ। ତୃତୀୟ, ବିରୋଧୀଙ୍କୁ ଦୁର୍ବଳ କରିବା। ସାମାଜିକ ଗଣମାଧମ ଆଜି ବିରୋଧୀ ଦଳ ଏବଂ ଆନ୍ଦୋଳନର ସବୁଠାରୁ ବଡ଼ ଅସ୍ତ୍ର। ଯେତେବେଳେ ସେମାନଙ୍କର ସ୍ୱରକୁ ନିରନ୍ତର ଦମନ କରାଯାଏ, ସେମାନେ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରନ୍ତି ନାହିଁ। ଏହା ଶାସକ ଦଳ ଏବଂ ବିରୋଧୀଙ୍କ ମଧ୍ୟରେ ସନ୍ତୁଳନକୁ ବିପର୍ଯ୍ୟସ୍ତ କରେ ଏବଂ ଗଣତନ୍ତ୍ର ଏକପାଖିଆ ହୋଇଯାଏ।

ଡିଜିଟାଲ୍ ନଜର ଏବଂ ନାଗରିକତାର ସଙ୍କଟ – ସେନ୍ସରସିପ୍ କେବଳ ପୋଷ୍ଟ ଡିଲିଟ୍ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ। ସରକାର ନାଗରିକଙ୍କ ଡିଜିଟାଲ୍ କାର୍ଯ୍ୟକଳାପ ଉପରେ ମଧ ନଜର ବୃଦ୍ଧି କରୁଛନ୍ତି। ପ୍ରତ୍ୟେକ ମନ୍ତବ୍ୟ, ପ୍ରତ୍ୟେକ ଭିଡିଓ ଏବଂ ପ୍ରତ୍ୟେକ ଲେଖାକୁ ତଥ୍ୟ ଭାବରେ ଦେଖାଯାଏ। ଏହି ତଥ୍ୟ ପ୍ରକାଶ କରେ ଯେ ଜନସାଧାରଣ କେଉଁ ପ୍ରସଙ୍ଗ ଉପରେ କ୍ରୋଧିତ ଏବଂ କେଉଁ ପ୍ରସଙ୍ଗ ଉପରେ ଖୁସି। ସରକାର ଏହି ତଥ୍ୟକୁ ତା' ଅନୁଯାୟୀ ନୀତିଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରନ୍ତି। କିନ୍ତୁ ଏହି ପ୍ରକ୍ରିୟା ବିପଦପୂର୍ଣ୍ଣ। ଯେତେବେଳେ ନାଗରିକମାନେ ଅନୁଭବ କରନ୍ତି ଯେ ସେମାନଙ୍କର ମତାମତ ନିରନ୍ତର ନଜରରେ ରହିଛି, ସେମାନେ ମୁକ୍ତ ଭାବରେ କହିବା ବନ୍ଦ କରିଦିଅନ୍ତି। ଏହି ପରିସ୍ଥିତି ଗଣତନ୍ତ୍ରକୁ ଦୁର୍ବଳ କରେ ଏବଂ ନାଗରିକମାନଙ୍କୁ ଅସୁରକ୍ଷିତ ଅବସ୍ଥାକୁ ଠେଲିଦିଏ। ଗଣତନ୍ତ୍ରର ଭବିଷ୍ୟତ – ଯଦି ଏହି ପ୍ରକ୍ରିୟା ଜାରି ରହେ, ତେବେ ଭାରତର ଗଣତନ୍ତ୍ର ଧୀରେ ଧୀରେ ଏକ ଡିଜିଟାଲ୍ ଏକଚ୍ଛତ୍ରବାଦରେ ପରିଣତ ହେବ। ପ୍ରତ୍ୟେକ ନୀତି ପ୍ରଥମେ ସାମାଜିକ ଗଣମାଧମରେ ବିତର୍କ ହେବ, ତା'ପରେ ସେହି ବିତର୍କ ଉପରେ ଆଧାର କରି କାର୍ଯ୍ୟକାରୀ କରାଯିବ। କିନ୍ତୁ ଏହି ବିତର୍କ ମୁକ୍ତ ହେବ ନାହିଁ – କାରଣ ସରକାର ନିଷ୍ପତ୍ତି ନେବେ ଯେ କେଉଁ ମତାମତ ଜନସାଧାରଣଙ୍କ ପାଖରେ ପହଞ୍ଚେ । କେଉଁଟି ପହଞ୍ଚେ ନାହିଁ। ଏହି ପରିସ୍ଥିତିରେ, ଜନସାଧାରଣଙ୍କ ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଏହି ସେନ୍ସରସିପ୍ ଚିହ୍ନିବା ଏବଂ ପ୍ରତିରୋଧ କରିବା। ନାଗରିକମାନେ ସେମାନଙ୍କ ସ୍ୱରକୁ ଦମନ କରିବାକୁ ନ ଦେଲେ ଗଣତନ୍ତ୍ର କେବଳ ବଞ୍ଚିପାରିବ। ସେମାନଙ୍କୁ ବୁଝିବାକୁ ପଡିବ ଯେ ସାମାଜିକ ଗଣମାଧମରେ ବିତର୍କ କରିବା ଗଣତନ୍ତ୍ର ନୁହେଁ। ଯେତେବେଳେ ଲୋକମାନେ ରାସ୍ତାକୁ ଓହ୍ଲାଇ ନିଜର ମତ ପ୍ରକାଶ କରିବେ ଏବଂ କ୍ଷମତାରେ ଥିବା ଲୋକଙ୍କୁ ପ୍ରଶ୍ନ କରିବେ, ସେତେବେଳେ ପ୍ରକୃତ ଗଣତନ୍ତ୍ରର ଉଦୟ ହେବ। ୧୯୫,୦୦୦ ଆଦେଶ କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ଗଣତନ୍ତ୍ର ପାଇଁ ଏକ ଚେତାବନୀ। ଏହା ଦର୍ଶାଉଛି ଯେ ଶାସକ ବର୍ଗ ସାମାଜିକ ଗଣମାଧମକୁ ଏହାର ପ୍ରୟୋଗଶାଳାରେ ପରିଣତ କରିଛି, ଯେଉଁଠାରେ ଜନମତକୁ ନିଜ ସ୍ୱାର୍ଥ ଅନୁଯାୟୀ ଗଢ଼ି ତୋଳିଛି। ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ଏବଂ ଆଇଟି ନିୟମ ବ୍ୟବହାର କରି ସରକାର ଅଭିବ୍ୟକ୍ତିର ସ୍ୱାଧୀନତାକୁ ପ୍ରତିବନ୍ଧିତ କରିଛନ୍ତି। ଏହା ସିଧାସଳଖ ଗଣତନ୍ତ୍ରକୁ ପ୍ରଭାବିତ କରୁଛି – ଲୋକଙ୍କ ସ୍ୱରକୁ ଦମନ କରାଯାଉଛି, ସୂଚନାକୁ ନିୟନ୍ତ୍ରଣ କରାଯାଉଛି ଏବଂ ବିରୋଧୀ ଦଳକୁ ଦୁର୍ବଳ କରାଯାଉଛି। ଯଦି ଏହି ଧାରା ଜାରି ରହେ, ତେବେ ଭାରତର ଗଣତନ୍ତ୍ର କେବଳ ନାମକୁ ହ୍ରାସ ପାଇବ ଏବଂ ଦେଶ ପ୍ରକୃତରେ ଏକ ଡିଜିଟାଲ୍ ଏକଚ୍ଛତ୍ରବାଦରେ ପରିଣତ ହେବ।

ମୋ-୯୪୩୭୨୮୮୦୨୮

# ଗୁଣ କମି କମି ଯାଉଛି

**ଜଗନ୍ନାଥ ବେହେରା**

ବଣମଣିଷ ପ୍ରଥମେ ଏକା ଏକା ବାସ କରୁଥିଲା । ଉଲଗ୍ନ ହୋଇ ବୁଲୁଥିଲା । ବୁଦ୍ଧି,ବିବେକର ଯେତେବେଳେ ବିକାଶ ହେଲା , ଦଳବଦ୍ଧ ହୋଇ ସମାଜ ଗଠନ କଲେ ।ଲଜ୍ଜା ଆବରଣ ପାଇଁ ଗଛର ବକଳ ପରିଧାନ କଲେ, କଞ୍ଚା ମାଂସ ଛାଡି ପୋଡା ମାଂସ ଭକ୍ଷଣ କଲେ । ଶିକାର ପରିତ୍ୟାଗ କରି ଚାଷବାସ ଆରମ୍ଭ କରି ଉଦର ପୋଷଣ କଲେ । ସମାଜ ଧୀରେ ଧୀରେ ଗାଁ ମୁଖିଆଙ୍କ କଥାରେ ଚାଲିଲା । ପର୍ଯ୍ୟାୟକ୍ରମେ ପ୍ରଥା, ପରମ୍ପରା, ସଂସ୍କୃତି ତିଆରି ହେଲା ।ସେଦିନର ସେହି ବିକାଶ ଯୁଗ ଯୁଗ ଧରି ପରିବର୍ତ୍ତନ ହୋଇ ଚାଲି ଆସିଛି । ତଥାପି ଆଜିର ସରକାର ବିକାଶ ସ୍ଲୋଗାନ ଦେଇଚାଲିଛି । କାରଣ ଏବେ ବି ଆମେ କିଛି ନା କିଛି କ୍ଷେତ୍ରରେ ବିକଶିତ ହୋଇ ପାରିନାହୁଁ ବୋଲି ସଚେତନଙ୍କର ଧାରଣା।

ମଣିଷ ଆଜି ଖାଦ୍ୟ ପଦାର୍ଥରେ ସମ୍ପୂର୍ଣ୍ଣ ବିକଶିତ । ଦିନ ଦରିଦ୍ର ନାହାନ୍ତି କି ଅଭାବ ଅନଟନ ପ୍ରାୟତଃ ନାହିଁ ।ସବୁଠି ବିକାଶ। ବୁକୁ ଦେଶରେ ପାଦ ଥାପି ଗର୍ବର ସହିତ ଛିଡା ହୋଇଛି । ଅନ୍ୟାନ୍ୟ ଇତର ପ୍ରାଣୀକୁ ଦେଖି ଉପହାସ୍ୟ ପୂର୍ବକ ଅଟ୍ଟହାସ୍ୟ କରୁଛି। କହୁଛି ରେ ବାନର ତୁ ସେମିତି ରହିଗଲୁ, ଗଛ କୋରଡରେ ରହି ଫଳମୂଳ ଖାଇଲୁ , ହେଲେ ଆମକୁ ଦେଖେ ମାଛ,ମାଂସ, ଅଣ୍ଡା ,ଛେନା ,ପନିର, ଘିଅ ଖାଉଛୁ । ଗାଡିରେ ଗଡୁଛୁ ଉଡ଼ାଜାହାଜରେ ଉଡୁଛୁ ।ଶୀତତାପ ନିୟନ୍ତ୍ରିତ ଘରେ ବାସ କରୁଛୁ ।




କିନ୍ତୁ ଏ ବିକାଶ, ଗୁଣର ନା ଗୁଣାର ଏ ଅନ୍ଧ ମଣିଷ ବୁଝି ପାରୁନାହିଁ । ଯେଉଁ ଗୁଣାରେ ମଣିଷ ଆଜି ପ୍ରଗତି କରିଛି ତାହାର ଗୁଣବତ୍ତା କେତେ ସେହି ପ୍ରଶ୍ନ ସମସ୍ତଙ୍କୁ ଭୟଭୀତ କରୁଛି । ଦେଶରେ ଗୋରୁ ଯଥେଷ୍ଟ ନାହାନ୍ତି, କ୍ଷୀର ନାହିଁ ଅଥଚ ଟ୍ରକ ଟ୍ରକ ପନିର ଉତ୍ପାଦନ ହେଉଛି। ଆବଶ୍ୟକ ମୁତାବକ ପନିର ମାର୍କେଟରେ ଉପଲବ୍ଧି ହେଉଛି। କିନ୍ତୁ ଗୁଣ ଠିକ୍ ତ ? ଶହ ଶହ ଗୁଣାର ଧାନ ଚାଉଳ ମାଣ୍ଡିଆ ଆସୁଛି। କିନ୍ତୁ ସେହି ଗୁଣବତ୍ତା ରହିଛ ତ ? ସକାଳ ପାହିଲେ ମାର୍କେଟରେ ପନିପରିବା ଟ୍ରକ ଟ୍ରକ ଆସୁଛି । କିନ୍ତୁ ଶୁଣା ଯାଉଛି କେବଳ ଆମେ ବିଷ ଖାଉଛୁ । ପ୍ରତିଦିନ ପ୍ରାୟ ପ୍ରତ୍ୟେକ ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ଚାଲିଛି । କେମିକାଲ ପ୍ରୟୋଗ ହୋଇ ବହୁ ଜିନିଷ ନକଲି ବା ଭେଜାଲରେ ଚାଲିଛି ।

ରୋଡ଼ଘାଟ, ରେଳ ଲାଇନ, କଳକାରଖାନାର ଦ୍ରୁତ ବିକାଶ ହେଉଥିବାର ଆମେ ଦେଖୁଛୁ। ପ୍ରତ୍ୟେକ ଗାଁ ରୁ ଗାଁ କୁ ,ସହରରୁ ସହରକୁ ଯୋଡି ହେବାର ଯେତିକି ଖୁସି ହେଉଛୁ ତା ଠାରୁ ଅଧିକ ନିରାଶ ହେଉଛୁ ।ଯେବେ ତାର ସ୍ଥାୟିତ୍ୱ ଆମେ ଦେଖୁଛୁ । ଗୁଣାରୁ ବଢି ବଢି ଆଜି ଶହେ ଗୁଣା ହୋଇଛି ।କିନ୍ତୁ ଗୁଣ କମି କମି ଯାଉଛି । ବଡ଼ ବଡ଼ ବ୍ରିଜ ଦ୍ରୁତ ଗତିରେ ବଢୁଛି। ଆଶ୍ଚର୍ଯ୍ୟର କଥା କିଛି ଦିନ ଅନ୍ତରରେ ଭୁଶୁଡି ଯିବାର ଖବର ଗଣମାଧମରେ ପ୍ରସାରିତ ହେଉଛି । ନଡ଼ା ଚାଳ ଛପର ଘର ବିକାଶ ପଥରେ ଆକାଶ ଭେଦି ନଭଶ୍ଚୁମ୍ବି ପ୍ରସାଦରେ ପରିଣତି ହୋଇଛି। କିନ୍ତୁ ବିପିଏଲ ସ୍ଥିର ରହିଛି। ରାସ୍ତାରେ ଜରି ଗୋଟାଇବା ଲୋକଙ୍କ ଧାଡ଼ି ଦେଖିବାକୁ ମିଳୁଛି। ପ୍ରଶ୍ନ ଉଠିଛି, ଯେଉଁ ବିକାଶ କଥା ଆମେ କହୁଛନ୍ତି ତାହା ଗୁଣର ନ ଗୁଣାର ?

ନବରଙ୍ଗପୁର,ମୋ – ୯୫୩୭୭୮୫୧୫୮

# ନଗ୍ନତା କ'ଣ ସମାଜ ପାଇଁ ଜରୁରୀ ?

**ବିଷ୍ଣୁ ପ୍ରସାଦ ଦାସ**

"**ଭାରତୀୟ ସଂସ୍କୃତିରେ ଆଧୁନିକତାର ଅର୍ଥ କେବଳ ଶରୀର ପ୍ରଦର୍ଶନ ନୁହେଁ ବରଂ ଶାଳୀନତାକୁ ପ୍ରାଧାନ୍ୟ ଦେବା ଜରୁରୀ । ପ୍ରକୃତ ଆଧୁନିକତା ହେଉଛି ଚିନ୍ତାର ଉଦାରତା, ଲିଙ୍ଗ ସମାନତା, ମାନବିକତା, ଆଇନ ପ୍ରତି ସମ୍ମାନ, ସାମାଜିକ ଦାୟିତ୍ୱବୋଧ ଏବଂ ଶୃଂଖଳା । ସେହିପରି ପାରମ୍ପରିକତା କେବଳ ବାହ୍ୟ ଆଚାର-ବିଚାର ନୁହେଁ; ବରଂ ସତ୍ୟ, ପରସ୍ପର ସମ୍ମାନ ଓ ନୈତିକ ମୂଲ୍ୟବୋଧକୁ ଜୀବନରେ ପ୍ରତି କ୍ଷେତ୍ରରେ କାର୍ଯ୍ୟରେ ଲଗାଇବା ।**

ସମୟ ସହିତ ସମାଜର ଚିନ୍ତାଧାରା, ଜୀବନଶୈଳୀ ଓ ସାଂସ୍କୃତିକ ମୂଲ୍ୟବୋଧରେ ପରିବର୍ତ୍ତନ ଆସିବା ସ୍ୱାଭାବିକ। ଏକବିଂଶ ଶତାବ୍ଦୀରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ମାନବ ଜୀବନକୁ ଯେପରି ନୂତନ ଦିଗ ଦେଖାଇଛି, ସେହିପରି ସାମାଜିକ ମୂଲ୍ୟବୋଧକୁ ନେଇ ଅନେକ ନୂତନ ପ୍ରଶ୍ନ ମଧ ସୃଷ୍ଟି କରିଛି । ସେହି ପ୍ରଶ୍ନମାନଙ୍କ ମଧ୍ୟରୁ ଗୋଟିଏ ହେଉଛି...ନଗ୍ନତା କ'ଣ ସମାଜ ପାଇଁ ଜରୁରୀ ? ହୁଏତ ଏହା ବ୍ୟକ୍ତି ସ୍ୱାଧୀନତାର ଏକ ନୂତନ ଦିଗ ବୋଲି ଧରି ନେବାକୁ ହେବ।

ଆଜିର ସମୟରେ ଗଣମାଧମ, ଫ୍ୟାଶନ୍ ଶିଳ୍ପ, ମନୋରଞ୍ଜନ ଜଗତ ଏବଂ ଡିଜିଟାଲ୍ ସଂସ୍କୃତି ମାନବ ସମାଜକୁ ବହୁ ମାତ୍ରାରେ ପ୍ରଭାବିତ କରି ଚାଲିଛି । ଏହାର ପ୍ରଭାବରେ ପୋଷାକ ପରିଧାନ, ଜୀବନ ଶୈଳୀ ତଥା ସୌନ୍ଦର୍ଯ୍ୟବୋଧ ଉପରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି । ଏହି ପରିବର୍ତ୍ତନକୁ କେହି ଆଧୁନିକତାର ଦୃହି ଦେଇ ଗ୍ରହଣ କରୁଥିବା ବେଳେ, ଅନ୍ୟମାନେ ଏହାକୁ ପାରମ୍ପରିକ



ମୂଲ୍ୟବୋଧର ଅବକ୍ଷୟ ବୋଲି ମନେ କରୁଛନ୍ତି ।

ପୃଥିବୀର ବିଭିନ୍ନ ସମାଜରେ 'ଶାଳୀନତା'ର ପରିଭାଷା ଏକ ପ୍ରକାର ନୁହେଁ । ଯାହା ଗୋଟିଏ ଦେଶରେ ସାଧାରଣ ବୋଲି ଗ୍ରହଣୀୟ ହୁଏ, ତାହା ଅନ୍ୟ ଦେଶରେ ଗ୍ରହଣୀୟ ହୋଇ ପାରେ ନାହିଁ । ତେଣୁ ଅନ୍ୟ ଦେଶର ଜୀବନ ଶୈଳୀକୁ ଆଧାର କରି ଭାରତୀୟ ସମାଜକୁ ବିଚାର କରିବା ଉଚିତ ନୁହେଁ ।

ସେହିପରି ନିଜ ସଂସ୍କୃତିର ନାମରେ ବ୍ୟକ୍ତିଗତ ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ମଧ ଯୁକ୍ତିସଙ୍ଗତ ନୁହେଁ । ଭାରତୀୟ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସ୍ୱାଧୀନତାର ଅଧିକାର ପ୍ରଦାନ କରିଛି । କିନ୍ତୁ ପ୍ରତ୍ୟେକ ଅଧିକାର ସହିତ ଦାୟିତ୍ୱ ମଧ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବ୍ୟକ୍ତିଗତ ସ୍ୱାଧୀନତାର ପ୍ରୟୋଗ ଏପରି ହେବା ଉଚିତ, ଯାହା ସମାଜର ଶାନ୍ତି, ଆଇନର ଶାସନ ଓ ଅନ୍ୟମାନଙ୍କର ଅଧିକାରକୁ କ୍ଷୁଣ୍ଣ ନ କରେ । ସ୍ୱାଧୀନତାକୁ ପାଥେୟ କରି କେବେ ମଧ ସ୍ୱେଚ୍ଛାଚାରିତା ହେବା ଉଚିତ ନୁହେଁ । ସ୍ୱାଧୀନତା ନାଗରିକଙ୍କୁ ସଚେତନତା, ସଂଯମତା ଏବଂ ଦାୟିତ୍ୱବୋଧ ଶିଖାଏ ।

ସାଧାରଣତଃ ସମାଜରେ ଘଟୁଥିବା ଅପରାଧ, ବିଶେଷକରି ନାରୀଙ୍କ ପ୍ରତି ହିଂସା କିମ୍ବା ଯୌନ ଅପରାଧକୁ ପୋଷାକ କିମ୍ବା ନଗ୍ନତା ସହିତ ଯୋଡ଼ି ଦେଖା ଯାଉଛି । କିନ୍ତୁ ବାସ୍ତବତା ହେଉଛି, ଅପରାଧର ମୂଳ କାରଣ ଶତ ପ୍ରତିଶତ ପୋଷାକ ନୁହେଁ । ଆମର ବିକୃତ ମାନସିକତା, ନୈତିକ ଶିକ୍ଷାର ଅଭାବ, ଆଇନକୁ ବେଖାତିର ତଥା ନାରୀ-ପୁରୁଷ ସମାନ ସମ୍ମାନ ବୋଧର ଘୋର ଅଭାବ ପରିଲକ୍ଷିତ ହୁଏ । ଗୁଣୀ, ଜ୍ଞାନୀ ବ୍ୟକ୍ତିମାନେ ସମସ୍ୟାର ସମାଧାନ ଖୋଜିବା ବେଳେ କେବଳ ବାହ୍ୟ ରୂପକୁ ନୁହେଁ, ବରଂ ସମାଜର ଚିନ୍ତାଧାରା ଏବଂ ଚରିତ୍ର ଗଠନକୁ ମଧ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ଭରତୀୟ ସଂସ୍କୃତିରେ ଆଧୁନିକତାର ଅର୍ଥ କେବଳ ଶରୀର ପ୍ରଦର୍ଶନ ନୁହେଁ ବରଂ ଶାଳୀନତାକୁ ପ୍ରାଧାନ୍ୟ ଦେବା ଜରୁରୀ । ପ୍ରକୃତ ଆଧୁନିକତା ହେଉଛି ଚିନ୍ତାର ଉଦାରତା, ଲିଙ୍ଗ ସମାନତା, ମାନବିକତା, ଆଇନ ପ୍ରତି ସମ୍ମାନ, ସାମାଜିକ ଦାୟିତ୍ୱବୋଧ ଏବଂ ଶୃଂଖଳା । ସେହିପରି ପାରମ୍ପରିକତା କେବଳ ବାହ୍ୟ ଆଚାର-ବିଚାର ନୁହେଁ; ବରଂ ସତ୍ୟ, ପରସ୍ପର ସମ୍ମାନ ଓ ନୈତିକ ମୂଲ୍ୟବୋଧକୁ ଜୀବନରେ ପ୍ରତି କ୍ଷେତ୍ରରେ କାର୍ଯ୍ୟରେ ଲଗାଇବା ।

ଏହାର ସମାଧାନ କେବଳ ସରକାରଙ୍କ କଠୋର ଆଇନରେ ସମ୍ଭବ ନୁହେଁ । ପରିବାରରେ ଶିଶୁମାନଙ୍କୁ ଉତ୍ତମ ସଂସ୍କାର ଦେବା, ବିଦ୍ୟାଳୟରେ ନୈତିକ ଏବଂ ନାଗରିକ ଶିକ୍ଷାକୁ ସୁଦୃଢ଼ କରିବା ଉଚିତ। ଗଣମାଧମର ଦାୟିତ୍ୱଶୀଳ ଭୂମିକା, ଆଇନର ନିରପେକ୍ଷ ପ୍ରୟୋଗ ଏବଂ ପ୍ରତ୍ୟେକ ନାଗରିକଙ୍କ ଆତ୍ମ ସଂଯମ...ଏସବୁ ମିଶି ହିଁ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହେବ । ନଗ୍ନତା ସମାଜର ଉନ୍ନତିର ପରିମାପ ନୁହେଁ, କିମ୍ବା ଅତ୍ୟଧିକ ରକ୍ଷଣଶୀଳତା ମଧ ପ୍ରଗତିର ମାପକାଠି ନୁହେଁ । ଏକ ସୁସ୍ଥ ସମାଜ, ଯେଉଁଠାରେ ବ୍ୟକ୍ତିଗତ ସ୍ୱାଧୀନତା ଓ ସାମାଜିକ ଦାୟିତ୍ୱ ବୋଧ ପରସ୍ପରର ପରିପୂରକ ହୋଇଥାଏ । ବିକୃତ ମାନସିକଧାରୀ ଫ୍ୟାସନ୍ ଡିଜାଇନରମାନଙ୍କ ନଗ୍ନ ପୋଷାକର ବ୍ୟବସାୟିକ ପ୍ରଚାର ପ୍ରସାର ଆମ ଯୁବ ପିଢ଼ିକୁ ଆକୃଷ୍ଟ କରୁଛି । ନଗ୍ନତା ଆଧୁନିକ ସମାଜ ପାଇଁ ଆଦୌ ଜରୁରୀ ନୁହେଁ, ଏହା ଅଙ୍ଗ ପ୍ରଦର୍ଶନର ଏକ ବିକୃତ ମାନସିକତା

କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭

26. 08.2026.pmd 1 8/24/2026, 6:21 PM

## ୮ ଟିକିଆ ହାତୀପଲ ଗାଁ'ମୁହାଁ

ରାୟଗଡା,(ନିପ୍ର): ରାୟଗଡ଼ା ସଦର ବ୍ଲକ ଏମ୍ପଲବାଲସା, କେରେଡା, ଅନିଜା, ପୁଡେଶୁ, ବୋରୁହାଲୁଆ ଗାଁ ନିକଟରେ ବୁଲୁଛନ୍ତି ହାତୀପଲ । ଆନ୍ଧ୍ରପ୍ରଦେଶ ରାଜ୍ୟ ବୀରଗୋଟମ୍ ସଂରକ୍ଷିତ ଜଙ୍ଗଲରୁ ଆଠ ଟିକିଆ ହାତୀପଲ ଗାଁ ମୁହାଁ ହୋଇଛନ୍ତି । ନାଗାବଳୀ ନଦୀ କୂଳରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚଲାବୁଲା କରୁଥିବା ପରିଲକ୍ଷିତ ହୋଇଛି । ଫଳରେ ସୀମାନ୍ତ ଗାଁ ମାନଙ୍କରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡିଛି ।



ରବିବାର ଭୋର ସମୟରେ ଏହି ହାତୀପଲ କୋମରଡା ଓ କୋଟୁ ଗାଁ ପାର ହୋଇ ଓଡ଼ିଶା ଆଡ଼କୁ ଅଗ୍ରସର ହୋଇଛନ୍ତି । ନାଗାବଳୀ ନଦୀ କୂଳରେ ଜଳକ୍ରୀଡ଼ା କରିବା ସହିତ ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ଦେଖିବାକୁ ମିଳିଛି । ହାତୀପଲ ଉଭୟ ରାଜ୍ୟର ବ୍ୟାପକ ଫସଲ ମଧ୍ୟ ନଷ୍ଟ କରିଥିବା ଗାଁ ଲୋକେ କହିଛନ୍ତି । ଖବରପାଇ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ବନ ବିଭାଗ କର୍ମଚାରୀ ହାତୀ ପଲ ଉପରେ ନଜର ରଖିବା ପାଇଁ ଯୁଗ୍ମ ପାଟ୍ରୋଲିଂ କରୁଥିବା ଜଣାପଡ଼ିଛି । ଏଥିସହ ଉଭୟ ରାଜ୍ୟର ବିଭିନ୍ନ ଗାଁ ମାନଙ୍କରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି । ଏ ସମ୍ପର୍କରେ ରାୟଗଡ଼ା ରେଞ୍ଜର ଅନିଲ୍ ପାଣିଗ୍ରାହୀ କହିଛନ୍ତି ଯେ, ଖବରପାଇ ବନବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି । କ୍ଷେତ୍ରରେ କର୍ମଚାରୀ ନିୟୋଜିତ ଅଛନ୍ତି ।


## ଜୁଆ ଆଡ୍ଡା ଉପରେ ଚଢ଼ାଉ



ପାରଳାଖେମୁଣ୍ଡି,(ନିପ୍ର): ବେଆଇନ ଜୁଆ କାରବାର ବିରୋଧରେ ଚାଲିଥିବା ଅଭିଯାନ କ୍ରମେ ପାରଳାଖେମୁଣ୍ଡି ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ନୀଳା ପାଲେଇ (୨୭), ଲୋକେଶ୍ୱର ବରଡା (୨୪), ସନ୍ତୋଷ ସାହୁ (୨୬), ଦିଲ୍ଲୀ ପାସପୁରେଡ୍ଡୀ (୪୭), ଜୟରାମ ସ୍ୱାଇଁ (୩୦) ଏବଂ ହରେକୃଷ୍ଣ ବାରିକ (୪୧) ଙ୍କ ସମେତ ମୋଟ ୬ ଜଣଙ୍କୁ ଧରିଛି । ଏହି ଚଢ଼ାଉ ସମୟରେ ସେମାନଙ୍କ ନିକଟରୁ ନଗଦ ଟଙ୍କା ୧୬,୦୦୦/୩ଟି ମୋଟରସାଇକେଲ/ସ୍କୁଟି ଏବଂ ୬ଟି ମୋବାଇଲ ଫୋନ ଜବତ କରାଯାଇଛି । ଏ ସମ୍ପର୍କରେ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପାରଳାଖେମୁଣ୍ଡି ସହରରେ ଜୁଆ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ବିରୋଧରେ ଗଜପତି ପୋଲିସର ଅଭିଯାନ ଆଗାମୀ ଦିନରେ ମଧ ଜାରି ରହିବ ।

## ମନ୍ତ୍ରୀଙ୍କ ଅଧକ୍ଷତାରେ ଭଦ୍ରକ ଜିଲ୍ଲାର ବନ୍ୟା ସମୀକ୍ଷା

ଭଦ୍ରକ,(ନିପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧକ୍ଷତାରେ ବନ୍ୟା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ମନ୍ତ୍ରୀ ସମେତ ଉଚ୍ଚ ଶିକ୍ଷା,କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ସିଡିଓ ତଥା ଇଓ ଜିଲ୍ଲା ପରିଷଦ ଶୁଭେନ୍ଦୁ



କୁମାର ସାମଲ ,ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ବୈତରଣୀ, ସାଳନ୍ଦୀ, ଆଖୁଆପଦା ନଦୀର ଜଳସ୍ତର, ପ୍ରଭାବିତ ଗ୍ରାମ, ବନ୍ଧ, ବ୍ରିଜ୍, କଲଭର୍ଟ, ଆଶ୍ରୟ ସ୍ଥଳୀ, ପାନୀୟ ଜଳ, ସ୍ୱାସ୍ଥ୍ୟ, ପଶୁ ଚିକିତ୍ସା, ଚାଷ କ୍ଷୟକ୍ଷତି, ରାସ୍ତା ଓ ବିଦ୍ୟୁତ୍ ପୁନଃସ୍ଥାପନ ଉପରେ ଆଲୋଚନା ହୋଇଛି ।ଭବିଷ୍ୟତରେ ବନ୍ୟା ରୋକିବା ପାଇଁ ନଦୀ, ଡ୍ରେନର ସୁବ୍ୟବସ୍ଥା ଓ ଡିପିଆର ପ୍ରସ୍ତୁତ କରିବାକୁ ମନ୍ତ୍ରୀ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ତାନ୍ତ୍ରିକ ହତ୍ୟାକାଣ୍ଡର ପର୍ଦ୍ଦାଫାସ

ପୁରୀ,(ନିପ୍ର): ପୁରୀ କଣାସରେ ତାନ୍ତ୍ରିକ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ ହୋଇଛି । ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି । କଣାସ ଥାନା ମନ୍ଦାର ବସ୍ତ ଗାଁରେ ହୋଇଥିବା ଚାଞ୍ଚଲ୍ୟକର ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁରୀ ପୋଲିସ । ଏସ୍‌ପଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏକାଧିକ ଟିମ୍ ସିସିଟିଭି ଓ ବୈଷୟିକ ତଥ୍ୟ ଆଧାରରେ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ଅଞ୍ଚଳର ରାଜ କିଶୋର ସାହୁ (୩୨), ସୁରେଶ ସାହୁ (୨୨) ଓ କେନ୍ଦ୍ରାପଡ଼ାର ସତ୍ୟବ୍ରତ ମଲିକ୍ । ସେମାନଙ୍କ ଠାରୁ ୨ ଟି ମୋବାଇଲ୍ ଫୋନ୍, ହତ୍ୟାରେ ବ୍ୟବହୃତ ଛୁରୀ, ଗୋଟିଏ ବାଇକ୍ ଜବତ ହୋଇଛି । ତେବେ ହତ୍ୟା ପଛରେ ପ୍ରେମ, ପ୍ରତାରଣା, ଟଙ୍କା ଆଦାୟକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୁରୀ ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି ।

# ସୁନ୍ଦରଗଡ କେ. ବଲାଙ୍ଗ ଅଞ୍ଚଳରୁ ମାଓ ଅସ୍ତ୍ରଶସ୍ତ୍ର ଜବତ

ରାଉରକେଲା,(ନିପ୍ର): ଗତ ୨୦୨୬ ଅଗଷ୍ଟ ୨୩ ତାରିଖ ସୁନ୍ଦରଗଡ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସିଲକୁଟା ରିଜର୍ଭ ଫରେଷ୍ଟରେ ଏକ ଗୁପ୍ତ ମାଓ ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବା ସମ୍ପର୍କରେ, ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ବିସ୍ତୃତ ପଚରାଉଚରା ସମୟରେ ମିଳିଥିବା ସୂଚନା ଆଧାରରେ, ଡିଭିଏଫ୍ ଏବଂ ବିଡିଡିଏସ୍‌ର ମିଳିତ ଦଳ ଦ୍ୱାରା ଏକ ଅନୁସନ୍ଧାନ ଏବଂ ଅଞ୍ଚଳ ଆଧିପତ୍ୟ ଅଭିଯାନ ଆରମ୍ଭ କରାଯାଇଥିଲା ।

ଏହି ଅପରେସନ୍ ସମୟରେ, ମିଳିତ ଦଳ, ଜଙ୍ଗଲ ଅଞ୍ଚଳର ଏକ ପୁଙ୍ଖାନୁପୁଙ୍ଖ ସନ୍ଧାନ କରିଥିଲା । ଏହି ସନ୍ଧାନ ସମୟରେ ଅସ୍ତ୍ରଶସ୍ତ୍ର ସମେତ ଗୁଳିଗୋଳା, ବିସ୍ଫୋରକ, ମାଓ ପୁସ୍ତିକା ଏବଂ ମାଓ ଶିବିର-ସମ୍ବନ୍ଧୀୟ ଲେଖା ଥିବା ଏକ ଗୁପ୍ତ ଡମ୍ପକୁ ଚିହ୍ନଟ ସହ ଉଦ୍ଧାର କରାଯାଇଥିଲା ।

ଏହି ମାଓ ସାମଗ୍ରୀ ଗୁଡିକୁ ଉପଯୁକ୍ତ ପ୍ରକ୍ରିୟା ଅନୁସାରେ ଉଦ୍ଧାର କରାଯିବା ସହିତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ଏବଂ କବଜାକୁ ନିଆଯାଇଥିଲା । ମାଓ ନେଟୱାର୍କଗୁଡ଼ିକୁ ଭାଙ୍ଗିବା ଏବଂ ସେମାନଙ୍କୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଲଜିଷ୍ଟିକ୍ ସମ୍ବଳର ପ୍ରବେଶରୁ ବଞ୍ଚିତ କରିବା ପାଇଁ ଚାଲିଥିବା ପ୍ରୟାସରେ ଗୁପ୍ତ ଡମ୍ପିଂ ଅସ୍ତ୍ରଶସ୍ତ୍ର ଉଦ୍ଧାର ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ



ସଫଳତା ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ, ଓଡ଼ିଶା ରାଜ୍ୟକୁ ଗତ ୨୦୨୬ ମାର୍ଚ୍ଚ ୩୧ରେ ନକ୍ସଲମୁକ୍ତ ରାଜ୍ୟ ଘୋଷଣା କରାଯାଇଥିଲା । ଏହି ପଦକ୍ଷେପ ପୁନରୁଦ୍ଧାର ଅସ୍ତ୍ରଶସ୍ତ୍ର ପ୍ରଭାବିତ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଏବଂ ସ୍ଥାୟୀ ସ୍ଥିରତା ବଜାୟ ରଖିବା ପାଇଁ ସୁରକ୍ଷା ବାହିନୀର ନିରନ୍ତର ପ୍ରୟାସକୁ ଆହୁରି ପ୍ରତିଫଳିତ କରିବ । ପୁନରୁଦ୍ଧାର ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ଗୋଟିଏ ସିଏମ୍ ୯ଏମ୍‌ଏମ୍ ୧A୧ (କାର୍ବାଇନ) ଯାହାର ପଞ୍ଜିକୃତ ନମ୍ବର ଡ୨ଏ ୧୮୯-୧୬୧୮୯୫୮, ବର୍ଷ- ୧୯୯୭ । ଗୋଟିଏ ଆଇଇଡି କଣ୍ଟେନର, ୧୫ଟି ଡେଟୋନେଟର, ଦୁଇଟି ମାଓ ପତ୍ରିକା ବା ପୁସ୍ତିକା, ଗୋଟିଏ ସିଲିଂ, ଗୋଟିଏ ମୋଟୋରୋଲା ୱାକି ଟକି, ୨୦ଟି ୯ଗଗ ବଲ୍ ଗୋଳାବାରୁଦ, ଗୋଟିଏ କାଇଓ୍ୱିଟ୍ସ କଗ୧୦୦ ଡିଜିଟାଲ୍ ମଲ୍ଟି ମିଟର, ଗୋଟିଏ ଚାର୍ଜର ବ୍ୟାଟେରୀ, ଗୋଟିଏ ୱାକି ଟକି ଫ୍ରିକ୍ୱେନ୍ସି, ଦୁଇଟି ୱାକି ଟକି ପାଉଚ୍ ଏବଂ ଅନ୍ୟାନ୍ୟ ପାଉଚ୍ ।

## ଆନ୍ତଃରାଜ୍ୟ ଆଞ୍ଚଳିକ ଅଭିଭାବକ ସମ୍ମିଳନୀ ଉଦ୍‌ଯାପିତ

ରାଉରକେଲା,(ନିପ୍ର): ପରିବାର ଓଡ଼ିଶା ଓ ଶ୍ରଦ୍ଧା ଦ୍ୱାରା ମିଳିତ ୨ ଦିନିଆ ୯୮ ତମ ଦ୍ୱିଦିବସୀୟ ଆଞ୍ଚଳିକ ଅଭିଭାବକ ସମ୍ମିଳନୀ ଓଡିଶା -୨୦୨୬ ବରଟୋଲି ସ୍ଥିତ ପଦ୍ମିନୀ ପାଲେସ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ପ୍ରଥମ ଦ୍ୱିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନସିକ ଭିନ୍ନକ୍ଷମ ମାନଙ୍କର ଚାଲିଚଳନ, ବ୍ୟବହାର ଅନ୍ୟ ଭିନ୍ନକ୍ଷମ ମାନଙ୍କ ଠାରୁ ଅଲଗା , ଏମାନଙ୍କର ମନରେ ଟିକିଏ ମାତ୍ର ଛନ୍ଦକପଟ ନଥାଏ ଆଉ ଏମାନେ ଭାରି ସ୍ନେହୀ ଓ ସରଳ । ଏମାନେ ମଧ ବହୁ ଖେଳ, ନାଚ, ଚିତ୍ର ଆଙ୍କିବା ବହୁ ଗୁଣରେ ପାରଙ୍ଗମ । ଏମାନଙ୍କର ସ୍ୱତନ୍ତ୍ର ଶିକ୍ଷା, ଅନ୍ୟାନ୍ୟ ତାଲିମ, ଥଇଥାନ ଓ ଯାତାୟାତ ପ୍ରଭୃତିରେ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି । ସେହି ଆଇନକୁ ସଠିକ୍ ଭାବେ ପ୍ରଣୟନ କରିବା ପାଇଁ ଅଭିଭାବକ, ଭିନ୍ନକ୍ଷମ ସଂସ୍ଥା ଓ ସରକାରଙ୍କ ମିଳିତ ପ୍ରଚେଷ୍ଟା ରହିବା ଉଚିତ୍ । ଦୀର୍ଘ ୨୫ ବର୍ଷ ହେବ ରାଉରକେଲାର ବିଭିନ୍ନ ସଂସ୍ଥା ତଥା ଶ୍ରଦ୍ଧା ଓ ହୋମ୍ ଆଣ୍ଡ ହୋପ୍ ବହୁ ସମୟରେ ଏହି ମାନସିକ ଭିନ୍ନକ୍ଷମ ମାନଙ୍କ ସହିତ ମିଶିବାର ସୁଯୋଗ ପାଇଛି । ତେଣୁ ଏମାନଙ୍କର ସାମୂହିକ ଉନ୍ନତି ପାଇଁ ମିଳିତ ପ୍ରଚେଷ୍ଟା ରହିବା ଉଚିତ୍ ।ପ୍ରାରମ୍ଭରେ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ପରିବାର ଓଡ଼ିଶାର ସଭାପତି ପ୍ରଭାକର ସାହୁ ଆଲୋକପାତ କରିଥିବା ବେଳେ ଆବାହକ ଡ଼. ରାମକୃଷ୍ଣ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ । ଯତ୍ନରୁ ସଶକ୍ତିକରଣ: ସଦୃଢ଼ ପରିବାର ଏବଂ ସାମୂହିକ ପ୍ରୟାସ ମାଧମରେ ସମାବେଶୀ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ମାନସିକ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କର ଶୈଶବରୁ ଯୁବାବସ୍ଥା ପର୍ଯ୍ୟନ୍ତ ଅଭିଭାବକ ଏବଂ ସେବା ଓ ଯତ୍ନ ଯୋଗାଉଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ଏହି ଦ୍ୱିଦିବସୀୟ କର୍ମଶାଳାରେ ସାମ୍ବିଧାନିକ ବ୍ୟବସ୍ଥା, ଦିବ୍ୟାଙ୍ଗ ମାନଙ୍କର ଅଧିକାର ଓ ଆଇନ ନିୟମ ୨୦୧୬, ନ୍ୟାସନାଲ ଟ୍ରଷ୍ଟ ଆଇନ ୧୯୯୯, ଦିବ୍ୟାଙ୍ଗଙ୍କ ମୌଳିକ ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ବିଶେଷଜ୍ଞ ମାନେ ଆଲୋଚନା କରିଥିଲେ ।




## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ




କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଦିବ୍ୟାଙ୍ଗମାନଙ୍କୁ ରବିବାର ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ମହେନ୍ଦ୍ର ସ୍ୱାଇଁ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସକ୍ଷମ ଓଡ଼ିଶା ପକ୍ଷରୁ ଆୟୋଜିତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ ଜିଲ୍ଲାପାଳ ମଧୁମିତା ରଥ, ସକ୍ଷମ ଭାରତର କେନ୍ଦ୍ରୀୟ ଉପାଧକ୍ଷ କମଳାକାନ୍ତ ପାଣ୍ଡେ, ସାଧାରଣ ସଂପାଦକ ଉମେଶ ଅନ୍ଧାରେ, ଓଲଟପୁରସ୍ଥିତ ନିରତାରର ବରିଷ୍ଠ ଚିକିତ୍ସକ ଡାକ୍ତର ପି.ପି ମହାନ୍ତି, ବିଡିଓ ଅଙ୍କୁର ଅଭିଳାଷ,କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ,ସକ୍ଷମ ଓଡ଼ିଶାର ନୟାଗଡ଼ ଜିଲ୍ଲା ସଭାପତି ଅଖିଳ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଖଣ୍ଡପଡ଼ା ସହରାଞ୍ଚଳ ସମେତ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳର ୫୨୧ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ହୁଇଲ ଚେୟାର,ଆଶାବାଡ଼ି, ଶ୍ରବଣ ଯନ୍ତ୍ର,ଅଣ୍ଟା ଓ ପିଠି ଯନ୍ତ୍ରଣା ଉପଶମ ନିମନ୍ତେ ବେଲ୍ଟ ବଣ୍ଟନ କରାଯାଇଥିଲା ।

# ପିଚୁକୁଳିରେ ସାଂସଦ ଅପରାଜିତାଙ୍କ ସମ୍ପର୍କ ପଦଯାତ୍ରା

ବୋଲଗଡ଼,(ନିପ୍ର): ବୋଲଗଡ଼ -ବେଗୁନିଆ ନିର୍ବାଚନ ମଣ୍ଡଳୀସ୍ଥିତ ପିଚୁକୁଳି ବିଜେପି ମଣ୍ଡଳସଭାପତି ଅରୁଣ କୁମାର ସାହୁଙ୍କ ଆବାହକତ୍ୱରେ ରବିବାର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ପର୍କ ପଦଯାତ୍ରାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ,ବୋଲଗଡ଼ -ବେଗୁନିଆ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥି ପ୍ରକାଶ ଚନ୍ଦ୍ର ବିଜୁଳି, ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ, ଖୋର୍ଦ୍ଧା ଜିଲ୍ଲା ବିଜେପି ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ, ଖୋର୍ଦ୍ଧାଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜିତ କୁମାର ପଟ୍ଟନାୟକ,ବୋଲଗଡ଼ ମଣ୍ଡଳ ବିଜେପି ସଭାପତି ଦୀପନ କୁମାର ବିଶ୍ୱାଳ, ମଧ ବେଗୁନିଆ ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର କୁମାର ସାହୁ,ପିଚୁକୁଳି ମଣ୍ଡଳ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅନିଲ କୁମାର ମାର୍ଥା, ଖୋର୍ଦ୍ଧା ଜିଲ୍ଲା ପୂର୍ବତନ ବିଜେପି ସଭାପତି ସମୀର ରଞ୍ଜନ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୁଭସ୍ମିତା ମାନ୍ଧାତା, ବେଗୁନିଆ ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ରାଉତ, ବୋଲଗଡ଼ ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ଛାଟୋଇ ପ୍ରମୁଖ ଯୋଗଦେଇଥିଲେ । ଏହି ସମ୍ପର୍କ ପଦଯାତ୍ରା ପିଚୁକୁଳି ପାଟଣା ସାହି ଛକଠାରୁ ବାହାରି କଲ୍ୟାଣ ମଣ୍ଡପ ଠାରେ ଶେଷ ହୋଇଥିବାବେଳେ ଶତାଧିକ ମହିଳା ଓ ପୁରୁଷ,କର୍ମୀ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଏହି ଅବସରରେ କଲ୍ୟାଣ ମଣ୍ଡପ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ପାଖରେ ବସି ଗ୍ରାମରେ ଥିବା ସମସ୍ୟା ବିଷୟରେ ଅବଗତ କରିଥିଲେ । ୪ଦିନ ଭିତରେ ଏହି ଅଭିଯୋଗ ଗୁଡିକ ଶୀଘ୍ର ସମାଧାନ କରିବାକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ । ପଦଯାତ୍ରାର ଲକ୍ଷ୍ୟ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବା କେନ୍ଦ୍ରରେ ଥିବା ବିଜେପି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏବଂ ଗରିବ କଲ୍ୟାଣ ଅନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇବାକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସମସ୍ତ କର୍ମୀ ଓ କର୍ମକର୍ତ୍ତମାନଙ୍କୁ ପରାମର୍ଶ ଦେଇଥିଲେ ।




# ଦୁର୍ନୀତି ଘେରରେ ଖଡ଼ିଆଳ ପଂଚାୟତ ସମିତି !

ଖଡ଼ିଆଳ,(ନିପ୍ର): ନୂଆପଡା ଜିଲ୍ଲା ଅନ୍ତର୍ଗତ ଖଡ଼ିଆଳ ପଂଚାୟତ ସମିତିକୁ ରାଜ୍ୟ ଓ କେନ୍ଦ୍ର ସରକାର ଏହି ଅଞ୍ଚଳର ବିକାଶ, ଲୋକଙ୍କ ଗମନା ଗମନ ସୁବିଧା, ପାଇଁ ରାସ୍ତାର ବିକାଶ, ସ୍କୁଲମାନଙ୍କର ବିକାଶ ପାଇଁ ବିଲଡିଂ ଓ ବାଉଣ୍ଡରୀର ଉନ୍ନତି କରଣ ସାଙ୍ଗକୁ ଅଂଚଳରେ ବସବାସ କରୁଥିବା ଗରିବ ଖଟିଖିଆ ମାନଙ୍କର ବିକାଶ ପାଇଁ ଅନେକ ଯୋଜନା କରି ଏହି ପଂଚାୟତ ସମିତିକୁ ପ୍ରତ୍ୟେକ ଆର୍ଥିକ ବର୍ଷାରେ କୋଟି କୋଟି ଟଙ୍କା ଅନୁଦାନ ଦିଆଯାଉଛି । କିନ୍ତୁ ଏହି ପଞ୍ଚାୟତ ସମିତିରେ ଦୁର୍ନୀତିର ଚେର ଏପରି ଭାବରେ ଲମ୍ବିଛି ଯେ ଏହି ଦୁର୍ନୀତିର ଚେରକୁ ଉପାଡିବା ଅସମ୍ଭବ । ବିଭିନ୍ନ ଯୋଜନାରେ ହେଉଥିବା ବିକାଶମୂଳକ କାମରେ ଅତିରୁ ଅତି ନିମ୍ନ ମାନର କରି ଠିକାଦାର ସାଜିଥିବା ବ୍ୟକ୍ତି ଓ ଅଧିକାରୀଙ୍କ ଗଠଯୋଡ଼ିରେ ନାଁ ମାତ୍ରକୁ ବିକାଶ ମୂଳକ କାମ କରି ହରିଲୁଟ କରି ଖଡ଼ିଆଳ ଅଞ୍ଚଳର ବିକାଶକୁ ବହୁତ ବର୍ଷ ତଳକୁ ଠେଲିଦିଆଯାଇଛି । ଶ୍ରମିକ ମାନଙ୍କର ବିକାଶ ପାଇଁ ସରକାର ଦୈନିକ ମଜୁରୀ ପାଇଁ ସରକାରୀ କାମରେ କେତେ ଟଙ୍କା ଶ୍ରମିକ ପାଇବେ ତାହା ଧାର୍ଯ୍ୟ କରିଛନ୍ତି । କିନ୍ତୁ ଏଠାରେ ସବୁ ସରକାରୀ ବିକାଶମୂଳକ କାମରେ ଶ୍ରମିକମାନଙ୍କୁ ଗ୍ରାମାଞ୍ଚଳ ଏରିଆରେ ୨୦୦ଟଙ୍କା ଓ ଖଡ଼ିଆଳ ସହର ର ପାଖାପାଖି ଅଂଚଳରେ ୨୫୦ଟଙ୍କା ଦୈନିକ ମଜୁରୀ ଦେଇ ଶୋଷଣ କରାଯାଉଛି । କିଛି ଶ୍ରମିକ ତାଙ୍କର ଦୈନିକ ମଜୁରୀ କେତେ ଜାଣିଥିଲେ ମଧ୍ୟ କାମରୁ ବାହାର କରିଦେବେ ଭୟରେ ଭାଗ୍ୟକୁ ଆଦରି ଜାଣି ଶୁଣି ଶୋଷଣର ଶିକାର ହେଉଛନ୍ତି । ରାଜ୍ୟ ପ୍ରଶାସନ ଠୁ ଜିଲ୍ଲା ପ୍ରଶାସନର ଅନେକ ଅଧିକାରୀ ସମୟ ସମୟରେ ବିଭିନ୍ନ ଯୋଜନାକୁ ସମୀକ୍ଷା କରିବା ପାଇଁ ଆସୁଥିଲେ ମଧ ଏଠାରେ ହେଇ ଚାଲୁଥିବା ଅତି ନିମ୍ନମାନର କାମ ସାଙ୍ଗକୁ ଚାଲୁଥିବା ହରିଲୁଟ କାହିଁକି ଦୃଷ୍ଟି ଗତ ହେଉନାହିଁ ତାହା ଅଂଚଳର ଲୋକଙ୍କୁ ହତଚକିତ କରିଛି । ଲୋକଙ୍କ ଅଭିଯୋଗ ଅନୁଯାୟୀ ଏହି ପଂଚାୟତ ସମିତିରେ ବଡ଼ବଡ଼ ନେତା ମାନଙ୍କର ହାତମାନ ସବୁ କାମ କରୁଥିବା ହେତୁ ନିର୍ଭୟରେ ଅତିରୁ ଅତି ନିମ୍ନମାନର କରୁ ଥିବା ହେତୁ କାମର ଆୟୁଷ ଏଠାରେ ୧୫ଦିନରୁ ୧ମାସ । ଏଥିରୁ ସ୍ପଷ୍ଟ ବ୍ଲକ ପ୍ରଶାସନ ନୀତି କରିଛିଯେ ଅଂଚଳର ବିକାଶ ହେଲେ କେତେ ନହେଲେ କେତେ ଆମକୁ ଟଙ୍କା ଦରକାର ଏହିଁ ନୀତି ଅବଲମ୍ବନ କରିଥିବା ହେତୁ ଏହି ଅଞ୍ଚଳକୁ ପ୍ରଶାସନ ୨୦ବର୍ଷ ପଛକୁ ଠେଲି ଦିଆଯାଇଛି । ନୂଆପଡା ଜିଲ୍ଲା ପ୍ରଶାସନ ଏହି ସବୁ ବିଷୟରେ ଜାଣିଥିଲେ ମଧ କଠୋର ହେବା ବଦଳରେ ଓଲଟି ଆଶୀର୍ବାଦ କରିଚାଲୁଥିବା ହେତୁ ଆଜି ଏହି ବ୍ଲକର ଦୁର୍ନୀତି ଚରମସୀମାରେ ପହଞ୍ଚିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି । ତେଣୁ ରାଜ୍ୟ ସରକାର ବିଭିନ୍ନ ଯୋଜନାକୁ କିପରି ଏଠାରେ ପରିଚାଳିତ ହେଉଛି, କାହିଁକି ଶ୍ରମିକ ଏଠାରେ ୫୦%କମ୍ ପାରିଶ୍ରମିକ ପାଉଛି, ବ୍ୟାପକ ମାତ୍ରର ଦୁର୍ନୀତି ଟଙ୍କାର ଭାଗିଦାରୀ କାହାର କେତେ ଏହି ସବୁ ଅଭିଯୋଗର ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ହେଲେ ଖଡ଼ିଆଳ ପଂଚାୟତ ସମିତିର ଅବସ୍ଥା ଆହୁରି ସଂଗୀନ ହୋଇପଡିବ ।

### ଘର ଭାଙ୍ଗି ଚୋରି ମାମଲା:

## ଅଭିଯୁକ୍ତ ଗିରଫ, ୧.୫୦ ଲକ୍ଷ ଟଙ୍କା ଉଦ୍ଧାର

ପାରାଳାଖେମୁଣ୍ଡି,(ନିପ୍ର): ପାରଳାଖେମୁଣ୍ଡି ସଞ୍ଜୟ ଗାନ୍ଧୀ କଲୋନୀରେ ଘଟିଥିବା ଘର ଭାଙ୍ଗି ଚୋରି ଘଟଣା ସମ୍ପର୍କିତ ମଡେଲ ପୋଲିସ ଷ୍ଟେସନ ପାରଳାଖେମୁଣ୍ଡି କେସ୍ ନଂ. ୩୨୭, ତା. ୦୮.୦୮.୨୦୨୬, ଦଫା୩୩୧(୪)୩୦୫(ଏ)୩(୫) ବିଏନ୍‌ଏସ୍‌ଇ ଅଧିକ ତଦନ୍ତ କ୍ରମେ ପୋଲିସ ଆଜି ଏହି ମାମଲାର ଦ୍ୱିତୀୟ ଅଭିଯୁକ୍ତ ମାଲାଗାମୁ ଗଣପତି (୨୩), ପିତା-ମାଲାଗାମୁ ରାମୁ, ସଞ୍ଜୟ ଗାନ୍ଧୀ କଲୋନୀ, ପାରଳାଖେମୁଣ୍ଡିଙ୍କୁ ଗିରଫ କରି ତାଙ୍କ ନିକଟରୁ ଚୋରି ସମ୍ପତ୍ତି ସହ ସମ୍ପୃକ୍ତ ନଗଦ ଟଙ୍କା ୧,୫୦,୦୦୦/ ଉଦ୍ଧାର ଓ ଜବତ କରିଛି । ପୂର୍ବରୁ ଅଭିଯୁକ୍ତ ସରବାସୁଧି କୁମାର ସ୍ୱାମୀ (୩୦) ଙ୍କୁ କୋରାପୁଟ ଜିଲ୍ଲାର ସିମିଳିଗୁଡ଼ା ଅଞ୍ଚଳରୁ ଗିରଫ କରାଯାଇ ତାଙ୍କ ଠାରୁ ସୁନା ଅଳଙ୍କାର, ରୂପା ସାମଗ୍ରୀ, ନଗଦ/ବିକ୍ରିଲବ୍ଧ ଟଙ୍କା ଏବଂ ଗୋଟିଏ ମୋବାଇଲ ଫୋନ୍ ସମେତ ପ୍ରାୟ ଟଙ୍କା. ୧୪,୭୬,୫୦୦/- ମୂଲ୍ୟର ସମ୍ପତ୍ତି ଉଦ୍ଧାର ଓ ଜବତ କରାଯାଇଥିଲା । ବର୍ତ୍ତମାନର ଉଦ୍ଧାରକୁ ମିଶାଇ ଏହି ମାମଲାରେ ଏପର୍ଯ୍ୟନ୍ତ ପ୍ରାୟ ଟଙ୍କା ୧୬,୨୬,୫୦୦/- ମୂଲ୍ୟର ସମ୍ପତ୍ତି ଉଦ୍ଧାର ହୋଇଛି । ଆବଶ୍ୟକ ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ଗିରଫ ଅଭିଯୁକ୍ତ ମାଲାଗାମୁ ଗଣପତିଙ୍କୁ ଅଦାଲତକୁ ଚାଲାଣ କରାଯାଉଛି । ଅବଶିଷ୍ଟ ଚୋରି ସମ୍ପତ୍ତି ଉଦ୍ଧାର ଏବଂ ଏହି ଘଟଣାରେ ଅନ୍ୟ କୌଣସି ସହଯୋଗୀଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେ ସମ୍ପର୍କରେ ତଦନ୍ତ ଜାରି ରହିଛି ।



## ଯାଜପୁର ଫୁଟବଲ ଖେଳାଳିଙ୍କ କମାଲ : ଓଡ଼ିଶା ଅଣ୍ଡର-୧୭ ଜାତୀୟ ଦଳରେ ୮ ମନୋନୀତ

ଯାଜପୁର,(ନିପ୍ର): ଆଗାମୀ ୧୭ ବର୍ଷରୁ କମ୍ ଜାତୀୟ ଫୁଟବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟ ଦଳରେ ଯାଜପୁରର ୮ ଜଣ ପ୍ରତିଭାବାନ ଯୁବ ଖେଳାଳି ସ୍ଥାନ ପାଇଛନ୍ତି । ଏହି ସଫଳତା ସହ ଯାଜପୁର ରାଜ୍ୟ ଫୁଟବଲ କ୍ଷେତ୍ରରେ ଏକ ନୂତନ ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି ।

ଟାଟା ଷ୍ଟିଲ୍ ଫାଉଣ୍ଡେସନର ସୁବ୍ୟବସ୍ଥିତ ତାଲିମ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ବିକାଶ ଯୋଗୁଁ ଏହି ବଡ଼ ସଫଳତା ମିଳିପାରିଛି । ମନୋନୀତ ହୋଇଥିବା ୮ ଜଣ ଖେଳାଳିଙ୍କ ମଧ୍ୟରୁ ୫ ଜଣ ଟିଏସଏଫର ତୃଣମୂଳ ଫୁଟବଲ ତାଲିମ କେନ୍ଦ୍ରରେ ଖେଳାଳି । ନିଜର ଉତ୍କୃଷ୍ଟ କୌଶଳ, ଶୃଙ୍ଖଳା ଓ କଠିନ ପରିଶ୍ରମ ବଳରେ ରାଜ୍ୟ ଦଳରେ ସ୍ଥାନ ପକ୍କା କରିଥିବା ଏହି ଖେଳାଳିମାନେ ହେଲେ, ସୁକିନ୍ଦାର ପ୍ରେମଚାନ୍ଦ ଏବଂ ଲକ୍ଷ୍ମଣ ମାଝୀ ଶାଳବଣିଆ, ବ୍ରାହ୍ମଣୀପାଳର ଲକି ଟୁଡୁ, କଳିଙ୍ଗନଗରର ମଙ୍ଗଳ ବେସ୍ରା ଏବଂ ସିରକା ଗାଗରାଇ । ସ୍ଥାନୀୟ ପ୍ରତିଭାଙ୍କୁ ଚିହ୍ନଟ କରି, ଉପଯୁକ୍ତ ତାଲିମ ଦେଇ ଉଚ୍ଚସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାରେ ଟିଏସଏଫର ପ୍ରୟାସ ଏବେ ସଫଳ ହେଉଥିବା ଦର୍ଶାଉଛି । କଳିଙ୍ଗନଗର, ସୁକିନ୍ଦା ଓ ବ୍ରାହ୍ମଣୀପାଳ ସମେତ ସମଗ୍ର ଯାଜପୁର ଜିଲ୍ଲାରେ ୨୦୧୨ ମସିହାରୁ ଆରମ୍ଭ ହୋଇଥିବା ଏହି ତୃଣମୂଳ ଫୁଟବଲ କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଗ୍ରାମୀଣ ତଥା ଆଦିବାସୀ ଯୁବପିଢ଼ିଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତାମୂଳକ ସୁଯୋଗ ଯୋଗାଇ ଦେଉଛି ।

# ପଞ୍ଚାୟତର ଅଭିନବ ବିକାଶ: ରାସ୍ତା ପାଇଁ ରାସ୍ତା ଉପରେ ତିଆରି କଲେ 'ଧାନ ବିଲ'

## ଟଙ୍କା ଠିକା ସଂସ୍ଥା ପେଟକୁ, କାଦୁଅ ଲୋକଙ୍କ ଗୋଡ଼କୁ !

ରେଢ଼ାଖୋଲ,(ନିପ୍ର): ବର୍ଷା ଆସିଲେ ବଦଳିଯାଏ ଗାଁର ଚିତ୍ର, ହେଲେ ବଦଳେନି ଦୁର୍ଦ୍ଦଶା । ପ୍ରଶାସନିକ ଅବହେଳା ଓ ବ୍ୟାପକ ଦୁର୍ନୀତି ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ମୋଚିବାହାଲ ପଞ୍ଚାୟତ ବ୍ରାହ୍ମଣୀପାଲି ଗ୍ରାମର ଜଗତିଜାଲପଡା ରାସ୍ତା ଏବେ କାଦୁଅ ପଚପଚ । ଗୁହାରି ପରେ ଗୁହାରି କରି ନିରାଶ ହେବା ପରେ ଶେଷରେ ବାଧ୍ୟ ହୋଇ ରାସ୍ତାରେ ଧାନତଳି ରୋଇ ଅନନ୍ୟ ଢଙ୍ଗରେ ପ୍ରତିବାଦ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ । ବ୍ରାହ୍ମଣୀପାଲି ଗାଁ ଛକରୁ ଜଗତିଜାଲପଡା ପର୍ଯ୍ୟନ୍ତ ଲମ୍ବିଥିବା ପ୍ରାୟ ୩ କିଲୋମିଟର ଦୀର୍ଘ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଗାଁରେ ୮୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଟିକିଏ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଉଚ୍ଚର କାଦୁଅ ସୃଷ୍ଟି ହେଉଛି । ଫଳରେ ସ୍କୁଲ, କଲେଜ, ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ଡାକ୍ତରଖାନା ଯିବା ଆସିବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । କୁନି କୁନି ପିଲାମାନେ ସାଇକେଲ ଧରି କାଦୁଅରେ କଷ୍ଟକର ଭାବେ ସ୍କୁଲ ଯାଉଛନ୍ତି ।

ଏପରିକି ଆପାତକାଳୀନ ସ୍ୱାସ୍ଥ୍ୟ ସମସ୍ୟା ସମୟରେ ୧୦୮ ଆମ୍ବୁଲାନ୍ସ ଗାଁକୁ ଆସିପାରୁ ନଥିବାରୁ ରୋଗୀଙ୍କୁ ଅଧାବାଟ ପର୍ଯ୍ୟନ୍ତ ବୋହି ନେବାକୁ ପଡୁଛି । ପ୍ରତିଦିନ କେହି ନା କେହି ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି । ସୂଚନାଯୋଗ୍ୟ ଯେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା ନିର୍ମାଣ ଓ ଡ୍ରେନେଜ ବ୍ୟବସ୍ଥା ପାଇଁ ୮ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମଞ୍ଜୁର ହୋଇଥିଲା । ମୋଚିବାହାଲ ଗ୍ରାମପଞ୍ଚାୟତ ପକ୍ଷରୁ ଠିକାଦାରଙ୍କ ଜରିଆରେ କାମ କରାଯାଇ ୪ ଲକ୍ଷ ଟଙ୍କା ମଧ୍ୟ ଉଠାଯାଇସାରିଛି । ହେଲେ ମାତ୍ର ୫୦ ହଜାର ଟଙ୍କାର ମୋରୁମ ପକାଇ ଜେସିବି ମାଧ୍ୟମରେ ଖାଲି ମୋରୁମ ଓ ମାଟି ପକାଇ ନାମକୁ ମାତ୍ର କାମ ସାରିଦିଆଯାଇଛି ଏବଂ ବାକି ୩.୫ ଲକ୍ଷ ଟଙ୍କା ମିଳିମିଶି ଖାଇ ଦେଇଥିବା ଲୋକେ ଅଭିଯୋଗ କରିଛନ୍ତି । ଅଧାରୁ କାମ ବନ୍ଦ କରି ଠିକା ସଂସ୍ଥା ଓ ସମ୍ପୃକ୍ତ କର୍ମଚାରୀମାନେ ଚୁପ୍ ବସିଛନ୍ତି । ଏ ସମ୍ପର୍କରେ ମୋଚିବାହାଲ ସରପଞ୍ଚଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ବି ସେ ଫୋନ୍ ଉଠାଇ ନଥିଲେ । ପ୍ରଶାସନିକ ଉଦାସୀନତା ଓ ନିରାଶା ପରେ ସୋମବାର ଗାଁର ପୁରୁଷ ଓ ମହିଳାମାନେ ଏକାଠି ହୋଇ କାଦୁଅ ପଚପଚ ରାସ୍ତା ଉପରେ ଧାନତଳି ରୋଇ ପ୍ରତିବାଦ ଜଣାଇଛନ୍ତି । ତୁରନ୍ତ ଦୁର୍ନୀତିର ତଦନ୍ତ କରାଯାଇ ରାସ୍ତାର ସ୍ଥାୟୀ ନିର୍ମାଣ ଓ ସୁବ୍ୟବସ୍ଥା ନକରାଗଲେ ଆଗାମୀ ଦିନରେ ପ୍ରଶାସନ ବିରୋଧରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



By virtue of an affidavit sworn before The Notary Public , Champua affidavit no.1173 dtd.24.03.2026, I Sanjeeb Kumar Naik S/o Kanhu Charan Naik of At/Po-Fulkanlei, Ps-Baria, Dist-Keonjhar , Pin-833246 do hereby declare that I have changed my name from Sanjit Kumar Naik(Old Name)to Sanjeeb Kumar Naik(New Name). Henceforth I shall be known as Sanjeeb Kumar Naik for all purposes.
Sd/-Sanjeeb Kumar Naik

# ରୁଷରେ ପୁଟିନଙ୍କୁ ଭେଟିଲେ ଜୟଶଙ୍କର



ମସ୍କୋ,୨୪।୮: ଦୁଇଦିନିଆ ରୁଷ୍ ଗସ୍ତରେ ଥିବା ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ସୋମବାର ମସ୍କୋରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି । ସାକ୍ଷାତ୍ ସମୟରେ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ, ଆର୍ଥିକ ସହଯୋଗ, ଶକ୍ତି ଓ ପରମାଣୁ କ୍ଷେତ୍ର ସମେତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି । ଭାରତ-ରୁଷ୍ ମଧ୍ୟରେ ଚଳିତ ବର୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଥିବାରୁ ପୁଟିନ୍ ଖୁସି ପ୍ରକାଶ କରିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶ୍ରେୟ ଦେଇଛନ୍ତି । ରୁଷ୍-ଭାରତ ସମ୍ପର୍କର ବିକାଶ ଉପରେ ମୋଦି ବ୍ୟକ୍ତିଗତ ଭାବେ ବିଶେଷ ଧ୍ୟାନ ଦେଉଥିବା ପୁଟିନ୍ କହିଛନ୍ତି । ସେହିପରି ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କ ଏବେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସେ କହିଛନ୍ତି । ଜୟଶଙ୍କର ପୁଟିନ୍‌ଙ୍କୁ ମୋଦିଙ୍କ ଶୁଭେଚ୍ଛା ଜଣାଇବା ସହ ତାଙ୍କର ବ୍ୟକ୍ତିଗତ ବାର୍ତ୍ତା ହସ୍ତାନ୍ତର କରିଛନ୍ତି । ଆନ୍ତଃସରକାରୀ କମିସନ୍ ବୈଠକରେ ଭଲ ଫଳାଫଳ ମିଳିଥିବା ସେ କହିଛନ୍ତି । ଦୁଇ ଦେଶର ଆର୍ଥିକ ସହଯୋଗରେ ବଡ଼ ବୃଦ୍ଧି ଘଟିଥିବା ଏବଂ ବାଣିଜ୍ୟ, ଶକ୍ତି, ଉର୍ବରକ ଓ ପରମାଣୁ କ୍ଷେତ୍ରରେ ଭାଗୀଦାରି ଆହୁରି ମଜଭୁତ ହେଉଥିବା ସେ ଜଣାଇଛନ୍ତି । ଏହାପୂର୍ବରୁ ଜୟଶଙ୍କର ରୁଷର ପ୍ରଥମ ଉପପ୍ରଧାନମନ୍ତ୍ରୀ ଡେନିସ୍ ମାଣ୍ଟୁରୋଭଙ୍କ ସହ ମଧ୍ୟ ବାଣିଜ୍ୟ ଓ ଆର୍ଥିକ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ । ଆଗାମୀ ଏସସିଓ ଶିଖର ସମ୍ମିଳନୀରେ ମୋଦି ପୁଟିନ୍‌ଙ୍କୁ ଭେଟିବେ ଏବଂ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ପୁଟିନ୍‌ଙ୍କୁ ଭାରତରେ ସ୍ୱାଗତ କରାଯିବ ବୋଲି ଜୟଶଙ୍କର କହିଛନ୍ତି ।

# ମହୁଆଙ୍କ ଆବେଦନର ତୁରନ୍ତ ଶୁଣାଣି ପାଇଁ ମନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୪।୮: ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ନାଦିଆ ସର୍କିଟ ହାଉସ୍ ଉଚ୍ଛେଦ ନେଇ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । କୃଷ୍ଣନଗର ସର୍କିଟ ହାଉସ୍ ନେଇ ତୃଣମୂଳ କଂଗ୍ରେସ (ଟିଏମସି)ର ସାଂସଦ ମହୁଆ ମୈତ୍ର ଏବଂ ପଶ୍ଚିମବଙ୍ଗର ନଦିଆ ଜିଲ୍ଲା ପ୍ରଶାସନ ମଧ୍ୟରେ ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି । ଅଗଷ୍ଟ ୧୪ ବିଳମ୍ବିତ ରାତିରେ ସର୍କିଟ ହାଉସ୍‌ରୁ କଥିତ ବଳପୂର୍ବକ ଉଚ୍ଛେଦ ପ୍ରୟାସକୁ "ସାମ୍ବିଧାନିକ ମର୍ଯ୍ୟାଦା ଏବଂ ସଂଘୀୟ ଢାଞ୍ଚା ଉପରେ ସିଧାସଳଖ ଆକ୍ରମଣ" ବୋଲି କହି ମହୁଆ ସମ୍ବିଧାନର ଧାରା ୩୨ ଅନୁଯାୟୀ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ । କିନ୍ତୁ, ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ତୁରନ୍ତ ଶୁଣାଣି କରିବାକୁ ମନା କରିଦେଇଥିଲେ । ସଂସଦର ମୌସୁମୀ ଅଧିବେଶନ ପରେ, ମହୁଆ ତାଙ୍କ ନିର୍ବାଚନମଣ୍ଡଳୀ କୃଷ୍ଣନଗରରେ ଥିବା ସର୍କିଟ ହାଉସ୍‌ରେ ପହଞ୍ଚିଥିଲେ । ଅଭିଯୋଗ ହୋଇଛି ଯେ ରାତି ୯:୪୭ ରେ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡିଏମ୍) ତାଙ୍କୁ ଡାକି ତୁରନ୍ତ କୋଠରୀ ଖାଲି କରିବାକୁ କହିଥିଲେ ।

# ସିଂହେଶ୍ୱର ମନ୍ଦିରରେ ଦଳାଚକଟା: ୬ ଆହତ



ମାଧେପୁରା,୨୪।୮:ବିହାରର ମାଧେପୁରାର ପ୍ରସିଦ୍ଧ ସିଂହେଶ୍ୱର ଧାମ ମନ୍ଦିରରେ ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଭୋଲେ ବାବାଙ୍କ ଜଳାଭିଷେକ କରିବା ପାଇଁ ସକାଳ ଠାରୁ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ । ସକାଳ ଠାରୁ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାରରେ ଭିଡ଼ ବଢ଼ିବାକୁ ଲାଗିଥିଲେ । ଶ୍ରଦ୍ଧାଳୁମାନେ ପରସ୍ପରର ଆଗକୁ ଯିବା ପାଇଁ ଚାହୁଁଥିଲେ । ଫଳରେ ଭିଡ଼ ଅନିୟନ୍ତ୍ରିତ ହେବା ଦ୍ୱାରା ମନ୍ଦିର ପରିସରରେ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, କିଛି ମୁହୂର୍ତ୍ତ ମଧ୍ୟରେ ଭୟ ଏବଂ ଚିତ୍କାରର ପରିବେଶ ସୃଷ୍ଟି ହୋଇଥିଲା । ଲୋକମାନେ ନିଜ ନିଜ ପ୍ରିୟଜନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାକୁ ଲାଗିଥିଲେ । ଏହି ଘଟଣାରେ ୬ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଚାରି ଜଣ ମହିଳା ଏବଂ ଦୁଇଜଣ ପୁରୁଷ ଅଛନ୍ତି । ସୁରକ୍ଷା ବାହିନୀ ଭିଡ଼ରେ ଫସି ରହିଥିବା ମହିଳାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଛନ୍ତି । ସମସ୍ତ ଆହତ ମାଧେପୁରା ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି, ଏବଂ ସେମାନଙ୍କ ଅବସ୍ଥା ଉପରେ ନଜର ରଖାଯାଇଛି । ଦୁର୍ଘଟଣା ପରେ, ମାଧେପୁରା ପୁଲିସ ଏକ ପରାମର୍ଶ ଜାରି କରି ଲୋକଙ୍କୁ ଗୁଜବ ପ୍ରତି ଧ୍ୟାନ ନଦେବାକୁ ପରାମର୍ଶ ଦେଇଛି । ଘଟଣା ସକାଳ ୬ଟା ୨୫ ରୁ ୭ଟା ମଧ୍ୟରେ ସିଂହେଶ୍ୱର ମନ୍ଦିରର ମୁଖ୍ୟ ଦ୍ୱାରରେ ଘଟିଥିଲା । ଶ୍ରାବଣ ମାସର ଶେଷ ସୋମବାର ଯୋଗୁଁ ମନ୍ଦିରରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନ ପୂର୍ବରୁ ସତର୍କ ଥିଲା । ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍) ଏବଂ ପୁଲିସ ଅଧୀକ୍ଷକ (ଏସ୍ ପି) ବ୍ୟକ୍ତିଗତ ଭାବରେ ବ୍ୟବସ୍ଥା ତଦାରଖ କରିଥିଲେ । ଭିଡ଼ ବଢ଼ିବା ପରେ, ସୁରକ୍ଷା କର୍ମୀମାନେ ତୁରନ୍ତ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଏକ ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇଥିଲା ।

# ପୋଙ୍ଗଲ ଠାରୁ ବର୍ଷକୁ ତିନୋଟି ମାଗଣା ରନ୍ଧନ ଗ୍ୟାସ୍ ସିଲିଣ୍ଡର

ଚେନ୍ନାଇ, ୨୪।୮: ତାମିଲନାଡୁର ଯୋଗ୍ୟ ପରିବାରକୁ ବର୍ଷକୁ ତିନୋଟି ମାଗଣା ରନ୍ଧନ ଗ୍ୟାସ୍ ସିଲିଣ୍ଡର ଯୋଗାଇବା ପାଇଁ ଏକ ଯୋଜନା ୨୦୨୭ ରେ ଆଗାମୀ ପୋଙ୍ଗଲ ପର୍ବରୁ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ବିଜୟ ସୋମବାର ବିଧାନସଭାରେ ଏହି ଘୋଷଣା କରିଛନ୍ତି । ଏହି ଯୋଜନା ଅଧୀନରେ ଯୋଗ୍ୟ ଗୃହିଣୀମାନେ ପ୍ରତିବର୍ଷ ତିନୋଟି ଏଲପିଜି ସିଲିଣ୍ଡରର ଲାଭ ପାଇବେ । ଅଗଷ୍ଟ ୧୭ ତାରିଖରୁ ତାମିଲନାଡୁ ବିଧାନସଭାରେ ଅନୁଦାନ ଦାବି ଉପରେ ଆଲୋଚନା ଚାଲିଛି । ଦୁଇ ଦିନିଆ ବିରତି ପରେ ସୋମବାର ସକାଳ ୯ଟା୩୦ ରେ ଗୃହ କାର୍ଯ୍ୟ ଆରମ୍ଭ କରିଥିଲା । ଏହି ସମୟରେ, ମୁଖ୍ୟମନ୍ତ୍ରୀ ବିଜୟ ବିଧାନସଭାର ନିୟମ ୧୧୦ ଅନୁଯାୟୀ ମାଗଣା ରନ୍ଧନ ଗ୍ୟାସ୍ ସିଲିଣ୍ଡର ଯୋଜନା ଘୋଷଣା କରିଛନ୍ତି । ସରକାର ଏହି ଯୋଜନାକୁ 'ଅନ୍ନପୂର୍ଣ୍ଣ ସୁପର ୬' ଅଧୀନରେ କାର୍ଯ୍ୟକାରୀ କରିବାକୁ ନିଷ୍ପତି ନେଇଛନ୍ତି । ଏଥିପାଇଁ ପ୍ରତିବର୍ଷ ପାଖାପାଖି ୪,୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବ । ସରକାରଙ୍କ କହିବା ଅନୁଯାୟୀ, ଏହି ଯୋଜନା ଦ୍ୱାରା ରାଜ୍ୟର ୧ କୋଟି ୩୮ ଲକ୍ଷ ୧୬ ହଜାର ୧୦୪ ପରିବାର ଉପକୃତ ହେବେ । ଏହି ଯୋଜନାରେ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ କରୁଥିବା ଆର୍ଥିକ ଦୃଷ୍ଟିରୁ ପଛୁଆ ପରିବାର ତଥା କ୍ଷୁଦ୍ର ଓ ନାମମାତ୍ର କୃଷକ ପରିବାର ତଥା ଭିନ୍ନକ୍ଷମଙ୍କ ପରିବାର ସାମିଲ୍ ହେବେ । ମୁଖ୍ୟମନ୍ତ୍ରୀ ବିଜୟ ସୂଚନା ଦେଇଛନ୍ତି ଯେ, ହିତାଧିକାରୀମାନଙ୍କୁ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ପ୍ରଥମେ ଗ୍ୟାସ୍ ସିଲିଣ୍ଡର ବୁକ୍ କରିବାକୁ ଏବଂ ଗ୍ରହଣ କରିବାକୁ ପଡିବ ।

# ସୁପ୍ରିମକୋର୍ଟରେ ପହଞ୍ଚିଲା ଜେପିଏସସି ପରୀକ୍ଷା ମାମଲା

ନୂଆଦିଲ୍ଲୀ,୨୪।୮: ଝାଡ଼ଖଣ୍ଡ କମ୍ବାଇନ୍ ସିଭିଲ୍ ସର୍ଭିସେସ୍ ପ୍ରିଲିମିନାରୀ ପରୀକ୍ଷା ୨୦୨୫ରେ ହୋଇଥିବା ଅନିୟମିତତାର ଏକ ନିରପେକ୍ଷ, ସମୟ-ସୀମାବଦ୍ଧ ସିବିଆଇ ତଦନ୍ତ ଦାବି କରୁଥିବା ଏକ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର, ଝାଡ଼ଖଣ୍ଡ ସରକାର ଓ ଝାଡ଼ଖଣ୍ଡ ଲୋକସେବା ଆୟୋଗକୁ ନୋଟିସ୍ ଜାରି କରିଛନ୍ତି । ଏହି ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଆବେଦନକାରୀ ହରିଶରଣ ଦେବଗନଙ୍କ ଦ୍ୱାରା ଦାୟର କରାଯାଇଛି । ଆବେଦନରେ ୧୪ତମ ଜେପିଏସସି ପ୍ରିଲିମିନାରୀ ପରୀକ୍ଷା ସହିତ ଜଡିତ ମାମଲାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଦାବି କରାଯାଇଛି । ପୂର୍ବତନ ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଦାବି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କୁ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ରାଜ୍ୟ ସରକାର, ଜେପିଏସସି ଓ ଅନ୍ୟାନ୍ୟ ପ୍ରତିପକ୍ଷଙ୍କଠାରୁ ଜବାବ ମାଗିଥିଲେ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମନନ କୁମାର ମିଶ୍ର କହିଛନ୍ତି ଯେ, ଆବେଦନରେ ସିବିଆଇ ତଦନ୍ତ କିମ୍ବା ପୂର୍ବତନ ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଦାବି କରାଯାଇଛି । ଓକିଲ ସତ୍ୟମ ସିଂହ ରାଜପୁତଙ୍କ ମାଧ୍ୟମରେ ହରିଶରଣ ଦେବଗନ ଏହି ଆବେଦନ ଦାଖଲ କରିଥିଲେ । ଏହା ଜେପିଏସସି ବିଜ୍ଞାପନ ନମ୍ବର ୧/୨୦୨୬ ଅନୁଯାୟୀ, ଏପ୍ରିଲ ୧୯, ୨୦୨୬ ଏପ୍ରିଲରେ ଅନୁଷ୍ଠିତ ପ୍ରାରମ୍ଭିକ ପରୀକ୍ଷାର କାର୍ଯ୍ୟକାରିତା ଓ ବିଶ୍ୱସନୀୟତା ଉପରେ ଚିନ୍ତା ପ୍ରକାଶ କରାଯାଇଛି ।

# ଦିଲ୍ଲୀ-ଏନସିଆରରେ ପ୍ରବଳ ବର୍ଷା: ୩୮୦ ବିମାନ ବିଳମ୍ବିତ




ନୂଆଦିଲ୍ଲୀ,୨୪।୮: ଉତ୍ତର ଭାରତ ସମେତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ସୋମବାର ମୌସୁମୀ ସକ୍ରିୟ ହେବା ଯୋଗୁ ଦିନ ସାରା ପ୍ରବଳ ବର୍ଷା ଲାଗି ରହିଛି । ଦିଲ୍ଲୀ ଓ ସଂଲଗ୍ନ ଏନ୍‌ସିଆର୍ ଅଞ୍ଚଳ ନୋଏଡା, ଗାଜିଆବାଦ, ଗୁରୁଗ୍ରାମ ଓ ଫରିଦାବାଦରେ ପ୍ରବଳ ବର୍ଷା ଓ ପବନ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି । ଦିଲ୍ଲୀ ବିମାନବନ୍ଦରରେ ପ୍ରତିକୂଳ ପାଗ ବିମାନ ଚଳାଚଳରେ ବାଧା ସୃଷ୍ଟି କରିଛି, ପ୍ରାୟ ୩୮୫ ଟି ବିମାନ ବିଳମ୍ବିତ/ ପ୍ରଭାବିତ ହୋଇଛି, ୨୬ ଟି ବାତିଲ ହୋଇଛି ଓ ୧୫ ଟି ଅନ୍ୟତ୍ର ଗତି ପରିବର୍ତ୍ତନ କରିଛି, ଯେଉଁଥିରେ ତିନିଟି ଅନ୍ତର୍ଜାତୀୟ ବିମାନ ରହିଛି ।ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ଦିଲ୍ଲୀ-ଏନ୍‌ସିଆରରେ ଓ ଆଖାପାଖ ଅଞ୍ଚଳରେ ଅଧିକ ମୌସୁମୀ ବର୍ଷା ନେଇ ଆକଳନ କରିଛି । ଉତ୍ତରାଖଣ୍ଡ, ଓଡ଼ିଶା ଓ ତେଲଙ୍ଗାନାରେ ମଧ୍ୟ ପ୍ରବଳ ବର୍ଷା ନେଇ ଆଇଏମ୍‌ଡି ଆକଳନ କରିଛି । ଆଇଏମ୍‌ଡି ଗୁରୁଗ୍ରାମ ଓ ଫରିଦାବାଦ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି । ଏହି ଦୁଇଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ପ୍ରବଳ ବର୍ଷା ଯୋଗୁଁ ଗୁରୁଗ୍ରାମର ଇସଲାମପୁର ଗାଁ ନିକଟରେ ସୋହନା ରୋଡର ସର୍ଭିସ୍ ଲେନରେ ପ୍ରାୟ ଦୁଇ ଫୁଟ ପାଣି ଜମି ଯାଇଥିଲା । ପାଣି ଜମା ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଓ ପ୍ରାୟ ୪ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହୋଇଥିଲା । ଇଣ୍ଡିଆ ଗେଟ୍ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଲୋକମାନଙ୍କୁ ଗରମରୁ ଆଶ୍ୱସ୍ତି ମିଳିଛି ।

# ଗିନିରେ ଭୂସ୍ଖଳନ : ଅଳିଆ ପାହାଡ ତଳେ ପୋତି ହୋଇ ୩୦ ମୃତ



ନୂଆଦିଲ୍ଲୀ,୨୪।୮: ଗିନିର ରାଜଧାନୀ କୋନାକ୍ରିରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଲଗାତାର ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁଁ ଏକ ଅଳିଆ ପାହାଡ଼ ଧସି ପଡ଼ିବାରୁ ୩୦ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଘଟଣା କୋନାକ୍ରିର ସବୁଠାରୁ ବଡ଼ ଲ୍ୟାଣ୍ଡଫିଲ୍ ଦାର୍ ଏସ୍ ସଲାମରେ ଘଟିଛି । ରିପୋର୍ଟ ଅନୁସାରେ ଅନେକ ଲୋକ ଏବେ ବି ପୋତି ହୋଇ ରହିଛନ୍ତି । ସେମାନଙ୍କୁ ବାହାର କରିବା ପାଇଁ ସରକାର ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି । ରିପୋର୍ଟ ଅନୁସାରେ, ରବିବାର ଭୋର ପ୍ରାୟ ୩ ଟାରୁ କୋନାକ୍ରିରେ ବାଦଲ ଫଟା ବର୍ଷା ଯୋଗୁଁ ଅଳିଆ ଗଦା ଭାସିବା ଆରମ୍ଭ କରିଥିଲା । ତା'ପରେ ଭୂସ୍ଖଳନ ଘଟି ନିକଟସ୍ଥ କୁଡ଼ିଆଗୁଡ଼ିକ ଉପରେ ପଡ଼ିଥିଲା । ଘଟଣା ସମ୍ପର୍କରେ ସୂଚନା ପାଇ ଉଦ୍ଧାରକାରୀ ଦଳ ଲ୍ୟାଣ୍ଡଫିଲ୍‌ରେ ପହଞ୍ଚି ଅଳିଆ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଅନେକ ଲୋକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ । ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ, ସାମରିକ ଇଞ୍ଜିନିୟରିଂ ବାଟାଲିଅନର ପରିମଳ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ବାଲଡେ ମାମାଡୋ ବାଇଲୋ କହିଛନ୍ତି ଯେ ରବିବାର ଦିନ ସ୍ଥାନକୁ ଖାଲି କରିବାର କାର୍ଯ୍ୟକ୍ରମ ଥିଲା । ବାଇଲୋଙ୍କ ଅନୁଯାୟୀ, ଅଞ୍ଚଳ ଖାଲି କରିବା ପାଇଁ ବାସିନ୍ଦାମାନଙ୍କୁ ପୂର୍ବରୁ ନୋଟିସ୍ ଜାରି କରାଯାଇଥିଲା, ଏବଂ ସରକାରୀ ନୋଟିସ୍ ପାଇବା ପରେ ଅନେକ ଲୋକ ସ୍ଥାନାନ୍ତରିତ ହୋଇସାରିଛନ୍ତି ।

# କ୍ଲୋରିନ୍ ଗ୍ୟାସ୍ ଲିକ୍: ୪୦ ଜଣ ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ,୨୪।୮: ମହାରାଷ୍ଟ୍ରର ନାଗପୁରର ଗୋଧନି ଅଞ୍ଚଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଗୋଧନି ଜଳ ବିଶୋଧନାଗାରରୁ କ୍ଲୋରିନ୍ ଗ୍ୟାସ୍ ଲିକ୍ ହେଉଥିବା ସୂଚନା ମିଳିଛି । ଏହି ଗ୍ୟାସ୍ ଲିକ୍ ଯୋଗୁଁ ୪୦ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ଛଅ ଜଣ ଆଇସିୟୁରେ ଅଛନ୍ତି । ଗ୍ୟାସ୍ ଲିକ୍ ଯୋଗୁଁ ଲୋକମାନେ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରିଥିଲେ । ରିପୋର୍ଟ ଅନୁସାରେ, ସୋମବାର ଭୋର୍ ସମୟରେ ଜଳ ବିଶୋଧନ ପ୍ଲାଣ୍ଟରୁ କ୍ଲୋରିନ୍ ଗ୍ୟାସ୍ ଲିକ୍ ହେବା ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା ।

# କୈଜିଆ ହେଲେ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬



ଜୟପୁର,୨୪।୮: କେରଳର ୧୯ ବର୍ଷୀୟ କୈଜିଆ ଲିଜ୍ ମେଜୋ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬'ର ମୁକୁଟ ହାସଲ କରିଛନ୍ତି । ରବିବାର ରାତିରେ ରାଜସ୍ଥାନର ଜୟପୁରସ୍ଥିତ ଜି ଷ୍ଟୁଡିଓଜରେ ଆୟୋଜିତ ଭବ୍ୟ ଫାଇନାଲରେ ସେ ଦେଶର ୫୨ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି । ପ୍ରତିଯୋଗିତାର ଟପ୍-୫ରେ ତାମିଲନାଡୁର ବୈଷ୍ଣବୀ ଗଣେଶ, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ, କେରଳର କୈଜିଆ ଲିଜ୍ ମେଜୋ, ଗୁଜରାଟର ଅନୁଶ୍ରୀ ସତୱାଲେକର ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ସ୍ଥାନ ପାଇଥିଲେ । ଶେଷ ପର୍ଯ୍ୟାୟରେ ୪୦ ସେକେଣ୍ଡ ମଧ୍ୟରେ କ୍ଲୋଜିଂ ରିମାର୍କ ଦେବାର ଚ୍ୟାଲେଞ୍ଜରେ କୈଜିଆ ନିଜର ଦକ୍ଷତା ପ୍ରମାଣ କରି ବିଜୟୀ ହୋଇଥିଲେ ।ଫାଇନାଲରେ କୈଜିଆ ଏବଂ ବୈଷ୍ଣବୀ ଗଣେଶଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଉଭୟେ ଟପ୍- ୨ରେ ପହଞ୍ଚିଥିଲେ । ଶେଷରେ କୈଜିଆ ବିଜୟୀ ହୋଇଥିବାବେଳେ ବୈଷ୍ଣବୀ ଫାଷ୍ଟ ରନର୍ସ-ଅପ୍ ହୋଇଛନ୍ତି । ଗୁଜରାଟର ଅନୁଶ୍ରୀ ସତୱାଲେକର ସେକେଣ୍ଡ ରନର୍ସ-ଅପ୍, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ ଥାର୍ଡ ରନର୍ସ-ଅପ୍ ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ଚତୁର୍ଥ ରନର୍ସ-ଅପ୍ ହୋଇଛନ୍ତି । ପୂର୍ବତନ ମିସ୍ ୟୁନିଭର୍ସ ଇଣ୍ଡିଆ ମନିକା ବିଶ୍ୱକର୍ମା ବିଜୟୀ କୈଜିଆଙ୍କୁ ତାଜ ପିନ୍ଧାଇଥିଲେ ।

# ମାଧ୍ୟମିକ ଆଚାର୍ଯ୍ୟ ନିଯୁକ୍ତି ପରୀକ୍ଷା: ପୁନଃପରୀକ୍ଷା ମାମଲାରେ ହାଇକୋର୍ଟ ରଖିଲେ ରାୟ ସଂରକ୍ଷିତ

ରାଂଚି,୨୪।୮: ମାଧ୍ୟମିକ ଆଚାର୍ଯ୍ୟ ନିଯୁକ୍ତି ପରୀକ୍ଷାରେ ୨,୮୧୯ ପ୍ରାର୍ଥୀଙ୍କ ପୁନଃପରୀକ୍ଷା ସହ ଜଡ଼ିତ ମାମଲାରେ ସୋମବାର ଝାଡ଼ଖଣ୍ଡ ହାଇକୋର୍ଟରେ ଶୁଣାଣି ହୋଇଥିଲା । ନ୍ୟାୟମୂର୍ତ୍ତି ଦୀପକ ରୋଶନଙ୍କ ଅଦାଲତ ଉଭୟ ପକ୍ଷଙ୍କୁ ଶୁଣିବା ପରେ ମାମଲାରେ ନିଜ ରାୟ ସଂରକ୍ଷିତ ରଖିଛନ୍ତି । ଶୁଣାଣି ସମୟରେ ପ୍ରାର୍ଥୀମାନଙ୍କ ପକ୍ଷରୁ ଅଦାଲତଙ୍କୁ କୁହାଯାଇଥିଲା ଯେ ପରୀକ୍ଷାରେ ସେମାନଙ୍କ ପକ୍ଷରୁ କୌଣସି ଭୁଲ କରାଯାଇନଥିଲା, ଏହା ସତ୍ତ୍ୱେ ସେମାନଙ୍କୁ ପୁନଃପରୀକ୍ଷାରେ ସାମିଲ ହେବାକୁ ପଡ଼ିଥିଲା । ପ୍ରାର୍ଥୀମାନେ ଅନୁରୋଧ କରିଥିଲେ ଯେ ପ୍ରଥମେ ଆୟୋଜିତ ପରୀକ୍ଷା ଆଧାରରେ ହିଁ ସେମାନଙ୍କ ଫଳାଫଳ ପ୍ରକାଶ କରାଯାଉ । ସେମାନେ ପରୀକ୍ଷା ସମୟରେ ସନ୍ଦେହଜନକ କାର୍ଯ୍ୟକଳାପରେ ସାମିଲ ଥିବା ଅଭିଯୋଗକୁ ମଧ୍ୟ ଭୁଲ ବୋଲି କହିଥିଲେ ।

# ୯ ଦେଶ ସହ ମୁକ୍ତ ବାଣିଜ୍ୟ ରାଜିନାମା ଆଲୋଚନା



ଟୋକିଓ,୨୪।୮: ବିଶ୍ୱ ବାଣିଜ୍ୟର ପ୍ରାୟ ୭୫ ପ୍ରତିଶତକୁ ମୁକ୍ତ ବାଣିଜ୍ୟ ଚୁକ୍ତି ଅଧୀନରେ ଆଣିବା ଲକ୍ଷ୍ୟ ରଖିଛି ଭାରତ । ଏଥିପାଇଁ ଆଉ ୮-୯ଟି ଦେଶ ଗୋଷ୍ଠୀ ଓ ବିଭିନ୍ନ ଦେଶ ସହ ଭାରତ ଆଲୋଚନା କରୁଛି ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ସୋମବାର ଜାପାନରେ ଭାରତ ଓ ଜାପାନର ବ୍ୟବସାୟିକ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଗୋୟଲ କହିଛନ୍ତି ଯେ ଭାରତ ଅନ୍ୟ ୮-୯ଟି ଦେଶ ଗୋଷ୍ଠୀ କିମ୍ବା ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରୁଛି । ଏହି ଦେଶଗୁଡ଼ିକର ମିଳିତ ଅର୍ଥନୀତିର ଆକାର ପ୍ରାୟ ୧୫ ଟ୍ରିଲିୟନ ଡଲାର । ଗୋୟଲଙ୍କ କହିବା ଅନୁସାରେ, ଗତ ଚାରି ବର୍ଷରେ ଭାରତ ୯ଟି ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଚୁକ୍ତିଗୁଡ଼ିକ ୩୮ଟି ବିକଶିତ ଦେଶ ସମେତ ପ୍ରାୟ ୬୦ ଟ୍ରିଲିୟନ ଡଲାରର ଅର୍ଥନୀତିକୁ ଆବୃତ କରୁଛି । ଏହା ବ୍ୟତୀତ ଜାପାନ, ଦକ୍ଷିଣ କୋରିଆ ଏବଂ ଆସିଆନ୍ ଅଞ୍ଚଳ ସହ ପୂର୍ବରୁ ରହିଥିବା ବାଣିଜ୍ୟ ଚୁକ୍ତି ଆଉ ପ୍ରାୟ ୧୦ ଟ୍ରିଲିୟନ ଡଲାରର ଅର୍ଥନୀତିକୁ ଭାରତ ପାଇଁ ବଜାର ପ୍ରବେଶ ସୁଯୋଗ ଦେଇଛି । ଏହାକୁ ମିଶାଇ ଭାରତ ପାଇଁ ବର୍ତ୍ତମାନ ପ୍ରାୟ ୭୦ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପ୍ରାଥମିକତାମୂଳକ ବଜାର ପ୍ରବେଶର ସୁଯୋଗ ଖୋଲିଛି । ଆଉ ୧୫ ଟ୍ରିଲିୟନ ଡଲାର ଅର୍ଥନୀତିକୁ ଯୋଡ଼ିବା ପରେ ଭାରତର ଏଫଟିଏ ନେଟୱର୍କ ବିଶ୍ୱ ବାଣିଜ୍ୟର ପ୍ରାୟ ୭୫ ପ୍ରତିଶତକୁ ଆବୃତ କରିବ ବୋଲି ଗୋୟଲ କହିଛନ୍ତି ।

# କାଶ୍ମୀର ପଣ୍ଡିତ ପରିବାରଙ୍କୁ ନୂଆ ଧମକ

ଶ୍ରୀନଗର,୨୪।୮: କାଶ୍ମୀର ପଣ୍ଡିତ କର୍ମଚାରୀମାନଙ୍କୁ ପୁଣି ଥରେ ଧମକ ଦିଆଯାଇଛି । ଏଥର ଧମକପୂର୍ଣ୍ଣ ଚିଠିରେ ଟାର୍ଗେଟ କରାଯାଇଥିବା ବ୍ୟକ୍ତିବିଶେଷଙ୍କ ନାମ,ଘର ଠିକଣା ଏବଂ ରାସ୍ତା ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଥିବା ଜଣାପଡ଼ିଛି । ଗୁଇନ୍ଦା ସୂତ୍ର ଅନୁସାରେ ଏହି ପଦକ୍ଷେପକୁ ସରକାରଙ୍କ ପ୍ରୋତ୍ସାହନରେ ଭିଟାମାଟିକୁ ବାହୁଡ଼ିବାକୁ ଚାହୁଁଥିବା ପରିବାରଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଏକ ମନସ୍ତାତ୍ତ୍ୱିକ ଯୁଦ୍ଧ ବୋଲି କୁହାଯାଉଛି । ଏହା ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି । କାଶ୍ମୀର ପଣ୍ଡିତମାନଙ୍କୁ ଧମକ ଦେବା ଏହା ପ୍ରଥମ ଥର ନୁହେଁ । ପୂର୍ବରୁ ମଧ୍ୟ ଧମକ ଦିଆଯାଇଛି । ଚିଠିରେ ଆତଙ୍କବାଦୀମାନେ କାଶ୍ମୀର ପଣ୍ଡିତମାନଙ୍କୁ ଦେଶଦ୍ରୋହୀ ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ସେମାନେ ଦିଲ୍ଲୀରେ ସେମାନଙ୍କ ମାଲିକଙ୍କ ଇଙ୍ଗିତରେ କାମ କରୁଛନ୍ତି । ୟୁନାଇଟେଡ୍ ଲିବରେସନ୍ କାଉନସିଲ୍(ୟୁଏଲସି) ଗ୍ରୁପ୍ ନାମରେ ଅନଲାଇନରେ ସେୟାର କରାଯାଇଥିବା ଏକ ପୋଷ୍ଟରେ ଅହମଦ ବିଲାଲ୍ ନାମରେ ସେୟାର କରାଯାଇଥିବା ଚିଠିରେ କୁହାଯାଇଛି,ମୁଁ ଆପଣଙ୍କୁ ପୂର୍ବରୁ ଚେତାବନୀ ଦେଇସାରିଛି, ଏବଂ ଆମେ ଏସବୁ ଲୋକଙ୍କର ପ୍ରତ୍ୟେକ ଗତିବିଧି ଉପରେ ନଜର ରଖୁଛୁ ।

## ୨୮ ବର୍ଷ ପରେ ଖୋଲିଲା ୱନ୍ଧାମା ଗଣହତ୍ୟା ଫାଇଲ୍

# ୨୩ କାଶ୍ମୀର ପଣ୍ଡିତଙ୍କ ହତ୍ୟାର ତଦନ୍ତ କରିବ ଏସ୍ଆଇଏ

ନୂଆଦିଲ୍ଲୀ,୨୪/୮: ଜାମ୍ମୁ ଏବଂ କାଶ୍ମୀରରେ ଆତଙ୍କବାଦୀମାନେ କାଶ୍ମୀର ପଣ୍ଡିତମାନଙ୍କୁ ଟାର୍ଗେଟ କରି ହତ୍ୟା କରିବା ସହିତ ଜଡ଼ିତ ପୁରୁଣା ମାମଲାର ଫାଇଲଗୁଡ଼ିକ ଏବେ ପୁଣି ଖୋଲାଯାଉଛି । ଏହି ପରିପ୍ରେକ୍ଷୀରେ, ପ୍ରାୟ ୨୮ ବର୍ଷ ପରେ ୧୯୯୮ ୱନ୍ଧାମା ଗଣହତ୍ୟାର ତଦନ୍ତ ପେଡ଼ି ମଧ୍ୟ ପୁଣି ଖୋଲାଯାଇଛି । ୧୯୯୮ ଜାନୁଆରୀ ୨୫ ରାତିରେ, ଆତଙ୍କବାଦୀମାନେ ଗାନ୍ଦରବଲର ୱନ୍ଧାମା ଗାଁରେ ୨୩ ଜଣ କାଶ୍ମୀର ପଣ୍ଡିତଙ୍କୁ ହତ୍ୟା କରିଥିଲେ । ନିହତଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ୍ୟ ଥିଲେ । ଏହି ଗଣହତ୍ୟାର ପରଦିନ ଅର୍ଥାତ୍ ଜାନୁଆରୀ ୨୬, ୧୯୯୮ରେ ଗାନ୍ଦରବଲ ପୋଲିସ ଷ୍ଟେସନରେ ଏଫଆଇଆର ନମ୍ବର ୨୨/୧୯୯୮ ପଞ୍ଜୀକୃତ ହୋଇଥିଲା । ମାମଲାରେ ହତ୍ୟା, ପୋଡ଼ାଜଳା, ଧାର୍ମିକ ସ୍ଥଳକୁ କ୍ଷତି ପହଞ୍ଚାଇବା ଏବଂ ଅସ୍ତ୍ରଶସ୍ତ୍ର ସମ୍ପର୍କିତ ଧାରା ଲାଗୁ କରାଯାଇଥିଲା, କିନ୍ତୁ ତଦନ୍ତ ସତ୍ତ୍ୱେ, ହତ୍ୟାକାରୀମାନଙ୍କ ବିରୁଦ୍ଧରେ କୌଣସି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ଏବଂ ପରେ ମାମଲାଟିକୁ ଅସମାହିତ ଘୋଷଣା କରାଯାଇଥିଲା । ଜାନୁଆରୀ ୨୫ ତାରିଖ ରାତିରେ ୱନ୍ଧାମା ଗାଁରେ ଆତଙ୍କବାଦୀଙ୍କ ଆଗମନର କାହାଣୀ ଏବେ ବି ହତ୍ୟାକାଣ୍ଡର ଭୟଙ୍କରତାକୁ ଉଜାଗର କରୁଛି । ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀମାନେ ସେନା ପୋଷାକ ପିନ୍ଧି ଗାଁରେ ପହଞ୍ଚିଥିଲେ । ସେମାନେ କାଶ୍ମୀର ପଣ୍ଡିତଙ୍କ ପରିବାରର ଘରେ ପଶି ଲୋକମାନଙ୍କୁ ବାହାର କରିଦେଲେ ଏବଂ ପରେ ଗୁଳି କରିଥିଲେ । ଏହି ଆକ୍ରମଣରେ ନଅ ଜଣ ମହିଳା ଏବଂ ଚାରି ଜଣ ଶିଶୁ ସମେତ ୨୩ ଜଣଙ୍କ ମୃତ୍ୟୁ ହୋଇଥିଲା । ଘଟଣା ପରେ କିଛି ଘର ଏବଂ ଗୋଟିଏ ମନ୍ଦିରରେ ନିଆଁ ଲଗାଇ ଦିଆଯାଇଥିବା ରିପୋର୍ଟ ହୋଇଥିଲା । ୱନ୍ଧାମା ମାମଲା ଆରମ୍ଭ ହେବା ପରଠାରୁ, ଏହି ହତ୍ୟାକାଣ୍ଡ ପଛରେ କିଏ ଅଛି ସେ ସମ୍ପର୍କରେ ବିଭିନ୍ନ ଦାବି ସାମ୍ନାକୁ ଆସିଛି । ପ୍ରାରମ୍ଭିକ ତଦନ୍ତରୁ ଇନ୍ତେକାମ-ଉଲ-ମୁସଲିମୁନ ନାମକ ଏକ ସଂଗଠନ ସହିତ ଜଡ଼ିତ ଏକ କଥିତ ଦାବି ପ୍ରକାଶ ପାଇଥିଲା । ପରେ, ପୋଲିସ ଏବଂ ସିଆଇଡି ରେକର୍ଡ ହରକତ-ଉଲ-ଅନସାର ଆତଙ୍କବାଦୀଙ୍କୁ ଆକ୍ରମଣ ସହିତ ଜଡ଼ିତ କରିଥିଲା । ତେବେ ଏବେ, ୨୦୨୬ ରେ, ଜାମ୍ମୁ ଏବଂ କାଶ୍ମୀରର ଷ୍ଟେଟ୍ ଇନଭେଷ୍ଟିଗେସନ ଏଜେନ୍ସି (ଏସଆଇଏ) ଏହି ପୁରୁଣା ମାମଲାର ପୁନଃ ତଦନ୍ତ କରିଛି । ଏହି କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଏସଆଇଏ ଆତଙ୍କବାଦ ଯୁଗରେ କାଶ୍ମୀର ପଣ୍ଡିତଙ୍କ ଟାର୍ଗେଟେଡ୍ ହତ୍ୟା ସହିତ ଜଡ଼ିତ ଅନେକ ପୁରୁଣା ମାମଲାର ପୁନଃ ଯାଞ୍ଚ କରୁଛି । ଏଥିରେ ସରଳା ଭଟ୍ଟ, ସର୍ବାନନ୍ଦ କୌଲ ପ୍ରେମୀ, ଟିକା ଲାଲ ଟାପଲୁ ଏବଂ ଜଷ୍ଟିସ୍ ନୀଳକଣ୍ଠ ଗଞ୍ଜୁଙ୍କ ହତ୍ୟା ଅନ୍ତର୍ଭୁକ୍ତ । ସରଳା ଭଟ୍ ହତ୍ୟା ମାମଲାରେ ଏସଆଇଏ ପୂର୍ବରୁ ୭୩୭ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିସାରିଛି ।



# ଷ୍ଟୋର ରୁମ ତାଲା ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ଷ୍ଟୋରରୁମ ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପ୍ରକାଶ ଚନ୍ଦ୍ର ଜେନା । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ୨୨.୦୮.୨୦୨୬ ରିଖ ରାତିରେ ଅଭିଯୋଗକାରୀ ସରୋଜ କୁମାର ନାୟକଙ୍କ ଭଣଜା ଦିବ୍ୟ ରଞ୍ଜନ ନାୟକ (୧୭), ପିତା- ମନୋଜ କୁମାର ନାୟକ, ଅଭିଯୁକ୍ତ ସନ୍ତୋଷ ନାୟକ ଓରଫ ସନ୍ତୁଆଙ୍କୁ ତାଙ୍କ ଘରୁ ଗୋଟିଏ ବ୍ୟାଟେରୀ ନେଇଯାଉଥିବା ଦେଖିଥିଲେ। ଦିବ୍ୟ ରଞ୍ଜନ ପାଟି କରିବାରୁ ସନ୍ତୁଆ ବ୍ୟାଟେରୀ ନେଇ ପଳାଇଯାଇଥିଲା। ପରେ ଷ୍ଟୋର ରୁମ୍‌ର ତାଲା ଭଙ୍ଗା ଥିବା ଦେଖାଯାଇଥିଲା ଏବଂ ୫ଟି ରୁପା ଟପ୍, ୭ଟି ବଡ଼ ଡାଳ, ୫ଟି ବାଥ୍ ଟପ୍ ଓ ୩ଟି ବ୍ୟାଟେରୀ ଚୋରି ହୋଇଥିବା ଜଣାପଡ଼ିଥିଲା । ଏନେଇ ଅଭିଯୋଗକାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ଜଣାପଡିଥିଲା ଯେ, ଗତ ୨୩.୦୮.୨୦୨୬ ରିଖ ଅପରାହ୍ନରେ ଅଭିଯୁକ୍ତ ସନ୍ତୋଷ ନାୟକ ଓରଫ ସନ୍ତୁଆ ଅନ୍ୟ ଏକ ମାମଲାରେ ଧରାପଡ଼ିଥିଲା। ପଚରାଉଚରା ସମୟରେ ସେ ଚୋରି ସାମଗ୍ରୀଗୁଡ଼ିକୁ ଅଭିଯୁକ୍ତ ପ୍ରକାଶ ଚନ୍ଦ୍ର ଜେନାଙ୍କୁ ବିକ୍ରି କରିଥିବା କହିଥିଲା । ଏହି ମାମଲାରେ ଅଭିଯୁକ୍ତ ପ୍ରକାଶ ଚନ୍ଦ୍ର ଜେନାଙ୍କର ଚୋରି ସାମଗ୍ରୀ କ୍ରେତା ଭାବେ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା । ଅଧିକ ତଦନ୍ତରୁ ଜଣାପଡ଼ିଲା ଯେ, ଅଭିଯୁକ୍ତ ପ୍ରକାଶ ଚନ୍ଦ୍ର ଜେନା, ସନ୍ତୁଆ ଜଣେ ଚୋର ବୋଲି ଜାଣିଥିଲେ ଏବଂ ସେ ଆଣିଥିବା ସାମଗ୍ରୀ ଚୋରି ସାମଗ୍ରୀ ବୋଲି ମଧ ଜାଣିଥିଲେ। ତଥାପି ସେ ଜାଣିଶୁଣି ସନ୍ତୁଆଠାରୁ ଚୋରି ସାମଗ୍ରୀ କିଣିଥିଲେ ଏବଂ ପରେ ତାହାକୁ ଜଣେ ଅଜଣା କବାଡ଼ିଆଙ୍କୁ ୧୫,୦୦୦ ଟଙ୍କାରେ ବିକ୍ରି କରିଦେଇଥିଲେ। ତଦନ୍ତ କାଳରେ ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରାଯାଇଥିବା ବେଳେ, ତାଙ୍କ ନିକଟରୁ ନଗଦ ୧୫,୦୦୦ ଜବତ କରାଯାଇ ଥିଲା। ଅଜଣା କବାଡ଼ିଆଙ୍କ ପରିଚୟ ଓ ଠିକଣା ଜାଣିବା ପାଇଁ ଏହି ମାମଲାର ଅଧିକ ତଦନ୍ତ ବର୍ତ୍ତମାନ ଜାରି ରହିଛି ।

# ରାଧାକୃଷ୍ଣ ମନ୍ଦିରରୁ ମୁକୁଟ ଓ ପୂଜା ସାମଗ୍ରୀ ଚୋରି: ୩ ଗିରଫ




କାକଟପୁର(ନିପ୍ର): ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ରାଧାକୃଷ୍ଣ ମନ୍ଦିରରୁ ରାଧାକୃଷ୍ଣଙ୍କ ରୁପା ମୁକୁଟ ସମେତ ପୂଜାର୍ଚ୍ଚନାରେ ବ୍ୟବହୃତ ପିତ୍ତଳ ସାମଗ୍ରୀ ଚୋରି ଘଟଣାରେ କାକଟପୁର ପୁଲିସ ୩ ଜଣଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ୨୦ ତାରିଖ ମଧ୍ୟରାତ୍ରିରେ କେତେକ ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ସେମାନେ ରାଧାକୃଷ୍ଣଙ୍କ ରୁପା ମୁକୁଟ ଓ ମନ୍ଦିରରେ ପୂଜା ସମୟରେ ବ୍ୟବହୃତ କେତେକ ପିତ୍ତଳ ସାମଗ୍ରୀ ଚୋରି କରିଥିଲେ। ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ମନ୍ଦିରର ପୂଜକ ଅମରେଶ୍ୱର ବେହେରା କାକଟପୁର ଥାନାରେ ଅଭିଯୋଗ କରିଥିଲେ। କାକଟପୁର ଥାନା ପୁଲିସ କେସ୍ ନଂ-୨୯୬, ତାରିଖ ୨୩/୮/୨୦୨୬ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ କାକଟପୁର ମହାନ୍ତି ସାହିର ପ୍ରଶାନ୍ତ ସାହୁ ଓରଫ କାଳିଆ (୩୦), ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଞ୍ଚଳର ବିଜୟ କୁମାର ଦଳାଇ (୪୫) ଏବଂ କୋଣାର୍କ ଥାନା ଅନ୍ତର୍ଗତ ରାଉଳ ପଟଣା ଗ୍ରାମର ଭରତ କୁମାର ନନ୍ଦୀ (୩୨)ଙ୍କୁ ଗିରଫ କରିଛି। ତଦନ୍ତରେ ଚୋରି ସାମଗ୍ରୀ କ୍ରୟ କରିଥିବା ଅଭିଯୋଗ ମଧ ସାମ୍ନାକୁ ଆସିଛି। ପୁଲିସ ସେମାନଙ୍କ ନିକଟରୁ ଭଙ୍ଗା ତାଲା, ପ୍ରାୟ ୩୧ ଗ୍ରାମ ଓଜନର ଭଙ୍ଗା ଓ କଟା ରୁପା ମୁକୁଟର ଅଂଶ ସମେତ କେତେକ ପିତ୍ତଳ ପୂଜା ସାମଗ୍ରୀ ଜବତ କରିଛି। ଗିରଫ ତିନି ଅଭିଯୁକ୍ତଙ୍କୁ ୨୪ ତାରିଖରେ କୋର୍ଟରେ ହାଜର କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ନିମାପଡା ଜେଲକୁ ପଠାଇ ଦିଆଯାଇଛି । ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। କାକଟପୁର ଥାନା ଏଏସ୍‌ଆଇ ଜହୁର ଖାନଙ୍କ ନେତୃତ୍ୱରେ ପୁଲିସ ଘଟଣାର ତଦନ୍ତ କରୁଛି।

# ବାକି ପଇସାକୁ ନେଇ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ଦୋକାନ ବାକି ପଇସାକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହୃଦାନନ୍ଦ ମଲ୍ଲିକ ଓରଫ ହାତିଆ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତକାଲି (୨୩.୦୮.୨୦୨୬) ରାତି ପ୍ରାୟ ୮.୩୦ ମିନିଟରେ ଅଭିଯୋଗକାରୀ ସତ୍ୟଜିତ୍ ମଲ୍ଲିକ ନିଜ ଝିଅ ସହ ଅଭିଯୁକ୍ତ ହୃଦାନନ୍ଦ ମଲ୍ଲିକର ଦୋକାନକୁ ଯାଇ କିଛି ଜିନିଷ କିଣିବା ପରେ ଟଙ୍କା ଦେଇ ଘରକୁ ଫେରିଥିଲେ। କିଛି ସମୟ ପରେ ଅଭିଯୁକ୍ତର ପୁତୁରା ନିରଞ୍ଜନ ମଲ୍ଲିକ ଫୋନ୍ କରି ଅଭିଯୋଗକାରୀଙ୍କୁ ପୁଣି ଦୋକାନକୁ ଡାକିଥିଲା। ସେଠାରେ ଦୋକାନୀ ହୃଦାନନ୍ଦ ଏବଂ ତା'ର ପୁତୁରା ମିଶି ଅଭିଯୋଗକାରୀଙ୍କୁ ଜିନିଷର ପଇସା ଦେଇନାହଁ କହି ଯୁକ୍ତିତର୍କ କରିଥିଲେ। କଥା କଟାକଟିରୁ କଥା ହାତାହାତିକୁ ଯାଇଥିଲା ଏବଂ ଅଭିଯୁକ୍ତ ମାନେ ଅଭିଯୋଗକାରୀଙ୍କୁ ଠେଲାପେଲା କରି ତଳେ ପକାଇ ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଦୋକାନୀ ହୃଦାନନ୍ଦ ଏକ ଲୁହା ପାଇପ୍ ଆଣି ଅଭିଯୋଗକାରୀଙ୍କ ମୁଣ୍ଡକୁ ଅତି ନିର୍ମମ ଭାବେ ପିଟି ହତ୍ୟା ଉଦ୍ୟମ କରିଥିଲା। ଏହାଛଡ଼ା ଉଭୟ ଦାଦା-ପୁତୁରା ମିଶି ତାଙ୍କୁ ବିଧା ଗୋଇଠା ମାରି ଲହୁଲୁହାଣ କରିଦେଇଥିଲେ। ମଞ୍ଚେଶ୍ୱର ପୋଲିସ ତୁରନ୍ତ ଏହି ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ହୃଦାନନ୍ଦ ମଲ୍ଲିକକୁ କାବୁ କରିଥିଲେ। ପଚରାଉଚରା ବେଳେ ସେ ନିଜର ଦୋଷ ସ୍ୱୀକାର କରିଥିବା ବେଳେ, ପୁଲିସ ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ ଲୁହା ପାଇପକୁ ଜବତ କରିଛି। ସଂଗୃହୀତ ପ୍ରମାଣ ଆଧାରରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ, ଫେରାର ଅଭିଯୁକ୍ତ ପୁତୁରାକୁ ଧରିବା ପାଇଁ ଖୋଜତାଡ଼ ଜାରି ରହିଛି।

---

# ବାଇକ ଦୁର୍ଘଟଣାରେ ଜଣେ ମୃତ, ୨ଗୁରୁତର



ଜଳେଶ୍ୱର(ନିପ୍ର): ଜଳେଶ୍ୱର ସହର ଅନତି ଦୂର ବାଘାବାଳି ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଦୁଇ ଗୁରୁତର ହୋଇଥିଲା ବେଳେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଜଳେଶ୍ୱର ଥାନା ବଜାରଶୋଳ ଗ୍ରାମର ଜଗନ୍ନାଥ ଗିରି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ବଜାରଶୋଳ ଗ୍ରାମର ପ୍ରଫୁଲ ଗିରିଙ୍କର ୨୯ ବର୍ଷର ପୁଅ ଜଗନ୍ନାଥ ଗିରି ଏକ ବାଇକ ଯୋଗେ କୌଣସି କାମରେ ଜଳେଶ୍ୱର ଆସୁଥିଲା ବେଳେ ଜଳେଶ୍ୱର ବଜାରରୁ ତିନିକଣ ଯୁବକ ଏକ ଆପାଚି ବାଇକ ଯୋଗେ ଦ୍ରୁତ ଗତିରେ ଯାଉଥିଲା ବେଳେ ରାଜପୁର ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ହେବା ଫଳରେ ସମସ୍ତେ ବାଇକରୁ ଛିଟିକି ପଡିଥିଲେ। ଜଗନ୍ନାଥଙ୍କ ସହିତ ତିନିଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଅଟୋ ଯୋଗେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ, ମାତ୍ର ଡାକ୍ତର ଜଗନ୍ନାଥଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଜଣ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଘଟଣା ସ୍ଥଳରେ ଜଳେଶ୍ୱର ପୋଲିସ ପହଞ୍ଚି ବାଇକ ଦୁଇଟି ଜବତ କରିବା ସହିତ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ।

## ଚୌଦ୍ୱାର ଜେଲ୍ ଜାଲ୍ ଦସ୍ତାବିଜ ମାମଲା

# ଅଧିକାରୀଙ୍କ ଜାମିନ ରାୟ ସଂରକ୍ଷିତ

କଟକ(ନିପ୍ର): ଚୌଦ୍ୱାର ଜେଲ୍ ଦସ୍ତାବିଜ୍ ଜାଲିଆତି ମାମଲାରେ ଜେଲ୍ ଅଧୀକ୍ଷକଙ୍କ ଆଗୁଆ ଜାମିନ ମାମଲା ହାଇକୋର୍ଟରେ ଶୁଣାଣି ଶେଷ ହେବା ପରେ ରାୟ ସଂରକ୍ଷିତ ରହିଛି । ଜେଲ୍ ମିନିଟ୍ ବୁକ୍ ଜାଲିଆତି ନେଇ ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ପୂର୍ବତନ ଜେଲର । ମାମଲାରେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ ଜେଲ୍ ଅଧୀକ୍ଷକ ସୁଜିତ ରାଉଳ । ସେପଟେ ମିନିଟ୍ ବୁକ୍ ଦସ୍ତାବିଜ୍ ସଂପର୍କରେ ଜେଲ୍ ଅଧୀକ୍ଷକ ଦାଖଲ କରିଥିବା ସତ୍ୟପାଠ ଉପରେ ପ୍ରଶ୍ନ ଉଠାଇଛନ୍ତି ପ୍ରତିପକ୍ଷ ଓକିଲ ଏବଂ ସରକାରୀ ଓକିଲ । ଏବେ ଦେଖିବା କଥା ଆଗକୁ ଏ ମାମଲାରେ କି ରାୟ ଦେଉଛନ୍ତି କୋର୍ଟ । ସୂଚନାଯୋଗ୍ୟ ଚୌଦ୍ୱାର ଜେଲ୍‌ରୁ ୨ ବନ୍ଦୀ ଫେରାର ମାମଲାରେ ଜେଲରଙ୍କ ସ୍ୱାକ୍ଷରକୁ ଜାଲିଆତି କରାଯାଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା।

---

# ୫ଲିଟର ଦେଶୀ ମଦ ଜବତ: ଜଣେ ଗିରଫ

ସାଲେପୁର(ନିପ୍ର): ସାଲେପୁର ପୋଲିସ ପକ୍ଷରୁ ପେଟ୍ରୋଲିଂ କରୁଥିବା ସମୟରେ ସାଲେପୁର ବ୍ଲକର ଭୀମଦାସପୁର ପଞ୍ଚାୟତର ଭୋରା ଗ୍ରାମ ନିକଟରେ ଦେଶୀ ମଦ ବିକ୍ରି କରଥିବା ଖବର ପାଇଥିଲେ । ଏହି ସମୟରେ ପୋଲିସ ଅନୁଜ କୁମାରଠାରୁ ୫ଲିଟର ଦେଶୀ ମଦ ଜବତ କରିଥିଲେ। ପୋଲିସ ଅନୁଜ କୁମାରକୁ ଗିରଫ କରିବା ସହିତ ଏକ ମାମଲା ରୁଜୁକରି କୋର୍ଟ ଚାଲଣ ହୋଇଥିବା ସାଲେପୁର ଥାନା ଅଧିକାରୀ ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି ।

---

# ବୃଦ୍ଧଙ୍କୁ ହତ୍ୟା ଧମକ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ଗ୍ରାମରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ୨୫୨/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଗ୍ରାମର ରବୀନ୍ଦ୍ର ପ୍ରଧାନ (୬୫) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ କିଛିଦିନ ତଳେ ଗ୍ରାମର ଚନ୍ଦନ ସ୍ୱାଇଁ ନାମକ ଜଣେ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବୀନ୍ଦ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଇଟାରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଯାହାକୁ ନେଇ ରବୀନ୍ଦ୍ର ଥାନାରେ ଅଭିଯୋଗ କରିବାରେ ପୋଲିସ ଟିମ ରବୀନ୍ଦ୍ରକୁ ଧରିବା ପାଇଁ ଗ୍ରାମକୁ ଯାଇଥିବା ବେଳେ ସେ ବାରିପଟେ ଖସି ପଳାଇଥିଲା । ପୋଲିସ ଟିମ ଆସିବା ପରେ ଲକ୍ଷ୍ମୀଧର ଓ ତାଙ୍କ ପତ୍ନୀ ରବିନ୍ଦ୍ର ଘରେ ନ ଥିବା ବେଳେ ତାଙ୍କ ଘରକୁ ଆସି ରବିନ୍ଦ୍ରଙ୍କ ନାଁ ଧରି ଗାଳି ଗୁଲଜ କରିବା ସହ ଘରକୁ ଆସିଲେ ତାଙ୍କ ପୁତୁରା ରବୀନ୍ଦ୍ରଙ୍କୁ ଜୀବନରେ ମାରିଦେବ ଧମକ ଦେଇଥିଲେ। ରବୀନ୍ଦ୍ରଙ୍କ ପତ୍ନୀ ପ୍ରତିବାଦ କରିବାରୁ ଆସାମୀମାନେ ଧମକ ଚମକ ଦେଇ ଚାଲି ଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

---

# ୧୮ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ: ମହିଳା ଗିରଫ

ନୀଳଗିରି: ନୀଳଗିରି ଅବକାରୀ ବିଭାଗର ବଡ଼ ସଫଳତା । ଚଢ଼ାଉ ବେଳେ ୧୮୦ ଗ୍ରାମ ବ୍ରାଉନସୁଗାର ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ଗିରଫ ମହିଳା ଜଣକ ହେଲେ ମିନତୀ ମଲ୍ଲିକ । ତେବେ ଜବତ ହୋଇଥିବା ବ୍ରାଉନସୁଗାରର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ଅନୁମାନ କରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ, ବ୍ରାଉନସୁଗାର ବେପାର ଚାଲିଥିବା ସମ୍ପର୍କରେ ଅବକାରୀ ବିଭାଗ କୌଣସି ବିଶେଷ ସୂତ୍ରରୁ ଖବର ପାଇବା ପରେ ଚଢ଼ାଉ କରିଥିଲା । ଔପଦା ବ୍ଲକ ଦକ୍ଷିଣନରସିଂହପୁର ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା । ମହିଳା ଜଣକ ଭୟରେ ଦୌଡ଼ି ପଳାଉଥିବାବେଳେ ସନ୍ଦେହ ହେବାରୁ ତାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା । ପରେ ତାଙ୍କ ପାଖରେ ୧୮୦ ଗ୍ରାମ ଅର୍ଥାତ ୧୮ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କରାଯାଇଥିଲା । ଏ ନେଇ ଏକ ମାମଲା ରୁଜୁ କରାଯାଇଥିବା ବେଳେ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନିର୍ମାଣସ୍ଥଳରୁ ଚୋରି, ଦୁଇ ଧରାପଡ଼ିଲେ

ଭୁବନେଶ୍ୱର(ନି.ପ୍ର) : ଏକ ନିର୍ମାଣଧିନ ସ୍ଥାନରୁ ଚୋରି କରିବା ଅଭିଯୋଗରେ ଇପଫୋଭ୍ୟାଲି ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗଗନ ନାୟକ ଓ ତତନ ଦାସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସମୀର ହାତୀ, "ମହାଧ୍ୟୁତ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍" ର ସିନିୟର ସାଇଟ୍ ଇଞ୍ଜିନିୟର ଭାବେ ହରପୁରରେ କାର୍ଯ୍ୟରତ। ଗତ ୨୫.୦୫.୨୦୨୬ ରିଖ ରାତିରେ ହରପୁରସ୍ଥିତ ବିବି କମ୍ପ୍ଲେକ୍ସ ନିର୍ମାଣସ୍ଥଳରୁ ସନ୍ତୁଆ ନାମକ ଜଣେ ନାବାଳକ ୩ଟି ଏୟାର କଣ୍ଡିସନର ଚୋରି କରିଥିଲା । ନିର୍ମାଣସ୍ଥଳର କର୍ମଚାରୀମାନେ ଚୋରି ହେଉଥିବା ଦେଖି ତାକୁ ଅଟକାଇବାକୁ ଚେଷ୍ଟା କରିବାରୁ, ସନ୍ତୁଆ ବନ୍ଧୁକ ଦେଖାଇ ସେମାନଙ୍କୁ ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ଘଟଣା ସମୟରେ କର୍ମଚାରୀମାନେ ସନ୍ତୁଆର ଏକ ବଜାଜ ପଲସର ମୋଟରସାଇକେଲକୁ ଅଟକ ରଖିବା ସହ ଅଭିଯୋଗକାରୀଙ୍କୁ ସୂଚନା ଦେଇଥିଲେ । ତେଣୁ ଅଭିଯୋଗକାରୀ ଚୋରି ହୋଇଥିବା ୩ଟି ଏୟାର କଣ୍ଡିସନର ଉଦ୍ଧାର କରିବା ସହ ଅଭିଯୁକ୍ତ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ତଦନ୍ତ ସମୟରେ ଜଣାପଡିଥିଲା ଯେ, ଗତ ୨୫.୦୫.୨୦୨୬ ରିଖ ରାତି ପ୍ରାୟ ୧୧ଟା ସମୟରେ ହରପୁରସ୍ଥିତ ବିବି କମ୍ପ୍ଲେକ୍ସ ନିର୍ମାଣସ୍ଥଳରୁ ନାବାଳକ ସନ୍ତୋଷ ନାୟକ ଓରଫ ସନ୍ତୁଆ ଓ ଗଗନ ନାୟକ ଏକ ବଜାଜ ପଲସର ମୋଟରସାଇକେଲରେ ଆସି ୩ଟି ଏସି ମେସିନ ଚୋରି କରିନେଇଯାଇଥିଲେ। ଚତୁର୍ଥ ଏସି ନେବା ସମୟରେ ସାଇଟ୍ କର୍ମଚାରୀମାନେ ସେମାନଙ୍କୁ ଦେଖିନେବାରୁ, ଗଗନ ଖସି ପଳାଇ ଯାଇଥିଲା ଏବଂ ସନ୍ତୁଆ ବନ୍ଧୁକ ଦେଖାଇ ଗୁଳି କରିଦେବାକୁ ଧମକ ଦେଇ ମୋଟରସାଇକେଲ ଛାଡ଼ି ପଳାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଚୋରି ହୋଇଥିବା ୨ଟି ଏସି ସ୍କ୍ରାପ୍ ବ୍ୟବସାୟୀ ତତନ ଦାସଙ୍କୁ ୧୦,୦୦୦ ଟଙ୍କାରେ ବିକ୍ରି କରାଯାଇଥିଲା। ଗତ ୨୩.୦୮.୨୦୨୬ ରିଖରେ ଏମଭି ଚେକିଂ ସମୟରେ ସନ୍ତୁଆ ଓ ଗଗନ ଚୋରି ହୋଇଥିବା ଏସିର ଇଣ୍ଡୋର ଓ ଆଉଟଡୋର ୟୁନିଟ ସହ ଧରାପଡ଼ିଥିଲେ ଏବଂ ପରବର୍ତ୍ତୀ ସମୟରେ ସେଗୁଡ଼ିକ ଜବତ କରାଯାଇଥିଲା। ପରେ ତତନ ଦାସଙ୍କ ସ୍କ୍ରାପ୍ ଦୋକାନରୁ ମଧ ଚୋରି ହୋଇଥିବା ଏସିର ଭଙ୍ଗା ଅଂଶ ଉଦ୍ଧାର ହୋଇଥିଲା। ପୁଲିସ୍ ଏହି ମାମଲାରେ ଦୁଇ ଅଭିଯୁକ୍ତ ଗଗନ ନାୟକ ଓ ତତନ ଦାସଙ୍କୁ ଗିରଫ କରିଥିବା ବେଳେ, ଉଭୟ ନିଜର ଦୋଷ ସ୍ୱୀକାର କରିଥିଲେ। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ଗଗନ ନାୟକ ନାମରେ ଇନଫୋଭ୍ୟାଲି ଥାନାରେ ଅନ୍ୟ ଏକ ଚୋରୀ ମାମଲା ମଧ୍ୟ ରହିଛି ।

# ଡକାୟତି ମାମଲା, ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ଡକାୟତି ଯୋଜନା ମାମଲାରେ ସମ୍ପୃକ୍ତି ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଫେରାର ଥିବା ସଞ୍ଜୟ ପ୍ରଧାନ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୯.୦୬.୨୦୨୬ ବିଳମ୍ବିତ ରାତିରେ କ୍ୟାପିଟାଲ ଥାନାର ଏକ ସ୍ୱତନ୍ତ୍ର ଟିମ ରାତ୍ରି ପାଟ୍ରୋଲିଂ ସମୟରେ, ୟୁନିଟ୍-୨ ସ୍ଥିତ କଂଗ୍ରେସ ଭବନ ପଛପଟେ ଥିବା ଏକ ପରିତ୍ୟକ୍ତ ସରକାରୀ କ୍ୱାର୍ଟର ନିକଟରେ କିଛି ଅପରାଧୀ ଏକାଠି ହୋଇ ସେହି ରାତ୍ରିରେ ରେଳ ଷ୍ଟେସନ ଅଞ୍ଚଳରୁ ଏକାକୀ ଘରକୁ ଫେରୁଥିବା ଯାତ୍ରୀ ତଥା ପଥଚାରୀ ମାନଙ୍କ ନିକଟରୁ ବଡଧରଣର ସଶସ୍ତ୍ର ଡକାୟତି କରିବା ନିମନ୍ତେ ପ୍ରାକ ଯୋଜନା ପ୍ରସ୍ତୁତ କରୁଥିବା ନେଇ, ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସୂଚନା ପାଇବା ପରେ ପୋଲିସ ଟିମ୍ ତୁରନ୍ତ ସେଠାରେ ଚଢ଼ାଉ କରି ୪ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତେବେ ଅନ୍ଧାରର ସୁଯୋଗ ନେଇ ଆଉ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଥିଲା। ଅଭିଯୁକ୍ତମାନଙ୍କର ତଲାସୀ ନେବା ସହ ଘଟଣାସ୍ଥଳରେ ଖୋଜାଖୋଜି କରାଯିବା ପରେ ପୋଲିସ ଗୋଟିଏ ଖଣ୍ଡା, ଗୋଟିଏ ଲୁହା ଛୁରୀ, ଦୁଇଟି ଧାରୁଆ ବ୍ଲେଡ୍, ଚାରୋଟି କଳା ମୁଖା, ଲଙ୍କା ଗୁଣ୍ଡ, ଅବଶିଷ୍ଟ ମଦ ଥିବା ତିନୋଟି ମଦ ବୋତଲ ଏବଂ ପାଞ୍ଚଟି ଗ୍ଲାସ୍ ଜବତ କରିଥିଲେ। ଏହି ମାମଲାରେ କ୍ୟାପିଟାଲ ଥାନା ପୁଲିସ ଗତ ୨୯.୦୬.୨୦୨୬ ରେ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଫେରାର ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲେ। ଏହି କ୍ରମରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ କରିବା ସହ ଅନ୍ୟତମ ଅଭିଯୁକ୍ତ ସଞ୍ଜୟ ପ୍ରଧାନକୁ ମାଷ୍ଟର କ୍ୟାଣ୍ଟିନ ସ୍ଥିତ ଆହାର କେନ୍ଦ୍ର ନିକଟରୁ ଆଜି ଗିରଫ କରିବାରେ ସକ୍ଷମ ହୋଇଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତ ସଞ୍ଜୟ ଉପରୋକ୍ତ ଡକାୟତି ଯୋଜନାରେ ସାମିଲ ଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତ ସଞ୍ଜୟ ପୂର୍ବରୁ ମଧ ୩ ଟି ଚୋରୀ ମାମଲାରେ ସମ୍ପୃକ୍ତ ଥିବା, ତଦନ୍ତ ବେଳେ ଜଣାପଡିଛି।

# ସ୍କୁଲ ବସ୍‌କୁ ମାଡ଼ି ବସିଲା ପରିବହନ ବିଭାଗ




ବାଙ୍କୀ/କଟକ(ନିପ୍ର): ଅସୁରକ୍ଷିତ ବସ୍‌ରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଯାତାୟାତ କରାଯାଉଥିବା ଅଭିଯୋଗରେ କଟକ ପରିବହନ ବିଭାଗ ପକ୍ଷରୁ ବାଙ୍କୀ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୩ଟି ଗାଡ଼ି ଜବତ ହୋଇଥିବା ବେଳେ, ଜବତ ଗାଡ଼ିଗୁଡ଼ିକର ଫିଟନେସ୍ ଓ ବୀମା ନଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଡମପଡ଼ା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଯାତାୟାତ ପାଇଁ 'ଆଦିତ୍ୟ' ନାମରେ ଦୁଇଟି ଘରୋଇ ବସ୍ ନିୟୋଜିତ ହୋଇଥିଲା। ତେବେ ଆବଶ୍ୟକ କାଗଜପତ୍ର ବିନା ବସ୍ ଚଳାଚଳ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଖବରପାଇ କଟକ ପରିବହନ ବିଭାଗର ଅଧିକାରୀମାନେ ଜାତମୁଣ୍ଡିଆ ଛକ ନିକଟରେ ଚଢ଼ାଉ କରି ଦୁଇଟି ବସ୍‌କୁ ଜବତ କରିଥିଲେ। ପରେ ବସ୍ ଦୁଇଟିକୁ ବାଙ୍କୀ ଥାନାକୁ ନିଆଯାଇଥିଲା। ଏହାସହ ଅନ୍ୟ ଏକ ଗାଡ଼ି ମଧ୍ୟ ଜବତ ହୋଇଛି। ସମସ୍ତ ଆବଶ୍ୟକ ଦସ୍ତାବିଜ ଯାଞ୍ଚ ପରେ ନିୟମ ଅନୁଯାୟୀ ଜରିମାନା ଆଦାୟ ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ ବୋଲି କଟକ ପରିବହନ ବିଭାଗର ଇନ୍ସପେକ୍ଟର ରଞ୍ଜନ କୁମାର ଦୋରା କହିଛନ୍ତି। ସୂଚନା ଅନୁସାରେ, ଏହି ବସ୍‌ଗୁଡ଼ିକ ବିରୋଧରେ ପୂର୍ବରୁ ମଧ୍ୟ ନିୟମ ଉଲ୍ଲଂଘନ ଅଭିଯୋଗ ରହିଛି। ଗତବର୍ଷ ଡିସେମ୍ବର ମାସରେ ମଧ୍ୟ ବସ୍‌ଗୁଡ଼ିକୁ ଜବତ କରାଯାଇ ବାଙ୍କୀ ଥାନାରେ ଅଟକ ରଖାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଯାତାୟାତକୁ ନେଇ ପରିବହନ ବିଭାଗର ଏଭଳି ଚଢ଼ାଉକୁ ସ୍ଥାନୀୟ ଅଭିଭାବକମାନେ ସ୍ୱାଗତ କରିଛନ୍ତି।

# ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ: ତଦନ୍ତ ଦାବି ଜୋର୍ ଧରିଲା




ଆସିକା(ନିପ୍ର): ଆସିକା ବ୍ଲକ ଅଧିନସ୍ଥ ଗଙ୍ଗାପୁର ପଞ୍ଚାୟତରେ ରାସ୍ତା ନିର୍ମାଣ କାର୍ଯ୍ୟ ରେ ନାନା ପ୍ରକାର ଅନିୟମିତତା ପନ୍ଥା ଅବଲମ୍ବନ କରାଯାଇ ସଠିକ ଭାବେ କାର୍ଯ୍ୟ କରାନଯାଇ ସରକାରୀ ଅନୁଦାନ ଅର୍ଥ ବାଟମାରଣା କରାଯାଇଛି ବୋଲି ସଚେତନ ନାଗରିକ ମହଲରେ ଆଲୋଚନା ଓ ପର୍ଯ୍ୟାଲୋଚନା ଜୋର ଧରିଥିଲା ବେଳେ ଜିଲ୍ଲା ପ୍ରଶାସନ ତଥା ଆସିକା ବ୍ଲକ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବା ଦିଗରେ ପଦକ୍ଷେପ ନେବାକୁ ସଚେତନ ନାଗରିକ ମହଲରେ ଦୃଢ ଦାବି ହେଉଥିବା ଲକ୍ଷ୍ୟ କରାଯାଇଛି । ପ୍ରକାଶ ଥାଉକି ବିକଶିତ ଗାଁ ବିକଶିତ ଓଡିଶା ଅନୁଦାନରେ ଗଙ୍ଗାପୁର ଆର.ଡି ସଡ଼କଠାରୁ ପଞ୍ଚାୟତ ପର୍ଯ୍ୟନ୍ତ ଫେବର ରୋଡ଼ ନିର୍ମାଣ ସକାଶେ ୪ଲକ୍ଷ ଟଙ୍କା ଅନୁଦାନ ମଂଜୁର ହୋଇଥିଲା । ତେବେ ସରକାରୀ ଅନୁଦାନ ବିନିଯୋଗ କ୍ଷେତ୍ରରେ ନାନା ପ୍ରକାର ଅନିୟମିତତା ପନ୍ଥା ଅବଲମ୍ବନ କରାଯାଇ ସଠିକ ଭାବେ କାର୍ଯ୍ୟ କରାଯାଇନଥିବା ଚର୍ଚ୍ଚା ଜୋର ଧରିଛି। ଘଟଣାର ଏକ ନିରପେକ୍ଷ ତଦନ୍ତ ପାଇଁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ଏ ସଂକ୍ରାନ୍ତରେ ସମ୍ପୃକ୍ତ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଉକ୍ତ କାମ ବିଷୟରେ ସବିଶେଷ ତଥ୍ୟ ଦେବା ପାଇଁ ମୁଁ ଅଜ୍ଞ ବୋଲି କହିଥିଲେ। ଆସିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ ନିଶ୍ଚିତ ଭାବେ ଘଟଣା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ବିକଶିତ ଗାଁ ବିକଶିତ ଓଡିଶା ଅନୁଦାନରେ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଫେବର ରାସ୍ତା ନିର୍ମାଣ କାର୍ଯ୍ୟର ଏକ ନିରପେକ୍ଷ ତଦନ୍ତ କଲେ ବହୁ ଗୁମର କଥା ପଦାରେ ପଡିବ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଥିବା ଲକ୍ଷ୍ୟ କରାଯାଇଛି।

## ସରକାରୀ ତହବିଲରୁ ୩ କୋଟିରୁ ଅଧିକ ଟଙ୍କା ହଡପ

# ଭିଜିଲାନ୍ସ ଜାଲରେ ପୂର୍ବତନ ରାଜସ୍ୱ ସହାୟକ

କଟକ(ନିପ୍ର): ଭିଜିଲାନ୍ସ ଜାଲରେ ପୂର୍ବତନ ରାଜସ୍ୱ ସହାୟକ। ସରକାରୀ ତହବିଲରୁ ୩ କୋଟିରୁ ଅଧିକ ଟଙ୍କା ହଡପ ଅଭିଯୋଗରେ ପୂର୍ବତନ ରାଜସ୍ୱ ସହାୟକ ଭଞ୍ଜ କିଶୋର ବେହେରାଙ୍କ ଘରେ ସୋମବାର ଭିଜିଲାନ୍ସ ଚଢାଉ କରିଛି। ଜଗତସିଂହପୁର-ନାଉଗାଁ ତହସିଲର ପୂର୍ବତନ ରାଜସ୍ୱ ସହାୟକଙ୍କ ଘରେ ଭିଜିଲାନ୍ସ ତଦନ୍ତ କରୁଛି। ରଘୁନାଥପୁର ବ୍ଲକ ପାଟେଣୀ ଗାଁ ସ୍ଥିତ ପୈତୃକ ବାସ ଭବନ ସହିତ ତାଙ୍କ କାର୍ଯ୍ୟାଳୟ, ଶ୍ୱଶୁର ଘର ଆଦି ୬ଟି ସ୍ଥାନରେ ଏକକାଳୀନ ଚଢାଉ ଚାଲିଛି। ଭଞ୍ଜ କିଶୋରଙ୍କ ନାଁରେ ୩ କୋଟିରୁ ଅଧିକ ଟଙ୍କା ଦୁର୍ନୀତି ଅଭିଯୋଗ ଥିଲା। ସେହି ଟଙ୍କାରୁ ୨ କୋଟି ଟଙ୍କାର ଦୁର୍ନୀତି କରିଥିବା ସେ ସ୍ୱୀକାର କରିଛନ୍ତି। ଦୁର୍ନୀତି ଟଙ୍କାରେ ୭୦୦୦ ବର୍ଗଫୁଟର ବିଶାଳ କୋଠା ଘର କରିଥିବା, ଟେଷ୍ଟ ହାଉସ ସହିତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ କିଣିବା ସ୍ୱୀକାର କରିଛନ୍ତି। ତାଙ୍କୁ ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ସରକାରୀ ପାଣ୍ଠିର ଅପବ୍ୟବହାର ମାମଲାରେ ଗତ ୧୨ ତାରିଖରେରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଥିଲା। ଶ୍ରୀ ବେହେରା ସରକାରୀ ଦରମା ରେଜିଷ୍ଟର ଏବଂ ବଣ୍ଟନ ଡକ୍ୟୁମେଣ୍ଟଗୁଡ଼ିକୁ ଜାଲିଆତି ଏବଂ ହେରଫେର କରି ଆତ୍ମସାତ କରିଥିବା ମଧ ଜଣାପଡ଼ିଥିଲା। ଓଡ଼ିଶା ଭିଜିଲାନ୍ସର ଏକ ଦଳ ଦ୍ୱାରା ଅଧିକ ପଚରାଉଚରା ସମୟରେ ସେ କହିଥିଲେ, ପ୍ରାୟ ୨ କୋଟି ଟଙ୍କା ଆତ୍ମସାତ ହୋଇଥିବା ୭,୦୦୦ ବର୍ଗଫୁଟର ଏକ ପ୍ରାସାଦ କୋଠା, ଟେଷ୍ଟ ହାଉସ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷପତ୍ର ଅନ୍ତର୍ଭୁକ୍ତ। ତାଙ୍କ ଗିରଫଦାରୀ ପରେ, ଆଜି ଓଡ଼ିଶା ଭିଜିଲାନ୍ସ ଶ୍ରୀ ବେହେରାଙ୍କ ସହିତ ଜଡିତ ଛଅଟି ସ୍ଥାନରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତଲାସି ଜାରି ରହିଛି।

# ଓଡ଼ିଶା ମହିଳା ପର୍ବତାରୋହୀଙ୍କ ମାଉଣ୍ଟ ୟୁନାମ୍ ବିଜୟ

## ୨୦,୧୦୦ ଫୁଟ୍ ଉଚ୍ଚତାରେ ଉଡ଼ାଇଲେ ତ୍ରିରଙ୍ଗା: ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ




ଭୁବନେଶ୍ୱର, ୨୪/୮(ନିପ୍ର): ଓଡ଼ିଶାର ମହିଳା ପର୍ବତାରୋହୀମାନେ ମାଉଣ୍ଟ ୟୁନାମରେ ସଫଳତାର ସହ ଆରୋହଣ କରି ସ୍ୱାଧୀନତା ଦିବସ ଅବସରରେ ୨୦,୧୦୦ ଫୁଟ୍ ଉଚ୍ଚତାରେ ତ୍ରିରଙ୍ଗା ଉଡ଼ାଇ ଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ମହିଳା ପର୍ବତାରୋହୀ ମାନଙ୍କ ଏହି ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରି ଏହାକୁ 'ନାରୀ ଶକ୍ତି'ର ଅଦମ୍ୟ ଇଚ୍ଛାର ଏକ ଶକ୍ତିଶାଳୀ ପ୍ରମାଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ସାହସ, ଦୃଢ଼ତା ଓ ସଂକଳ୍ପ ବଳରେ ଏହି ପର୍ବତାରୋହୀମାନେ ପ୍ରମାଣ କରିଛନ୍ତି ଯେ କୌଣସି ଚ୍ୟାଲେଞ୍ଜ ଏତେ ବଡ଼ ନୁହେଁ ଏବଂ କୌଣସି ଉଚ୍ଚତା ଏପରି ନୁହେଁ, ଯାହାକୁ ହାସଲ କରାଯାଇ ପାରିବ ନାହିଁ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିଳାପର୍ବତାରୋହୀମାନଙ୍କ ଏହି ସଫଳତା ଓଡ଼ିଶା ସମେତ ସମଗ୍ର ଦେଶ ପାଇଁ ଗର୍ବର ବିଷୟ। ସେ ଆଶା ପ୍ରକାଶ କରିଛନ୍ତି ଯେ, ସେମାନଙ୍କର ସଫଳତା ଝିଅମାନେ ଓ ଯୁବତୀମାନଙ୍କୁ ଆତ୍ମବିଶ୍ୱାସର ସହବଡ଼ ସ୍ୱପ୍ନ ଦେଖିବା, ଉତ୍କର୍ଷ ହାସଲ କରିବା ଏବଂ ନୂଆ କୀର୍ତ୍ତିମାନ ସ୍ଥାପନ କରିବା ପାଇଁପ୍ରେରଣା ଯୋଗାଇବ। ମୁଖ୍ୟମନ୍ତ୍ରୀ ପର୍ବତାରୋହୀ ମାନଙ୍କ ସାହସ, ନିଷ୍ଠା ଓ ଦୃଢ଼ ସଂକଳ୍ପକୁ ପ୍ରଶଂସା କରି କହିଛନ୍ତି ଯେ, ସେମାନଙ୍କରଏହି ସଫଳତା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।



ଭୁବନେଶ୍ୱର: ଶ୍ରାବଣର ଶେଷ ସୋମବାରରେ ଜଳଲାଗି ଲିଙ୍ଗରାଜ ମନ୍ଦିରରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ (ଫଟୋ-ଦିନଲିପି)

## ପିଏମ୍ଶ୍ରୀ କେନ୍ଦ୍ରୀୟ ପ୍ରଭାରୀଙ୍କ ଦୁଇଦିନିଆ ମାଲକାନଗିରି ଗସ୍ତ

ମାଲକାନଗିରି, ୨୪/୮(ନିପ୍ର): ପିଏମ୍ଶ୍ରୀ ସ୍କୁଲ ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ ରାଜୀବ ଶର୍ମା, ଭାରତୀୟ ପ୍ରଶାସନିକ ସେବା, ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ପ୍ରଭାରୀ ପ୍ରଥମେ ମାଲକାନଗିରି ବ୍ଲକ ସ୍ଥିତ ସିନ୍ଧ୍ରୀମାଲ ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିମେଳା ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ସେ ବିଦ୍ୟାଳୟର ସକ୍ଷମ କେନ୍ଦ୍ର, ଭାଷା କେନ୍ଦ୍ର, ଇ-ପାଠାଗାର, ବିଜ୍ଞାନାଗାର, ଖେଳ ପଡିଆ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ହେଉଥିବା ପାଠପଢ଼ା କାର୍ଯ୍ୟକ୍ରମ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଗସ୍ତ କାର୍ଯ୍ୟକ୍ରମ ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜନ ହୋଇଥିଲା। ବୈଠକରେ ଭାରତ ସରକାରଙ୍କ ଯୁଗ୍ମ ସଚିବ ସମସ୍ତ ପିଏମ୍ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ।

### ଅନଲାଇନ ଅଟୋ ଚାଳକଙ୍କ ଆନ୍ଦୋଳନ ଘଟଣା

## ପରମିଟ୍ ପରେ ଏବେ ବାତିଲ ହେବ ଆର୍‌ସି !



ଭୁବନେଶ୍ୱର, ୨୪/୮(ନିପ୍ର): ଅନଲାଇନ ଅଟୋ ଚାଳକଙ୍କୁ ଭାରି ପଡ଼ିଛି ଆନ୍ଦୋଳନ। ଗତ ବୁଧବାର କରିଥିବା ବେଆଇନ ଆନ୍ଦୋଳନ ଯୋଗୁ ଏବେ ହରଡ଼ ଘଣାରେ ଶହ ଶହ ଅନଲାଇନ ଅଟୋଚାଳକ। ଆନ୍ଦୋଳନ ଦିନ ଆନ୍ଦୋଳନକାରୀମାନେ ଉଗ୍ର ହୋଇ ଯେଉଁ ଭଙ୍ଗାରୁଜା କରିଥିଲେ ତାହା ଏବେ ସେମାନଙ୍କ ପାଇଁ ବଡ଼ ଅଡୁଆ ସୃଷ୍ଟି କରିଛି। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇ ଘଟଣା ଦିନ ଅର୍ଥାତ ବୁଧବାର ପୋଲିସ ୪୦୦ ଗାଡ଼ି ଜବତ କରିଥିଲା। ସେଗୁଡ଼ିକର ପରମିଟ୍ କ୍ୟାନ୍ସଲ ପାଇଁ ନୋଟିସ୍ ଦିଆଯାଇଥିବା ବେଳେ, ଶହେରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଥିଲା। ହେଲେ ଏବେ ମାମଲାରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ଆଞ୍ଚଳିକ ପରିବହନ ବିଭାଗ। ଭୁବନେଶ୍ୱର ଆରଟିଓ ମାନସ ମିଶ୍ର କହିଛନ୍ତି, ଆନ୍ଦୋଳନ ପରେ ଘଟଣା ସ୍ଥଳରୁ ୪୮୦ ଗାଡ଼ି ସିଜ୍ କରିଥିଲା ପୋଲିସ । ସମସ୍ତ ସିଜ୍ ଗାଡ଼ିକୁ ବିଭାଗ ପକ୍ଷରୁ ନୋଟିସ ଦିଆଯାଇଥିଲା। ସୋ' କଜ୍ ନୋଟିସର ଡେଡ୍ ଲାଇନ୍ ଆଜି ସରୁଥିବା ମାତ୍ର ୨୫ ଜଣ ଉତ୍ତର ରଖିଛନ୍ତି। ହେଲେ ଅନ୍ୟମାନେ ଉତ୍ତର ଦେଇନାହାନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜବତ ହୋଇଥିବା ବହୁ ଗାଡ଼ିର ଫାଇନ ସହ ଫିଟନେସ ସାର୍ଟିଫିକେଟ କିମ୍ବା ଇନ୍ସ୍ୟୁରାନ୍ସ ମଧ୍ୟ ନାହିଁ। ଯାହାର ଏକ ତାଲିକା ପ୍ରସ୍ତୁତ କରୁଛି ବିଭାଗ । ସେମାନଙ୍କୁ ଆରସି କ୍ୟାନସଲ ପାଇଁ ନୋଟିସ ଦିଆଯିବ।

## ଲୋକନାଥ ମନ୍ଦିରରେ ଜଳ ଲାଗି କଲେ କାଉଡ଼ିଆ

ପୁରୀ,୨୪/୮(ନିପ୍ର): ଶ୍ରାବଣ ମାସର ଶେଷ ସୋମବାରରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ କାଉଡ଼ିଆ ନଦୀରୁ ଜଳ ଆଣି ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିରରେ ଜଳ ଲାଗି କରିଥିଲେ କାଉଡ଼ିଆମାନେ ଦଳଦଳ ହୋଇ ପାଣି ଭାର ଧରି ଗତ କାଲି ମଧ୍ୟ ରାତ୍ରରୁ ଲୋକନାଥ ମନ୍ଦିରରେ ଧାଡ଼ି ଲଗାଇ ଥିଲେ ଲୋକନାଥ ଦେବଙ୍କର ଦୈନନ୍ଦିନ ସକାଳ ନୀତି ଶେଷ ହେବା ପରେ କାଉଡ଼ିଆମାନେ ଶାନ୍ତି ଶୃଙ୍ଖଳା ସହ ଲମ୍ବା ଧାଡ଼ିରେ ମନ୍ଦିର ଭିତରକୁ ପ୍ରବେଶ କରି ଲୋକନାଥ ଦେବଙ୍କୁ ଜଳଲାଗି କରିଥିଲେ। ଲୋକନାଥ ମନ୍ଦିର ବେଢ଼ାରେ ଫୁଲ, ବେଲପତ୍ର, ଭୋଗ ଓ ଦୀପ ଆଦି ପସରା ଖୋଲି ଯାଇଥିଲା। ଏହି କାଉଡ଼ିଆ ଦଳରେ ବହୁ ମହିଳା ଶିଶୁ ମଧ୍ୟ ସାମିଲ ହୋଇଥିବା ଦେଖାଯାଇଥିଲା। ସହର ଭିତରେ ଥିବା ବିଭିନ୍ନ ମହାଦେବ ମନ୍ଦିର ଗୁଡ଼ିକରେ ମଧ୍ୟ ଶ୍ରଦ୍ଧାଳୁ ଭକ୍ତ ମାନଙ୍କର ଲମ୍ବା ଧାଡ଼ି ଲାଗିଥିଲା ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଲୋକନାଥ ଦେବଙ୍କ ମନ୍ଦିରରେ ବହୁ ସଂଖ୍ୟକ ପୋଲିସ୍ ମୁତୟନ କରାଯାଇଥିଲା।

## ଅନୁଗୁ ହେଲେ ରାଜ୍ୟପାଳଙ୍କ ନୂଆ ଏଡିସି



ଭୁବନେଶ୍ୱର, ୨୪/୮(ନିପ୍ର): ୨୦୧୫ ବ୍ୟାଚ୍ ଆଇଏଏସ୍ ତଥା ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଆଜିଠୁ ଛୁଟିରେ ପଳାଇଛନ୍ତି । ରାଜ୍ୟ ସରକାର ତାଙ୍କୁ ୧୮୦ଦିନର ମାତୃତ୍ୱ ଛୁଟି ମଞ୍ଜୁର କରିଛନ୍ତି । ସେହିପରି ରାଜ୍ୟର ପ୍ରଥମ ମହିଳା ଆଇପିଏସ୍ ଭାବେ ରାଜ୍ୟପାଳଙ୍କ ଏଡିସି ଦାୟିତ୍ୱ ତୁଲାଇଥିବା ୨୦୨୨ ବ୍ୟାଚ୍ ଆଇପିଏସ୍ ଅନନ୍ୟା ଅଓ୍ୱସ୍ତିଙ୍କୁ ଆଜି ବଦଳି କରାଯାଇଛି । ତାଙ୍କ ସ୍ଥାନରେ ୨୦୨୩ ବ୍ୟାଚ୍ ଆଇପିଏସ୍ ଅନୁଗୁ ଶିବା ମାରୁଥି ରେଡ୍ଡୀଙ୍କୁ ନିଯୁକ୍ତି ମିଳିଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୨୦୧୫ ବ୍ୟାଚ୍ ଆଇଏଏସ୍ ଅନନ୍ୟା ଦାସ ଏହି ଛୁଟି ମିଳିଛି। ତାଙ୍କ ସ୍ଥାନରେ ଜଣେ ଉପଯୁକ୍ତ ଅଫିସରଙ୍କୁ ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଦାୟିତ୍ୱ ଦେବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ କୁହାଯାଇଛି। ଶ୍ରୀମତୀ ଦାସ ହେଉଛନ୍ତି ବିଡିଏ ଉପାଧ୍ୟକ୍ଷ ତଥା ବିଏମସି କମିଶନର ଚଂଚଳ ରଣାଙ୍କ ପତ୍ନୀ । ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଅନନ୍ୟାଙ୍କୁ ଅଓ୍ୱସ୍ତିଙ୍କୁ କମିଶନରେଟ ପୁଲିସକୁ ବଦଳି ହୋଇଛି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆଇପିଏସ୍ ଅନନ୍ୟା ଅଓ୍ୱସ୍ତି ଅତିରିକ୍ତ ପୁଲିସ କମିଶନର ଭାବେ କାର୍ଯ୍ୟ କରିବେ। ତାଙ୍କ ସ୍ଥାନରେ ଜି ଉଦୟଗିରିରେ ଏସଡିପିଓ ଭାବେ କାର୍ଯ୍ୟରତ ଥିବା ଅନୁଗୁଙ୍କୁ ଏଡିସି ଭାବେ ଅବସ୍ଥାପିତ କରାଯାଇଛି। ଅନୁଗୁଙ୍କ ଘର ତେଲେଙ୍ଗାନାରେ। ସେ ନିକଟରେ ପ୍ରଶିକ୍ଷଣ ଶେଷ କରି ଜିଉଦୟଗିରିରେ ଏସଡିପିଓ ଭାବେ ଯୋଗ ଦେଇଥିଲେ।

## ଯୁବ ସମାଜକୁ ସଠିକ୍ ମାର୍ଗ ଦର୍ଶନ ଉପରେ ଗୁରୁତ୍ୱ

ନିମାପଡ଼ା, ୨୪।୮ (ନିପ୍ର): ନିମାପଡ଼ାର ଅନ୍ୟତମ ଯୁବ ସାମାଜିକ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଦକ୍ଷପା ସଂପନ୍ନ ବ୍ୟକ୍ତିତ୍ୱ, ସାମାଜିକ କାର୍ଯ୍ୟରେ ଲିପ୍ତ ଅନୁଷ୍ଠାନ, ପରିବେଶ ସୁରକ୍ଷାରେ ନେତୃତ୍ୱ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ/ଅନୁଷ୍ଠାନକୁ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଅନୁଷ୍ଠାନର ପଞ୍ଚମ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଦିନ ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚିତ୍ରାଙ୍କନ ଓ ସଂଗୀନ ପ୍ରତିଯୋଗୀତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନ ସଭାପତି ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ତର୍ଜାତୀୟ ଜଗନ୍ନାଥ ସଂସ୍କୃତି ପ୍ରତିଷ୍ଠାନ ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ, ସମାଜସେବୀ ଶାଶ୍ୱତ ଧଳ, କୃଷ୍ଣଚନ୍ଦ୍ର ବେହେରା, ଗୌତମ ମହାରଣା, ଯୁବମୋର୍ଚ୍ଚା ସଭାପତି ସାଇ ପ୍ରୀତମ ପଟ୍ଟନାୟକ, ସମାଜସେବୀ ଅରୁଣ ନାୟକ ପ୍ରମୁଖ ଯୋଗ ଦେଇ ନିମାପଡ଼ାର ଐତିହ୍ୟ ସଂପର୍କରେ ଆଲୋକପାତ କରି ଆଗାମୀ ଦିନରେ ଯୁବ ସମାଜକୁ ସଠିକ୍ ରାସ୍ତାରେ ଯିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଜାଗ୍ରତ ଯୁବଶକ୍ତି, ସାଇ ସନ୍ତୋଷୀ ଫାଉଣ୍ଡେସନ୍, ଯୁବ ବିକାଶ ପରିଷଦର କର୍ମକର୍ତ୍ତାଙ୍କ ସମେତ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନୀତ କରାଯାଇଥିଲା ।

## କମାଣ୍ଡର ରୋହିତ ଧନଖଡ ହେଲେ ସୈନିକ ସ୍କୁଲର ନୂତନ ଉପାଧ୍ୟକ୍ଷ

ଭୁବନେଶ୍ୱର, ୨୪/୮(ନିପ୍ର): କମାଣ୍ଡର ରୋହିତ ଧନଖଡ ସୈନିକ ସ୍କୁଲ ଭୁବନେଶ୍ୱରର ୨୫ତମ ଉପାଧ୍ୟକ୍ଷ ଭାବେ ଯୋଗ ଦାନ କରିଛନ୍ତି । ତାଙ୍କର ସ୍ୱାଗତ ସମ୍ମାନାର୍ଥେ ସ୍କୁଲର ସମସ୍ତ କ୍ୟାଡେଟ ଓ ପୁରାତନ ଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଭାର ଆୟୋଜନ କରାଯାଇଥିଲା । କମାଣ୍ଡର ଧନଖଡ ୨୦୧୩ ମସିହାରେ ଭାରତୀୟ ନୌସେନାରେ କମିଶନ୍‌ଡ ପାହିଆରେ ଯୋଗଦାନ ପୂର୍ବକ ଶିକ୍ଷାଗତ ଟ୍ରେନିଙ୍ଗ୍, ଶାସନ ବିଭାଗ ଓ ଯୁଦ୍ଧ କୌଶଳ ବିଭାଗରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଛନ୍ତି । ସେ ତାଙ୍କର ୧୩ବର୍ଷର ଅଭିଜ୍ଞତା ମଧ୍ୟରେ ମୁଖ୍ୟତଃ ଭାରତୀୟ ନୌସେନାରେ କାର୍ଯ୍ୟରତ ବିଭିନ୍ନ ଯୁଦ୍ଧ ଜାହାଜରେ ସେବା ପ୍ରଦାନ କରିଛନ୍ତି । ଏଥି ମଧ୍ୟରେ ଆଇ.ଏନ.ଏସ. କଦମ୍ବ ଓ ଆଇ.ଏନ.ଏସ. କରଓ୍ୱାର ରେ ସିନିୟର ଏଜୁକେସନ ଅଫିସର, ନୌସେନା ରିକ୍ରୁଟମେଂଟ୍ ଅଫିସର, ଅଫିସର ଇନ୍‌ଚାର୍ଜ ଅନ ଲାଇନ୍ ପରୀକ୍ଷା ସେହଟର, ମେରିଟାଇମ୍ ଲାଇବ୍ରେରୀ, ଭେଟେରାନ୍ ସେଇଲର୍ ଫୋରମ୍, ଅନଜାଦ୍ୱୀପ ଠାରେ ଏବଂ ଅନ୍ୟାନ୍ୟ ପଦପଦବୀରେ କାର୍ଯ୍ୟନିର୍ବାହ କରିଛନ୍ତି । ଏହାଛଡ଼ା କମାଣ୍ଡର ଧନଖଡ, ଆଇ.ଏନ୍.ଏସ୍. ସର୍ଦ୍ଦାର ପଟେଲ୍ (ପୋର ବନ୍ଦର), ଏଜୁକେସନ୍ ଅଫିସର ଆଇ.ଏନ୍.ଏସ୍. ମାଣ୍ଡୋଭି (ଗୋଆ), ଅଫିସର ଇନ୍‌ଚାର୍ଜ ସାଗର ପ୍ରହରୀ ବଳ, ଆଇ.ଏନ୍.ଏସ୍. ବାଜ୍ (ଗ୍ରେଟ୍ ନିକୋବର), ଡିଭିଜିନାଲ୍ କମାଣ୍ଡର ଆଇ.ଏନ୍.ଏସ୍. ଚିଲିକା (ଖୋର୍ଦ୍ଧା), ଗନେରୀ ଅଫିସର ଆଇ.ଏନ୍.ଏସ୍. କେଶରୀ (ପୋର୍ଟ ବ୍ଲେୟାର), ଠାରେ ମଧ୍ୟ ପ୍ରଶଂସନିୟ ସେବାଦାନ କରିଛନ୍ତି । ଏହାଛଡା କମାଣ୍ଡର ଧାଙ୍କର ଭାରତୀୟ ନୌସେନାରେ ବ୍ୟାଡମିଂଟନ୍, କ୍ରସକଂଟ୍ରି ଓ ସ୍ୱିମିଙ୍ଗେ ନିଜର ଉଚ୍ଚକୌଶଳ ଓ ନୈପୂନ୍ୟତା ପାଇଁ ପୁରସ୍କୃତ ହୋଇଛନ୍ତି ।

## ହିନ୍ଦୁ ଦେବୋତ୍ତର ଆଇନରେ ହେବ ସଂଶୋଧନ

ଭୁବନେଶ୍ୱର, ୨୪।୮(ନିପ୍ର): ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନରେ ସଂଶୋଧନ ହେବ। ଏନେଇ ଅନୁଷ୍ଠିତ ବୈଠକରେ ସଂଶୋଧିତ ଆଇନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି ମଠ ମନ୍ଦିରର ସୁପରିଚାଳନା ପାଇଁ ଆଇନ ସଂଶୋଧନର ଆବଶ୍ୟକତା ଥିଲା। ଆସନ୍ତା ବିଧାନସଭା ଅଧିବେଶନରେ ଏସଂକ୍ରାନ୍ତ ସଂଶୋଧନ ପ୍ରସ୍ତାବ ଆସିବ। ଆଇନ କମିଶନଙ୍କ ନେତୃତ୍ୱରେ ଏହାର ଚିଠା ରୂପରେଖ ପ୍ରସ୍ତୁତ ହୋଇଛି।

## ଏମ୍ସ ଭୁବନେଶ୍ୱର ବର୍ଣ୍ଣସ୍ ଓ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ସଫଳ ଯାତ୍ରା



ଭୁବନେଶ୍ୱର, ୨୪/୮(ପିଆଇବି): ଏମ୍ସ ଭୁବନେଶ୍ୱର ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଏହାର ଗୌରବମୟ ଏକ ଦଶନ୍ଧି ଯାତ୍ରା ପୂରଣ କରିଛି। ଶଲ୍ୟଚିକିତ୍ସା, ନବସୃଜନ, ତାଲିମ ଏବଂ ଶୈକ୍ଷିକ ଉତ୍କର୍ଷତାର ଦଶନ୍ଧି ଧରି ଚାଲିଥିବା ଯାତ୍ରାରେ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏନେଇ ବିଭାଗ ପକ୍ଷରୁ ଚଳିତ ମାସ ୨୧ ଏବଂ ୨୨ ରେ ଅର୍ଥପୂର୍ଣ୍ଣ ଜାତୀୟ ସିଏମ୍‌ଇ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଯାତ୍ରାକୁ ପାଳନ କରିଛି। ଦେଶର ବିଭିନ୍ନ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରୁ ଖ୍ୟାତାନାମା ଶଲ୍ୟ ଚିକିତ୍ସକମାନେ ଏହି ଦୁଇଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ବ୍ରାକିଆଲ୍ ପ୍ଲେକ୍ସସ୍ ଆଘାତରେ ମାଧ୍ୟମିକ ପ୍ରକ୍ରିୟା' ଉପରେ ଲାଇଭ୍ ସର୍ଜରୀ ମଧ୍ୟ ସ୍ଥାନ ପାଇଥିଲା। କ୍ରମାଗତ ଭାବେ ୧୦ ଟି ଲାଇଭ୍ ସର୍ଜିକାଲ୍ ପ୍ରଦର୍ଶନ ଦେଶରେ ରେକର୍ଡ କରିଛି। ଯାହାକି ସର୍ବଭାରତୀୟ କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରିପାରିଛି। ଏମ୍ସ ଭୁବନେଶ୍ୱରରେ ଥିବା ୩୬ ଶଯ୍ୟା ବିଶିଷ୍ଟ ଆଧୁନିକ ବର୍ଣ୍ଣ ୟୁନିଟ୍, ସମ୍ପୂର୍ଣ୍ଣ ପୋଡ଼ା କ୍ଷତ ପରିଚାଳନା, ପୁନଃନିର୍ମାଣ ଅସ୍ତ୍ରୋପଚାର ଏବଂ ପୁନର୍ବାସ ସେବା ପ୍ରଦାନ ନିମନ୍ତେ ଉତ୍ସର୍ଗୀକୃତ। ଏହା ପୂର୍ବ ଭାରତର ଅତ୍ୟାଧୁନିକ ବର୍ଣ୍ଣ କେୟାର ୟୁନିଟ୍ ମଧ୍ୟରୁ ଗୋଟିଏ। ଗତ ଏକ ଦଶନ୍ଧି ମଧ୍ୟରେ, ଏହି କେନ୍ଦ୍ର ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଆସିଥିବା ଗୁରୁତର ଏବଂ ହାଇ-ପ୍ରୋଫାଇଲ୍ ମାମଲା ସମେତ ଦେଢ଼ ହଜାରରୁ ଅଧିକ ପୋଡ଼ି ଯାଇଥିବା ରୋଗୀଙ୍କୁ ସଫଳତାର ସହିତ ଚିକିତ୍ସା କରିଛି। ସେହିପରି ଏମ୍ସ ଭୁବନେଶ୍ୱରରେ ଥିବା ଏହି କେନ୍ଦ୍ର ଅନ୍ୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରୁ ରେଫର୍ ହୋଇଥିବା ପୋଡ଼ା ପୀଡିତଙ୍କ ପାଇଁ ଚର୍ମ ଆଲୋଗ୍ରାଫ୍ଟ ସହାୟତା ମଧ୍ୟ ପ୍ରଦାନ କରିଛି। ଏହି ବିଭାଗ ଗତ ଦଶ ବର୍ଷ ମଧ୍ୟରେ ୭ ହଜାରରୁ ଅଧିକ ପୁନଃନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରିଛି।

## 'ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ: ୩ରୁ ୪ ମାସରେ'

ଭୁବନେଶ୍ୱର, ୨୪/୦୮ : ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଛୁଟି ଦିନରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଛି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବ ପରେ ନିଷ୍ପତ୍ତି ହୋଇଥିଲା ଶ୍ରୀମନ୍ଦିରରେ କେମିତି ଦର୍ଶନ ଶୃଙ୍ଖଳିତ ହେବ। ମନ୍ଦିର ଭିତର ଓ ନାଟମଣ୍ଡପକୁ ଏୟାର କଣ୍ଡିସନ କରିବାକୁ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ଉଚ୍ଚତାରୁ ଦର୍ଶନ କରିବାକୁ ପ୍ଲାଟଫର୍ମ କରାଯାଇଥିଲା, ବୈଷୟିକ ସମସ୍ୟା ଆସିବାରୁ ଏହାକୁ ଘୁଞ୍ଚା ଦିଆଯାଇଛି । ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ନେଇ ହୋଇଥିବା ଉଚ୍ଚସ୍ତରୀୟ ବୈଠକ ପରେ



ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ ଆହୁରି ମଧ୍ୟ କହିଛନ୍ତି, ଆଇଆଇଟି ଭୁବନେଶ୍ୱରକୁ ଏହାର ଯାନ୍ତ୍ରିକ ଯାଞ୍ଚ ଦାୟିତ୍ୱ ଦିଆଯାଇଥିଲା। ସୋମବାର ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସମସ୍ତ ବିକଳ୍ପ ଦେଖାଇଥିଲେ । ଏହାର ପାଇଲଟ୍ ମଡେଲ କରିବାକୁ ଆଲୋଚନା ହୋଇଛି। ଧାଡ଼ି ଦର୍ଶନ ବ୍ୟବସ୍ଥା ଖୁବଶୀଘ୍ର ଆରମ୍ଭ ହେବ। ମହାପ୍ରଭୁଙ୍କ ଦର୍ଶନ କିପରି ଶୃଙ୍ଖଳିତ ହେବ ତା'ର ତର୍ଜମା ହୋଇଛି । ମନ୍ଦିର ନୀତିକାନ୍ତି ଓ ଲୋକଙ୍କ ଦର୍ଶନରେ ସମସ୍ୟା ନହେବା ପାଇଁ ପାଇଲଟ୍ ମଡେଲ କରାଯାଇଛି । ଆଠ ଦଶଦିନ ମଧ୍ୟରେ ସେମାନେ ଏହାକୁ ଦେଖାଇବେ । ତିନି ୪ ମାସ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ ହେବ । ୫ଟି ରାମ୍ପରେ ଆନୁମାନିକ ୫୦ ଜଣ ଲୋକ ଏକସଙ୍ଗେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ । ଗୋଟିଏ ଘଣ୍ଟାରେ ୮ରୁ ୧୦ ହଜାର ଲୋକ ସୁରୁଖୁରୁ ଦର୍ଶନ କରିପାରିବେ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସାତ ପାହଚ ମଧ୍ୟ ଦେଇ ଶ୍ରଦ୍ଧାଳୁ ଭିତରକୁ ପଶିବେ, ଗରୁଡ଼ ସ୍ତମ୍ଭ ଠୁ ବାହାର କାଠ ପର୍ଯ୍ୟନ୍ତ ରାମ୍ପ ହେବ ।

# ବାରବାଙ୍କ ଘାଟିରେ ଭୂସ୍ଖଳନ

## ରାଜପଥରେ ଛୋଟ ବଡ଼ ପଥର ସହ ମାଟି ଅତଡ଼ା



ଯୋଡା,୨୪/୮(ନିପ୍ର): ଜାତୀୟ ରାଜପଥରେ ପଡ଼ିଛି ଛୋଟବଡ଼ ପଥର ଖଣ୍ଡ। ପ୍ରବଳ ବର୍ଷା ଲାଗି ପାହାଡ଼ ଉପରୁ ଅତଡ଼ା ଖସି ୫୨୦ ନମ୍ବର ଜାତୀୟ ରାଜପଥ ଉପରକୁ ମାଡ଼ିଆସିଲା ଛୋଟବଡ଼ ପଥର ସହ ମାଟି ଅତଡ଼ା । କେନ୍ଦୁଝର ଜିଲ୍ଲା ରୁଗୁଡି ଥାନା ୫୨୦ ଜାତୀୟ ରାଜପଥ ବାରବାଙ୍କ ଘାଟିରେ ଦେଖିବାକୁ ମିଳିଛି ଏହି ଘଟଣା । ରବିବାର ଅପରାହ୍ନରୁ ଲାଗିଛି ରହିଛି ଲଗାଣ ବର୍ଷା । ପ୍ରବଳବର୍ଷା ଯୋଗୁଁ କେନ୍ଦୁଝର ରୁଗୁଡ଼ି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୨୦ ନମ୍ବର ବାରବାଙ୍କ ଘାଟିରେ ଭୂସ୍ଖଳନ। ଗତ ରାତିରେ ରାଜପଥରେ ଗୋଟିଏ ପାର୍ଶ୍ୱର ଅଧା ଭାଗରେ ଧସି ପଡ଼ିଛି ମାଟି ଅତଡ଼ା। ଛୋଟ ଏବଂ ବଡ଼ ପଥର ଖଣ୍ଡ ଜାତୀୟ ରାଜପଥ ଉପରେ ପଡ଼ିରହିଛି। ଫଳରେ ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣା ଏଡ଼ାଇବା ଏବଂ ଟ୍ରାଫିକ୍ ସ୍ୱାଭାବିକ ରଖିବା ପାଇଁ ପୁଲିସ ପକ୍ଷରୁ ତତକ୍ଷଣାତ୍ ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ଅନ୍ୟ ପାଖ ଦୁଇ ଲେନ ରାସ୍ତା ଦେଇ ସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି ଗାଡ଼ି। ବାରବାଙ୍କ ଘାଟି ନାମରେ ନାମିତ ଏହି ରାସ୍ତା ପାର୍ଶ୍ୱରେ ଜଙ୍ଗଲକୁ ନଷ୍ଟ କରି ରାସ୍ତା ନିର୍ମାଣ, ଖଣି ଖନନ ଫଳରେ ମୃତ୍ତିକା ଅବକ୍ଷୟ ହୋଇ ଅତଡ଼ା ଖସିବା ଘଟଣା ଏ ଅଞ୍ଚଳରେ ପ୍ରଥମ। ଏହିପରି ଅନେକ ସ୍ଥାନ ରହିଛି ଯାହା ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଅଛି। ଏନଏଚଏଆଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜି ଥିବାନେଇ ସାଧାରଣରେ ଆଲୋଚନା ହେଉଛି ।

## ଖେଳାଳି ଓ ନୀତି ନିର୍ମାତାଙ୍କୁ ଏକାଠି କରିବ 'ଖେଲୋ ଇଣ୍ଡିଆ ଡାଏଲଗ୍'

ନୂଆଦିଲ୍ଲୀ, ୨୪/୮(ପିଆଇବି): ଜାତୀୟ କ୍ରୀଡ଼ା ଦିବସ ୨୦୨୬ ପାଳନ ଅବସରରେ ଆସନ୍ତା ୨୭ ତାରିଖରେ ଦେଶବ୍ୟାପୀ ବୃହତ୍ ଯୁବ ଭାଗିଦାରୀ ପଦକ୍ଷେପ 'ଖେଲୋ ଇଣ୍ଡିଆ ଡାଏଲଗ୍ - ଖେଲ୍ କି ବାତ୍, ପ୍ରଧାନମନ୍ତ୍ରୀ ମୋଦୀ କେ ସାଥ୍' ଆୟୋଜିତ ହେବ। ଏହି ପଦକ୍ଷେପ ଅଧୀନରେ ଦେଶର ୧,୫୦୦ରୁ ଅଧିକ ସ୍ଥାନରେ ଯୁବବର୍ଗ, କ୍ରୀଡ଼ାବିତ୍ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଅଂଶଗ୍ରହଣ କରି କ୍ରୀଡ଼ା, ଯୁବ ନେତୃତ୍ୱ ଓ ରାଷ୍ଟ୍ର ନିର୍ମାଣ ସମ୍ପର୍କିତ ବିଷୟରେ ଆଲୋଚନା କରିବେ। ଏହି ଦେଶବ୍ୟାପୀ ପଦକ୍ଷେପ ଉଦୀୟମାନ ଯୁବ ଆଥଲେଟ୍‌ମାନଙ୍କ ପାଇଁ ଭାରତର କ୍ରୀଡ଼ା ଏବଂ ଯୁବ ବ୍ୟବସ୍ଥାର ଭବିଷ୍ୟତ ସମ୍ପର୍କରେ ସେମାନଙ୍କର ବିଚାର, ପରାମର୍ଶ ଏବଂ ନୂତନ ଚିନ୍ତାଧାରା ପାଇଁ ଏକ ପ୍ରତ୍ୟକ୍ଷ ମଞ୍ଚ ସୃଷ୍ଟି କରିବ।

### ଗ୍ୟାସ୍ ସିଲିଣ୍ଡର୍ ଫାଟି ଜଳିଗଲା ଦୋକାନ

## ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ

ହିଞ୍ଜିଳିକାଟୁ, ୨୪।୮(ନିପ୍ର): ଦୋକାନରେ ଚାହା ପ୍ରସ୍ତୁତ କରୁଥିବା ବେଳେ ଗ୍ୟାସ୍ ସିଲିଣ୍ଡର୍ ଫାଟି ସ୍ୱାମୀ ଓ ସ୍ତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ଦୋକାନରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଏଥିସହ ଦୋକାନ ସିମେଣ୍ଟ କାନ୍ଥ ଫାଟି ଯାଇଛି। ଏଭଳି ଏକ ଘଟଣା ସୋମବାର ହିଞ୍ଜିଳି ଥାନା ନୂଆଁ ବୁରୁପଡା ଗ୍ରାମରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ପ୍ରତିଦିନ ଭଳି ସୋମବାର ସକାଳେ ହିଞ୍ଜିଳି ଥାନା ନୂଆଁ ବୁରୁପଡା ତଥା ୫୯ ନମ୍ବ ଜାତୀୟ ରାଜପଥ ପାର୍ଶ୍ୱରେ କୈଳାସ ମୁନିଙ୍କ ଚାହା ପାନ ଦୋକାନରେ କୈଳାସ ଓ ତାଙ୍କ ସ୍ତ୍ରୀ ସାଗରିକା ମୁନି ଦୋକାନରେ ଗ୍ୟାସ୍ ସିଲିଣ୍ଡର୍ ଯୋଗେ ଚାହା ପ୍ରସ୍ତୁତ କରୁଥିବା ବେଳେ କୌଣସି କାରଣରୁ ଗ୍ୟାସ୍ ସିଲିଣ୍ଡର୍ ଫାଟି ଯାଇଥିଲା।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଗୋପବନ୍ଧୁଙ୍କ ଅଣନାତୁଣୀ

ଭୁବନେଶ୍ୱର, ୨୪/୮(ନିପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଣ ନାତୁଣୀ ତଥା ବିଶିଷ୍ଟ ଶିକ୍ଷାବିତ୍ ସ୍ମିତା ଦାସ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁଙ୍କୁ ରାଷ୍ଟ୍ରପତି ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
BRAHMAPUR IRRIGATION DIVISION, BRAHMAPUR
Email: eebam_irr@yahoo.com

32001/740/2627

No ୬୧୩୭ ତାଂ.୧୭.୦୮.୨୦୨୬

QUOTATION CALL NOTICE NO.-01/2026-27

1. Type of Work :- Supply of DG Set
2. Total No of Works :- 01 (One) No.
3. Amount put to tender :- ₹ 7.88 Lakh
4. Period of completion :- 30 (Thirty) Days
5. Paper Cost :- ₹ 4000/- per each
6. Class of Contractor :- Registered Firms/Authorised Dealers/Distributors/ Manufacturers

| Sl. No. | Procurement officer | Bid Identification No. | Name of the Work | Bid Amount (Rs. in lakh) | Availability & Submission of Bid On-line | Date and Place of opening of Technical Bids online |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Superintending Engineer, Brahmapur Irrigation Division, Brahmapur, District: Ganjam | SE-BRID - 01/2026-27 | Procurement of 01 no of 45 KVA Diesel Generator Set with standard panel & Base frame for use at Karuna IB at Jagannathpur Junction (Jn). | 7.88 | From 11.00 A.M. of dt. 28.08.2026 to 5.00 P.M. of dt 10.09.2026 | 11.09.2026 (11.00 A.M.) in the office of the Superintending Engineer, Brahmapur Irrigation Division, Brahmapur. |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site www.tendersorissa.gov.in. Any addendum/corrigendum/cancellation of the tender can be seen in the above website only.

Superintending Engineer,
Brahmapur Irrigation Division,
Brahmapur

OIPR 32001/32025/1/26-27/0002

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ